ସପ୍ତ ମଣ୍ଡଳୀ ଯୁଗ

ଅଷ୍ଟମ ଅଧ୍ୟାୟ

ଫିଲାଦେଲଫୀୟ ମଣ୍ଡଳୀ ଯୁଗ

ପ୍ରକାଶିତ ବାକ୍ୟ ୩:୭-୧୩

"ଫିଲାଦେଲଫିଆ ମଣ୍ଡଳୀର ଦୂତ ନିକଟକୁ ଲେଖ:- ଯେ ପବିତ୍ର ଓ ସତ୍ୟ, ଯାହାଙ୍କ ହସ୍ତରେ ଦାଉଦଙ୍କର କଞ୍ଜି ଅଛି, ଯେ ଫିଟାଇଲେ କେହି ବନ୍ଦ କରି ନ ପାରେ, ଆଉ ବନ୍ଦ କଲେ କେହି ଫିଟାଇ ନ ପାରେ, ସେ ଏହା କହନ୍ତି,

ଆମ୍ଭେ ତୁମର କାର୍ଯ୍ୟ ଜାଣୁ; ଦେଖ, ଆମ୍ଭେ ତୁମ୍ଭର ସମ୍ମୁଖରେ ଗୋଟିଏ ଦ୍ୱାର ଫିଟାଇଅଛୁ, କେହି ତାହା ବନ୍ଦ କରି ପାରେ ନାହିଁ, କାରଣ ତୁମ୍ଭର ଶକ୍ତି ସାମାନ୍ୟ, ତଥାପି ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରି ଆମ୍ଭର ନାମ ଅସ୍ୱୀକାର କରି ନାହଁ ।

ଦେଖ, ଯେଉଁମାନେ ଯିହୂଦୀ ନୁହନ୍ତି, କିନ୍ତୁ ମିଥ୍ୟାରେ ଆପଣାମାନଙ୍କୁ ଯିହୂଦୀ ବୋଲି କହନ୍ତି, ଏପରି ଶୟତାନର ଦଳର ଲୋକମାନଙ୍କୁ ଆମ୍ଭେ ଆଣି ତୁମ୍ଭର ଚରଣ ତଳେ ପ୍ରଣାମ କରାଇବୁ, ଆଉ ଆମ୍ଭେ ଯେ ତୁମ୍ଭକୁ ପ୍ରେମ କରିଅଛୁ, ଏହା ସେମାନଙ୍କୁ ଜ୍ଞାତ କରାଇବୁ ।

ତୁମ୍ଭେ ଆମ୍ଭର ଧୈର୍ଯ୍ୟର ବାକ୍ୟ ରକ୍ଷା କରିଅଛ, ଏହେତୁ ପୃଥିବୀନିବାସୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ସମସ୍ତ ଜଗତ ଉପରକୁ ଯେଉଁ ପରୀକ୍ଷାକାଳ ଆସିବ, ସେଥିରୁ ଆମ୍ଭେ ମଧ୍ୟ ତୁମ୍ଭକୁ ରକ୍ଷା କରିବୁ ।

ଆମ୍ଭେ ଶୀଘ୍ର ଆସୁଅଛୁ, ତୁମ୍ଭର ମୁକୁଟକୁ ଯେପରି କେହି ହରଣ କରି ନ ନିଏ, ଏଥିନିମନ୍ତେ ତୁମ୍ଭର ଯାହା ଅଛି, ତାହା ଦୃଢ଼ରୂପେ ଧରି ରଖ ।

ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ପରମେଶ୍ୱରଙ୍କର ମନ୍ଦିରର ସ୍ତମ୍ଭସ୍ୱରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବ ନାହିଁ, ଆମ୍ଭେ ଆମ୍ଭର ପରମେଶ୍ୱରଙ୍କର ନାମ ଓ ସ୍ୱର୍ଗରୁ ତାହାଙ୍କଠାରୁ ଆଗତ ଯେଉଁ ନୂତନ ଯିରୂଶାଲମ, ଆମ୍ଭର ପରମେଶ୍ୱରଙ୍କର ନଗରୀର ନାମ, ପୁଣି ଆମ୍ଭ ନିଜର ନୂତନ ନାମ ତାହା ଉପରେ ଲେଖିବୁ ।

ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।"

ଫିଲାଦେଲଫିଆ (Philadelphia)

ସାର୍ଦ୍ଧୀର ପଞ୍ଚସ୍ତରୀ ମାଇଲ ଦକ୍ଷିଣ ପୂର୍ବରେ ଫିଲାଦେଲଫିଆ ସହର ଅବସ୍ଥିତ ଥିଲା । ଏହା ଲୁଦିଆ (Lydia)ର ଦ୍ୱିତୀୟ ବୃହତ୍ତମ ନଗର ଥିଲା । ଏହା ଏକ ପ୍ରସିଦ୍ଧ ଦ୍ରାକ୍ଷାରସ ଉତ୍ପାଦନକାରୀ ଜିଲ୍ଲାରେ ଥିବା କେତେଗୋଟି ପାହାଡ଼ ଉପରେ ନିର୍ମିତ ହୋଇଥିଲା । ଏହାର ମୁଦ୍ରାସବୁ ବେକ୍‌କସ୍ (Bacchus)ଙ୍କ ମସ୍ତକ ଓ ଜଣେ ବେକ୍‌କାନ୍ତେ (Baccante) (ବେକ୍‌କସ୍ ଙ୍କ ମହିଳା-ଯାଜକ)ଙ୍କ ପ୍ରତିମୂର୍ତ୍ତି ଧାରଣ କରିଥିଲା । ଉକ୍ତ ନଗରୀର ଜନସଂଖ୍ୟା ମଧ୍ୟରେ ଯିହୂଦୀ, ଯିହୂଦୀ ମୂଳର ଖ୍ରୀଷ୍ଟିୟାନ, ପୁଣି ମୂର୍ତ୍ତିପୂଜାରୁ ପରିବର୍ତ୍ତିତ ଲୋକମାନେ ଅନ୍ତର୍ଭୁକ୍ତ ଥିଲେ । ଏହି ନଗରୀଟି ଘନ ଘନ ସଂଘଟିତ ହେଉଥିବା ଭୂମିକମ୍ପମାନର ସମ୍ମୁଖୀନ ହୋଇଥିଲା, ତଥାପି ସୁଦ୍ଧା ଏହି ନଗରୀର ସ୍ଥିତିକାଳ ପ୍ରକାଶିତ ବାକ୍ୟରେ ଉଲ୍ଲିଖିତ ସାତଗୋଟି ନଗରୀ ମଧ୍ୟରୁ ସର୍ବାଧିକ ଥିଲା । ପ୍ରକୃତରେ କହିବାକୁ ଗଲେ, ଉକ୍ତ ନଗରୀଟି ଆଜି ମଧ୍ୟ ସେହି ତୁର୍କୀୟ (Turkish) ନାମ ଆଲାସେହିର (Alasehir), ଅର୍ଥାତ୍ ପରମେଶ୍ୱରଙ୍କର ନଗରୀ ଭାବରେ ବିଦ୍ୟମାନ ଅଟେ ।

ମୁଦ୍ରାଗୁଡ଼ିକର ମୁଦ୍ରଣ ବେକ୍‌କସ୍ (Bacchus)ଙ୍କୁ ଏହି ନଗରୀର ଆରାଧ୍ୟ ଦେବତାଭାବେ ଉପସ୍ଥାପିତ କରେ । ତେବେ, ବେକ୍‌କସ୍ ସେହି ନାଇନସ୍ (Ninus) ଅବା ନିମ୍ରୋଦ (Nimrod) ହିଁ ଅଟନ୍ତି । ସେ 'ବିଲାପକାରୀ ବ୍ୟକ୍ତି ଜଣକ' ଅଟନ୍ତି, ଯଦିଚ ଆମ ମଧ୍ୟରୁ ଅନେକେ ତାଙ୍କୁ କୋଳାହଳପୂର୍ଣ୍ଣ ତଥା ନିଶାଗ୍ରସ୍ତ ବୋଲି ମନେ କରିଥାଉ ।

ଏହା ଆମ ମନରେ କିପ୍ରକାର ଭାବ ପ୍ରକାଶ କରେ । ଏଠାରେ ଏପରି ଏକ ମୁଦ୍ରାଟିଏ ରହିଛି ଯାହାର ଗୋଟିଏ ପାର୍ଶ୍ୱରେ ଦେବତା ଓ ଅନ୍ୟ ପାର୍ଶ୍ୱରେ ମହିଳା-ଯାଜକ ଅବା ଭବିଷ୍ୟଦବକତ୍ରୀଙ୍କ ଚିତ୍ର । ତେବେ, ମୁଦ୍ରାଟିକୁ ଉପରକୁ ଫିଙ୍ଗନ୍ତୁ । ଏହା ଯେଉଁପ୍ରକାରେ ତଳେ ପଡୁ ନା କାହିଁକି, ସେଥିରେ କିଛି ଯାଏ ଆସେ କି ? ନା ଆଜ୍ଞା, ଏହା ତ ତଥାପି ସୁଦ୍ଧା ସେହି ସମାନ ମୁଦ୍ରା ଅଟେ । ତାହା ହିଁ ହେଉଛି ଯୀଶୁ ଓ ମରିୟମଙ୍କ ରୋମଭାବାପନ୍ନ ଧର୍ମ ।

ତେବେ, ଆମେ କେବଳ ରୋମ୍ ବିଷୟରେ ହିଁ ଚିନ୍ତା କରୁନାହୁଁ । ନା, ସେଠାରେ ତ କେବଳମାତ୍ର ସେହି ମହାବେଶ୍ୟା ହିଁ ନୁହେଁ । ନିଶ୍ଚିତରୂପେ ନୁହେଁ ; କାରଣ ସେ ନିଜ ବ୍ୟଭିଚାର ଦ୍ୱାରା ଏକ ମାତା ହୋଇଛି । ତା'ର କନ୍ୟାମାନେ ବର୍ତ୍ତମାନ ସେହି ସମାନ ମୁଦ୍ରାଶାଳାର ମୁଦ୍ରା ଅଟନ୍ତି । ସେହି ମୁଦ୍ରାର ଗୋଟିଏ ପାର୍ଶ୍ୱରେ ସେମାନେ ଯୀଶୁଙ୍କର ଏକ ଉପାସନାକୁ ଚିତ୍ରଣ କରିଛନ୍ତି ଏବଂ ଅପର ପାର୍ଶ୍ୱରେ ସେମାନେ ସେମାନଙ୍କର ମହିଳା-ଯାଜକ ଅବା ଭବିଷ୍ୟଦବକତ୍ରୀଙ୍କୁ

ମଧ୍ୟ ରଖିଛନ୍ତି, ଆଉ ସେହି ଭବିଷ୍ୟଦବକ୍ତା ନିଜର ଧର୍ମମତ ଓ ନୀତି ତଥା ସିଦ୍ଧାନ୍ତ ବା ବିଶ୍ୱାସମତସବୁ ଲେଖି ସେସବୁକୁ ପରିତ୍ରାଣ ନିମନ୍ତେ ଲୋକମାନଙ୍କୁ ବିକ୍ରୟ କରେ, ପୁଣି ଜୋର୍ ଦେଇ କହିଥାଏ ଯେ, ତା' ନିକଟରେ, କେବଳ ତା'ର ନିକଟରେ ହିଁ ପ୍ରକୃତ ଆଲୋକ ରହିଛି ।

ଏହି ବିଷୟଟି କେତେ ଲକ୍ଷ୍ୟଯୋଗ୍ୟ ଅଟେ ଯେ, ଏହି ଯୁଗଟି ମୁଦ୍ରା ଦ୍ୱାରା ବିଶେଷଭାବେ ଚିହ୍ନିତ ଅଟେ । କାରଣ ମାତା ଓ କନ୍ୟାମାନେ ସମସ୍ତେ ସ୍ୱର୍ଗକୁ ଯିବାର ସେମାନଙ୍କର ପଥକୁ କ୍ରୟ କରୁଛନ୍ତି । କ୍ରୟମୂଲ୍ୟ ରକ୍ତ ନୁହେଁ, ମାତ୍ର ଅର୍ଥ ଅଟେ । ଆତ୍ମା ନୁହନ୍ତି, ବରଂ ଅର୍ଥ ହିଁ ସେହି ଶକ୍ତି ଯାହାକି ସେମାନଙ୍କୁ ଅଗ୍ରସର କରାଇଥାଏ । ଏହି ଜଗତର ଦେବତା (ଧନଦେବତା) (mammon) ସେମାନଙ୍କ ଚକ୍ଷୁକୁ ଅନ୍ଧ କରିଦେଇଛି ।

ତେବେ, ମୃତ୍ୟୁରେ ସେମାନଙ୍କର ଏହି ବ୍ୟାପାର ଖୁବଶୀଘ୍ର ସମାପ୍ତି ଲାଭ କରିବ, କାରଣ ଏହା ହିଁ ସେହି ଯୁଗ ଯେଉଁଥିରେ କି ଆତ୍ମା ଉଚ୍ଚ ସ୍ୱରରେ ଡ଼ାକ ପକାଇ କହନ୍ତି, "ଦେଖ, ଆମ୍ଭେ ଶୀଘ୍ର ଆସୁଅଛୁ। "ହେ ପ୍ରଭୁ ଯୀଶୁ ଶୀଘ୍ର ଆସନ୍ତୁ !

ଫିଲାଦେଲଫୀୟ ଯୁଗ (The Age)

ପିଲାଦେଫିଲଆ ମଣ୍ଡଳୀ ଯୁଗ ୧୭୫୦ ରୁ ପ୍ରାୟ ୨୦୦୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ଏହି ନଗରୀର ନାମର ଅର୍ଥ ହେତୁରୁ ଏହି ଯୁଗଟି 'ଭ୍ରାତୃପ୍ରେମର ଯୁଗ' ବୋଲି ସମ୍ବୋଧିତ ହୋଇଆସିଛି, କାରଣ ଫିଲାଦେଲଫିଆର ଅର୍ଥ ହେଉଛି "ଭାଇମାନଙ୍କର ପ୍ରେମ''।

ବାର୍ତ୍ତାବହ (The Messenger)

ଏହି ଯୁଗ ପ୍ରତି ଉଦ୍ଦିଷ୍ଟ ବାର୍ତ୍ତାବହ-ଦୂତ ନିଃସନ୍ଦେହତଃ ଜନ୍ ୱେସ୍‌ଲି (John Wesley) ଥିଲେ । ଜନ୍ ୱେସ୍‌ଲି ୧୭୦୩ ଖ୍ରୀଷ୍ଟାବ୍ଦ ଜୁନ୍ ୧୭ ତାରିଖରେ ଏପୱର୍ଥ (Epworth)ଠାରେ ଜନ୍ମ ଗ୍ରହଣ କରିଥିଲେ ଓ ଶାମୁଏଲ୍ ତଥା ସୁଶନ୍ନା ୱେସ୍‌ଲିଙ୍କଠାରୁ ଜାତ ଉଣେଇଶ ଜଣ ସନ୍ତାନସନ୍ତତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତାଙ୍କ ପିତା ଚର୍ଚ୍ଚ ଅଫ ଇଂଲଣ୍ଡ ମଣ୍ଡଳୀରେ ଜଣେ ଯାଜକ ଥିଲେ, ମାତ୍ର ଜନ୍ ଙ୍କର ମନର ଧର୍ମଗତ ପ୍ରଭାବଟି ଖୁବ ସମ୍ଭବତଃ ତାଙ୍କ ପିତାଙ୍କର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପରମାର୍ଥବିଦ୍ୟା ଅପେକ୍ଷା ତାଙ୍କ ମାତାଙ୍କର ଆଦର୍ଶ ଜୀବନ ଉପରେ ଅଧିକ ଆଧାରିତ ଥିଲା । ଜନ୍ ଜଣେ ମେଧାବୀ ଛାତ୍ର ଥିଲେ । ଅରଫୋର୍ଡ (Orford)ଠାରେ ତାଙ୍କ ରହଣୀ ସମୟରେ ସେ ଓ ଚାର୍ଲସ୍ (Charles) ଏପରି ଏକ ଦଳରେ ଅନ୍ତର୍ଭୁକ୍ତ ହେଲେ, ଯେଉଁମାନେ ବିଶ୍ୱାସମତକୁ ସେମାନଙ୍କର ମାନଦଣ୍ଡ କରିବା ଅପେକ୍ଷା ବରଂ ସତ୍ୟତାର ସପକ୍ଷରେ ଅନୁଭୂତିମୂଳକଭାବେ ଜୀବନଯାପନ କରି ରହିବା ସଙ୍ଗେ ସଙ୍ଗେ ତାକୁ ହିଁ ଭିତ୍ତି କରି ଉପାସନା କରିବା ନିମନ୍ତେ ଆତ୍ମିକରୂପେ ପରିଚାଳିତ ହେଉଥିଲେ । ସେମାନେ କାର୍ଯ୍ୟକ୍ରମଗୁଡ଼ିକର ଏକ ଆତ୍ମିକ ଉପଦେଷ୍ଟା ଉନ୍ମୋଚନ କରିଥିଲେ, ଯଥା: ଦରିଦ୍ରମାନଙ୍କୁ ଦାନ ଦେବା, ଅସୁସ୍ଥ ଓ ବନ୍ଦୀମାନଙ୍କୁ ପରିଦର୍ଶନ କରିବା । ଏହି କାରଣରୁ ସେମାନଙ୍କୁ ମେଥୋଡିଷ୍ଟ (Methodists) ଓ ଅନ୍ୟାନ୍ୟ ବ୍ୟଙ୍ଗାତ୍ମକ ଆଖ୍ୟାଗୁଡ଼ିକରେ ନାମିତ କରାଯାଇଥିଲା । ତେବେ ଜନ୍ ପୃଥିବୀର ଲୋକମାନଙ୍କ ନିମନ୍ତେ ଧର୍ମର ଆବଶ୍ୟକତାରୂପ ତାଙ୍କର ଦର୍ଶନ ଦ୍ୱାରା ଯଥେଷ୍ଟରୂପେ ଅନୁପ୍ରାଣିତ ହୋଇପଡ଼ିଲେ ଯେ ସେ ମୂଳ ଅଧିବାସୀ ଭାରତୀୟମାନଙ୍କ ମଧ୍ୟରେ ଜଣେ ମିଶନାରୀରୂପେ ଆମେରିକାସ୍ଥ ଜର୍ଜିଆ (Georgia) ନଗରକୁ ଯାତ୍ରା କଲେ । ତାଙ୍କ ଯାତ୍ରାପଥରେ ସେ ପାଇଲେ ଯେ, ଜାହାଜରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଅଧିକାଶ ମୋରାଭୀୟ (Moravians)ମାନେ ଥିଲେ । ସମସ୍ତ ପ୍ରକାର ପରିସ୍ଥିତିରେ ସେମାନଙ୍କର ମୃଦୁତା, ଶାନ୍ତି ଓ ସାହସ ଦେଖି ସେ ଗଭୀରଭାବେ ପ୍ରଭାବିତ ହୋଇପଡ଼ିଲେ । ଜର୍ଜିଆଠାରେ ତାଙ୍କର ପରିଶ୍ରମସବୁ ନାନା ପ୍ରକାର ସ୍ୱାର୍ଥତ୍ୟାଗ ତଥା କଠିନ କାର୍ଯ୍ୟ ସତ୍ତ୍ୱେ ଏକ ବିଫଳତା ହିଁ ଥିଲା । ସେ ଏହି କଥା କହି ରୋଦନ କରୁ କରୁ ଇଂଲଣ୍ଡକୁ ଫେରି ଆସିଲେ,"ଭାରତୀୟମାନଙ୍କୁ ପରିବର୍ତ୍ତନ କରିବା ନିମନ୍ତେ ମୁଁ ଆମେରିକା ଯାତ୍ରା କଲି, ମାତ୍ର ଓଃ ! ମୋତେ କିଏ ପରିବର୍ତ୍ତନ କରିବ ?"

ଲଣ୍ଡନକୁ ଫେରିଆସିବା ପରେ ସେ ପୁଣିଥରେ ମୋରାଭୀୟମାନଙ୍କୁ ଭେଟିଲେ । ଏହା ପିଟର ବୋଏହଲର୍ (Peter Boehler) ନାମକ ଜଣେ ବ୍ୟକ୍ତି ଥିଲେ ଯିଏକି ତାଙ୍କୁ ପରିତ୍ରାଣର ମାର୍ଗ ଦେଖାଇଥିଲେ । ଜନ୍ ପ୍ରକୃତ ପକ୍ଷରେ ନୂତନ ଜନ୍ମ ପ୍ରାପ୍ତ ହେଲେ ମାତ୍ର ଏହା ତାଙ୍କ ଭାଇ ଚାର୍ଲସ୍ ଙ୍କ ନିମନ୍ତେ ଅତୀବ ଦୁଃଖ ଓ ପ୍ରତ୍ୟକ୍ଷ କ୍ରୋଧର କାରଣ ହୋଇଥିଲା, ଯିଏକି ବୁଝିପାରି ନ ଥିଲେ ଯେ ଜନ୍ଙ୍କ ପରି ଜଣେ ଆତ୍ମିକ ବ୍ୟକ୍ତି କିପରିଭାବେ ଏହା କହିପାରିଲେ ଯେ, ପରମେଶ୍ୱରଙ୍କ ସହିତ ତାଙ୍କର ସମ୍ବନ୍ଧ ପୂର୍ବେ ଠିକ୍ ନ ଥିଲା । ଯାହାହେଉ ନା କାହିଁକି, ଏହାର ଅଳ୍ପ ସମୟ ଉତ୍ତାରେ ହିଁ ଚାର୍ଲସ୍ ମଧ୍ୟ ଅନୁଗ୍ରହ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଥିଲେ ।

ତେବେ ୱେସ୍‌ଲି ଲଣ୍ଡନଠାରେ ଥିବା ସେହି ପୁଲପିଟ୍ ଅବା ଧର୍ମପୀଠମାନଙ୍କରେ ସୁସମାଚାର ପ୍ରଚାର କରିବାକୁ ଆରମ୍ଭ କଲେ ଯେଉଁଠାରେକି ପୂର୍ବେ ତାଙ୍କର ପ୍ରବେଶାଧିକାର ରହିଥିଲା ; କିନ୍ତୁ ଖୁବ୍ ଶୀଘ୍ର ସେଠାସ୍ଥିତ ସଦସ୍ୟମାନେ ତାଙ୍କୁ ବାହାର କରିଦେଲେ । ଏପରି ସମୟରେ ହିଁ ଥିଲା ଯେତେବେଳେକି ତାଙ୍କର ପୁରାତନ ବନ୍ଧୁ ଜର୍ଜ ୱାଇଟ୍‌ଫିଲଡ଼ (George Whitefield) ତାଙ୍କର ଯଥେଷ୍ଟ ଉପକାରରେ ଆସିଲେ, ଯେହେତୁ ସେ ଜନ୍ ଙ୍କୁ ତାଙ୍କ ନିକଟକୁ ଆସିବାକୁ ପୁଣି ତାଙ୍କୁ ସେହି କ୍ଷେତ୍ରମାନଙ୍କରେ ପ୍ରଚାର କରିବାରେ ସାହାଯ୍ୟ କରିବାକୁ ନିମନ୍ତ୍ରଣ କଲେ, ଯେଉଁଠାରେ କି ସହସ୍ର ସହସ୍ର ଲୋକ ବାକ୍ୟ ଶୁଣିବା ନିମନ୍ତେ ଆଗ୍ରହୀ ଥିଲେ । ତେବେ, ୱେସ୍‌ଲି ପ୍ରଥମେ ସହଜରେ ବିଶ୍ୱାସ କରିପାରି ନ ଥିଲେ ଯେ, ତାହାଙ୍କୁ ଏକ ଭବନ ମଧ୍ୟରେ ପ୍ରଚାର କରିବା ପରିବର୍ତ୍ତେ ବରଂ ଉନ୍ମୁକ୍ତ ସ୍ଥଳରେ ପ୍ରଚାର କରିବାକୁ ଅଛି, ମାତ୍ର ଯେତେବେଳେ ସେ ପ୍ରବଳ ଜନଭିଡ଼ ସଙ୍ଗେ ସଙ୍ଗେ ଆତ୍ମାଙ୍କର ଶକ୍ତିରେ ସୁସମାଚାରର କାର୍ଯ୍ୟ ଦେଖିଲେ ସେତେବେଳେ ସେ ସେପ୍ରକାର ପ୍ରଚାର କରିବା ନିମନ୍ତେ ସମ୍ପୂର୍ଣ୍ଣ ଆନ୍ତରିକତାର ସହ ଆଗେଇ ଗଲେ ।

ଯାହାହେଉ, କାର୍ଯ୍ୟଟି ଖୁବ୍ ଶୀଘ୍ର ଏପରି ବହୁଳ ମାତ୍ରାରେ ବୃଦ୍ଧି ପାଇଲା ଯେ, ସେ ବାକ୍ୟ ପ୍ରଚାର କରିବା ନିମନ୍ତେ ଅଗଣିତ ଅଯାଜକୀୟ ବା ସାଧାରଣ ଲୋକମାନଙ୍କୁ ବାହାରକୁ ପ୍ରେରଣ କରିବାକୁ ଆରମ୍ଭ କଲେ । ଏହା ପେଣ୍ଟିକଷ୍ଟ ସହିତ ଅବିକଳଭାବେ ସମାନାନ୍ତର ଥିବା ପରି ବୋଧ ହେଉଥିଲା, ଯେଉଁଠାରେ

କି ଆତ୍ମା ପ୍ରାୟଃ ରାତ୍ରିସାରା ବାକ୍ୟ ପ୍ରଚାର କରିବା ଓ ଶିକ୍ଷା ଦେବାର ଶକ୍ତି ସହକାରେ ଲୋକମାନଙ୍କୁ ଠିଆ କରାଇଥିଲେ ।

ତାଙ୍କର ଏହି କାର୍ଯ୍ୟରେ ପ୍ରବଳ ବାଧାବିଘ୍ନ ଦେଖା ଦେଇଥିଲା, କିନ୍ତୁ ପରମେଶ୍ୱର ତାଙ୍କର ସହବର୍ତ୍ତୀ ଥିଲେ । ଆତ୍ମାଙ୍କର କାର୍ଯ୍ୟସକଳ ଶକ୍ତିଯୁକ୍ତ ଭାବେ ପ୍ରକଟିତ ହୋଇଥିଲା, ପୁଣି ବେଳେ ବେଳେ ପାପ ବିଷୟରେ ହୃଦ୍‌ବୋଧକାରୀ ଏକ ଆତ୍ମା ଲୋକମାନଙ୍କୁ ସେମାନଙ୍କର ବଳ ହରଣ କରିନେବା ପରି ଅଧିକାର କରୁଥିଲା ଓ ସେମାନେ ନିଜେ ନିଜକୁ ସମ୍ପୂର୍ଣ୍ଣ ନିସ୍ତେଜ ବୋଧ କରି ନିଜ ପାପର ଅତ୍ୟଧିକ ଦୁଃଖରେ ଆର୍ତ୍ତନାଦ କରୁ କରୁ ତଳେ ପଡ଼ିଯାଉଥିଲେ ।

ୱେସ୍‌ଲି ଅସାଧାରଣ (ଉଲ୍ଲେଖନୀୟ) ଭାବରେ ଜଣେ ବଳବାନ୍ ବ୍ୟକ୍ତି ଥିଲେ । ସେ ନିଜ ବିଷୟରେ କହନ୍ତି ଯେ, ତାଙ୍କର ଜନ୍ମଗ୍ରହଣ ସମୟରୁ ସେ କେବେହେଲେ ପନ୍ଦର ମିନିଟ୍ ପାଇଁ ସୁଦ୍ଧା ନିରାଶ ହେବା ସମ୍ବନ୍ଧରେ ତାଙ୍କର ମନେପଡ଼େ ନାହିଁ । ସେ ଦିନକୁ ଛଅଘଣ୍ଟା ଅପେକ୍ଷା ଅଧିକ ସମୟ ନିଦ୍ରା ଯାଉ ନ ଥିଲେ; ପୁଣି, ନିଜ ସେବାକାର୍ଯ୍ୟର ପ୍ରତ୍ୟେକ ଦିବସରେ ଠିକ୍ ପାଞ୍ଚଟା ବେଳେ ପ୍ରଚାର ଆରମ୍ଭ କରିବା ନିମନ୍ତେ ଉପଯୁକ୍ତ ସମୟରେ ସେ ଶଯ୍ୟାରୁ ଉଠି ପଡୁଥିଲେ; ସେ ପ୍ରତ୍ୟେକ ଦିନ ଚାରିଥର ପର୍ଯ୍ୟନ୍ତ ପ୍ରଚାର କରୁଥିଲେ, ଯେପରିକି ବର୍ଷକୁ ସେ ଅନ୍ତତଃ ହାରାହାରି ୫୦୦ ରୁ ଅଧିକ ଧର୍ମୋପଦେଶ ପ୍ରଦାନ କରୁଥିବେ ।

ସେ ହଜାର ହଜାର ମାଇଲ ପଥ ଯାତ୍ରା କରିଥିଲେ ପୁଣି ତାହାଙ୍କର ସହିତ ପରିଭ୍ରମଣକାରୀ ଅଶ୍ୱାରୋହୀମାନେ ମଧ୍ୟ କରିଥିଲେ ଯେଉଁମାନେକି ସୁସମାଚାର ବହନ କରି ନିକଟ ଓ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯାଇଥିଲେ । ପ୍ରକୃତରେ କହିବାକୁ ଗଲେ, ୱେସ୍‌ଲି ଅଶ୍ୱପୃଷ୍ଠରେ ବର୍ଷକୁ ପ୍ରାୟ ୪୫୦୦ ମାଇଲ୍ ଯାତ୍ରା କରୁଥିଲେ ।

ସେ ପରମେଶ୍ୱରଙ୍କର ଶକ୍ତିରେ ଜଣେ ବିଶ୍ୱାସକାରୀ ଥିଲେ ଏବଂ ସେ ଦୃଢ଼ ବିଶ୍ୱାସ ସହକାରେ ଅସୁସ୍ଥମାନଙ୍କ ପାଇଁ ପ୍ରାର୍ଥନା କରୁଥିଲେ, ପୁଣି ସେଥିର ଆଶ୍ଚର୍ଯ୍ୟଜନକ ଫଳସବୁ ମଧ୍ୟ ପରିଦୃଷ୍ଟ ହେଉଥିଲା ।

ତାଙ୍କର ଅନେକ ସଭାସମୂହରେ ଆତ୍ମିକ ଦାସକଳର ପ୍ରକଟୀକରଣ ଦେଖା ଦେଇଥିଲା ।

ୱେସ୍‌ଲି ସଂଗଠନର ସପକ୍ଷରେ ନ ଥିଲେ । ତାଙ୍କର ସହଯୋଗୀମାନେ ଏକ "ସଂଯୁକ୍ତ ସମାଜ" (United Society) ଗଠନ କରିଥିଲେ, ଯେଉଁମାନେ କି ''ଆଦର୍ଶ ବିଶିଷ୍ଟ ତଥା ନିର୍ଦ୍ଦିଷ୍ଟ ପଦ୍ଧତିବିଶିଷ୍ଟ ଦଳେ ଲୋକ ଥିଲେ, ପୁଣି ପରମେଶ୍ୱରପରାୟଣତାର ଶକ୍ତିକୁ ଅନ୍ୱେଷଣ କରୁଥଲେ, ଏକତ୍ର ପ୍ରାର୍ଥନା କରିବା, ପରମେଶ୍ୱରଙ୍କର ପରାମର୍ଶସ୍ୱରୂପ ବାକ୍ୟଗ୍ରହଣ କରିବା, ପୁଣି ପ୍ରେମରେ ପରସ୍ପରକୁ ଲକ୍ଷ୍ୟ ରଖିବା ନିମନ୍ତେ ସଂଯୁକ୍ତ ହୋଇଥିଲେ, ଯେପରିକି ସେମାନେ ନିଜ ନିଜର ପରିତ୍ରାଣକୁ କାର୍ଯ୍ୟକାରୀ କରିବା ଦିଗରେ ପରସ୍ପରର ସାହାଯ୍ୟ କରିପାରିବେ ।" ଉକ୍ତ ଦଳରେ ପ୍ରବେଶ କରିବାର ଏକମାତ୍ର ସର୍ତ୍ତ ଥିଲା ଯେ, ସେମାନେ ଏପରି ବ୍ୟକ୍ତି ହୋଇଥିବା ଉଚିତ୍ "ଯେଉଁମାନଙ୍କର କି ଆଗାମୀ କ୍ରୋଧରୁ ପଳାୟନ କରିବା ଓ ନିଜ ନିଜ ପାପରୁ ଉଦ୍ଧାରପ୍ରାପ୍ତ ହେବା ଦିଗରେ ଏକ ଇଚ୍ଛା ରହିଥିବ ।" କାଳକ୍ରମେ ସେମାନେ ନିଜ ଆତ୍ମାର ମଙ୍ଗଳ ସାଧନ ନିମନ୍ତେ ଆତ୍ମ-ଶୃଙ୍ଖଳା ଦିଗରେ ବ୍ୟବହୃତ ହେବା ପାଇଁ ଏକ କଡ଼ା ନିୟମାବଳୀ ପ୍ରସ୍ତୁତ କଲେ । ୱେସ୍‌ଲି ପୂର୍ବରୁ ଜାଣିପାରିଥିଲେ ଯେ, ତାଙ୍କର ମୃତ୍ୟୁ ପରେ ସେହି ଆନ୍ଦୋଳନଟିକୁ ସଂଗଠିତ କରାଯାଇପାରେ ଏବଂ ପରମେଶ୍ୱରଙ୍କର ଆତ୍ମା ସେମାନଙ୍କୁ ମୃତ ଭାବରେ ପରିତ୍ୟାଗ କରିପାରନ୍ତି । ସେ ଏକଦା ମନ୍ତବ୍ୟ ଦେଇଥିଲେ ଯେ, ଧରାପୃଷ୍ଠରୁ ମେଥୋଡ଼ିଷ୍ଟ ନାମଟି ଲୋପ ପାଇଯିବା ବିଷୟକୁ ନେଇ ତାଙ୍କର ଭୟ ନାହିଁ, ମାତ୍ର ଆତ୍ମା ଛାଡ଼ି ଚାଲିଯିବା ବିଷୟକୁ ନେଇ ସେ ଭୟ କରନ୍ତି ।

ସେ ନିଜ ଜୀବନକାଳରେ ବିପୁଳଧନ ହାସଲ କରିପାରିଥା'ନ୍ତେ ; ମାତ୍ର ସେ ତାହା କଲେ ନାହିଁ । ଅର୍ଥ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ତାଙ୍କର ପ୍ରିୟ ବକ୍ତବ୍ୟ ଥିଲା," ଯେତେ ପାରୁଛ ଅର୍ଜନ କର ; ଯେତେ ପାରୁଛ ସଞ୍ଚୟ କର; ପୁଣି ଯେତେ ପାରୁଛ ଦାନ କର ।" ତେବେ, ଏହା ୱେସ୍‌ଲିଙ୍କ ନିମନ୍ତେ କେତେ ଆଶ୍ଚର୍ଯ୍ୟର ବିଷୟ ହେବ ଯଦି ସେ ଫେରିଆସି ଆଜିର ମେଥୋଡ଼ିଷ୍ଟ ନାମ ଧାରଣ କରିଥିବା ସେହି ସଂପ୍ରଦାୟକୁ ଦେଖନ୍ତି । ସେମାନେ ଧନଶାଳୀ - ପ୍ରଚୁର ଧନଶାଳୀ ଅଟନ୍ତି । ମାତ୍ର, ଜନ୍ ୱେସ୍‌ଲିଙ୍କ ଜୀବନ ଓ ଶକ୍ତି ସେମାନଙ୍କଠାରେ ଅଦୃଷ୍ଟ ଅଟେ ।

ଏହା ମଧ୍ୟ ଉଲ୍ଲେଖ କରାଯିବା ଉଚିତ୍ ଯେ, ୱେସ୍‌ଲି ଏକ ସମ୍ପ୍ରଦାୟଗତ କିଅବା ଦଳଗତ ଭିତ୍ତି ଉପରେ ଏକ କାର୍ଯ୍ୟ ଗଢ଼ିବାକୁ ଆଦୌ ଇଚ୍ଛା କରି ନ ଥିଲେ । ଯଦିଓ ସେ ନିଜ ବିଶ୍ୱାସସମୂହରେ ଜଣେ ଆର୍ମିନୀୟ ଥିଲେ ତଥାପି ସୁଦ୍ଧା ସେ ବିଶ୍ୱାସମତର ଦୃଷ୍ଟିକୋଣରୁ ନିଜ ଭ୍ରାତାମାନଙ୍କଠାରୁ ବିଚ୍ଛିନ୍ନ ବା ଅଲଗା ହେବାକୁ ଚାହିଁ ନ ଥିଲେ । ସେ ସାଧୁ ଯାକୁବଙ୍କ ସପକ୍ଷରେ ଜଣେ ଉତ୍ତମ ପ୍ରାର୍ଥୀ ଥିଲେ: ସେ କେବଳମାତ୍ର ଏକ ଧର୍ମମତ କିଅବା ଏକ ବିଶ୍ୱାସମତ ସମ୍ବନ୍ଧୀୟ ବିବୃତିକୁ ଗ୍ରହଣ କରିନେବା ଅପେକ୍ଷା ବରଂ ବିଶ୍ୱାସ ତଥା କାର୍ଯ୍ୟସମୂହ ବା ଜୀବନ-ଯାପନର ମାର୍ଗ ଉପରେ ନିଜର ଅନନ୍ତ ଜୀବନକୁ ଆଧାରିତ କଲେ ।

ଜନ୍ ୱେସ୍‌ଲି ପରମେଶ୍ୱରଙ୍କର ସେବା କରି ୫୫ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ, ଏପରି ସେବା ଯାହାକି ଖୁବ୍ ଅତ୍ୟଳ୍ପ ଲୋକେ ଏହା କରିବା ନିମନ୍ତେ ଭାବିବାକୁ ସୁଦ୍ଧା ସାହାସ କରିପାରିବେ ନାହିଁ ।

ଅଭିବାଦନ (The Salutation)

ପ୍ରକାଶିତ ବାକ୍ୟ ୩:୭ ,

"ଫିଲାଦେଲଫିଆ ମଣ୍ଡଳୀର ଦୂତ ନିକଟକୁ ଲେଖ ଯେ ପବିତ୍ର ଓ ସତ୍ୟ, ଯାହାଙ୍କର ହସ୍ତରେ ଦାଉଦଙ୍କର କଞ୍ଜି ଅଛି, ଯେ ଫିଟାଇଲେ କେହି ବନ୍ଦ କରି ନ ପାରେ, ଆଉ ବନ୍ଦ କଲେ କେହି ଫିଟାଇ ନ ପାରେ, ସେ ଏହା କହନ୍ତି ।"

୫୫, କେଡ଼େ ସୁନ୍ଦର ଏହି ବାକ୍ୟସକଳ । ସେସମସ୍ତର ଶବ୍ଦ ସୁଦ୍ଧା କେଡ଼େ ମହାନ୍ ଅଟେ । ସେହି ସକଳ ଗୁଣକୁ ଜଣେ ବ୍ୟକ୍ତିଙ୍କ ପ୍ରତି ସଂଯୁକ୍ତ କରାଯାଇପାରିବା ବିଷୟ ଚିନ୍ତା କରିବାଟା ହିଁ କେତେ ଯେ ରୋମାଞ୍ଚକର ଅଟେ । ଯୀଶୁ ଖ୍ରୀଷ୍ଟ, ଅର୍ଥାତ୍ ମହିମାର ପ୍ରଭୁଙ୍କର ବ୍ୟତୀତ ଆପଣା ବିଷୟରେ ଏପରି ବିଷୟସକଳ କହିବା ନିମନ୍ତେ କିଏ ବା ସାହସ କରିପାରିବେ ? ତେବେ, ମୁଁ ବିଶ୍ୱାସ କରେ ଯେ, ଚମତ୍କାରଭାବେ ବର୍ଣ୍ଣନା କରାଯାଇଥିବା ଏହି ବାକ୍ୟାଂଶ ସକଳର ଯଥାର୍ଥ ଅର୍ଥ ବ୍ୟାଖ୍ୟା କରିବାର ମୂଳସୂତ୍ରଟି ୨ ପଦରେ ରହିଅଛି,

"ଦେଖ, ଯେଉଁମାନେ ଯିହୂଦୀ ନୁହନ୍ତି, କିନ୍ତୁ ମିଥ୍ୟାରେ ଆପଣାମାନଙ୍କୁ ଯିହୂଦୀ ବୋଲି କହନ୍ତି, ଏପରି ଶୟତାନର ଦଳର ଲୋକମାନଙ୍କୁ ଆମ୍ଭେ ଆଣି ତୁମ୍ଭର ଚରଣ ତଳେ ପ୍ରଣାମ କରାଇବୁ, ଆଉ ଆମ୍ଭେ ଯେ ତୁମ୍ଭକୁ ପ୍ରେମ କରିଅଛୁ, ଏହା ସେମାନଙ୍କୁ ଜ୍ଞାତ କରାଇବୁ ।"

ମୋ'ର ଏହି ପଦକୁ ମୂଳସୁତ୍ର କହିବାର କାରଣ ହେଉଅଛି ଯେ, ଏହା ସେହି ଯିହୂଦୀମାନଙ୍କ ବିଷୟରେ ଉଲ୍ଲେଖ କରିଥାଏ, ଯେଉଁମାନେ କି ଅନ୍ୟ ସମସ୍ତଙ୍କୁ ବାଦ୍ ଦେଇ ନିଜକୁ ହିଁ ପରମେଶ୍ୱରଙ୍କର ସନ୍ତାନ ବୋଲି ସଦାସର୍ବଦା ଆଖ୍ୟା ଦେଇ ଆସିଅଛନ୍ତି । ସେମାନେ ହିଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ କ୍ରୁଶାର୍ପିତ କରି ବଧ କଲେ । ସେମାନଙ୍କର ଏହି ଭୟଙ୍କର କାର୍ଯ୍ୟ ହିଁ ଯୁଗ ଯୁଗ ଧରି ସେମାନଙ୍କ ନିଜ ରକ୍ତକୁ ସେମାନଙ୍କ ନିଜ ମସ୍ତକ ଉପରେ ବର୍ତ୍ତାଇଥିଲା । ଏହାର କାରଣ ହେଲା ଯେ ଯୀଶୁଙ୍କୁ ସେମାନେ ନିଜର ମଶୀହ ବୋଲି ଅସ୍ୱୀକାର କରିଥିଲେ, ଯାହାକି ବାସ୍ତବରେ ସେ ଥିଲେ । ସେମାନଙ୍କ ପ୍ରତି ଯୀଶୁ ସେହି ଆଗାମୀ ବ୍ୟକ୍ତି, ବା ଦାଉଦଙ୍କ ପୁତ୍ର ନ ଥିଲେ ; ମାତ୍ର ସେମାନଙ୍କ ପାଇଁ ତ ସେ ଥିଲେ ବାଆଲଜିବୂଲ୍ ଅବା କେବଳ ଧ୍ୱଂସ ନିମନ୍ତେ ଉପଯୁକ୍ତ ଥିବା କୌଣସି ଏକ ଅଧର୍ମାଚାରୀ ବ୍ୟକ୍ତି । ତେବେ, ଏହା ସେପରି ନୁହେଁ। ସେ ତ ବାସ୍ତବରେ ଇସ୍ରାଏଲ, ଅର୍ଥାତ୍ ଶରୀରରେ ପ୍ରକଟିତ ପରମେଶ୍ୱର ଥିଲେ । ସେ ତ ବାସ୍ତବରେ ମଶୀହ ଅଟନ୍ତି । ସେ ନିଶ୍ଚିତଃ ଅବିକଳଭାବେ ତାହା ହିଁ ଥିଲେ ଯେପରିକି ସେ କଅଣ ହେବେ ବୋଲି ବର୍ତ୍ତମାନ ଆପଣାକୁ ଜ୍ଞାତ କରାନ୍ତି । ସେଠାରେ ସେ ଠିକ୍ ତାହା ହିଁ ଅଟନ୍ତି, **ସେହି ସମାନ ଯୀଶୁ** - ଯୀଶୁ ଖ୍ରୀଷ୍ଟ କାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି । ପ୍ରଦୀପସମୂହର ମଧ୍ୟସ୍ଥଳରେ ଥିବା ସେହି ପବିତ୍ର ବ୍ୟକ୍ତି ଜଣକ ହିଁ ସେହି ସମାନ ଯୀଶୁ ଅଟନ୍ତି, ଯେ ଗାଲିଲୀ ଉପକୂଳବର୍ତ୍ତୀ ଅଞ୍ଚଳସବୁରେ ଗମନାଗମନ କରିଥିଲେ, ଯେ ଅସୁସ୍ଥମାନଙ୍କୁ ସୁସ୍ଥ କରିଥିଲେ, ଯେ ମୃତମାନଙ୍କୁ ପୁନର୍ଜୀବିତ କରିଥିଲେ, ପୁଣି ଯେ ଅଖଣ୍ଡନୀୟ ପ୍ରମାଣ ସତ୍ତ୍ୱେ କ୍ରୁଶାର୍ପିତ ଏବଂ ବଧ କରାଯାଇଥିଲେ । ମାତ୍ର ସେ ପୁନରୁତଥିତ ହେଲେ ଏବଂ ବର୍ତ୍ତମାନ ସର୍ବୋପରିସ୍ଥଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଅଟନ୍ତି ।

ଯିହୂଦୀମାନେ ସେତେବେଳେ ତାହାଙ୍କୁ ପବିତ୍ର ବୋଲି ସମ୍ବୋଧନ କରି ନ ଥିଲେ । ସେମାନେ ବର୍ତ୍ତମାନ ମଧ୍ୟ ତାହାଙ୍କୁ ପବିତ୍ର ବୋଲି ସମ୍ବୋଧନ କରୁନାହାନ୍ତି । ମାତ୍ର, ସେ ହିଁ ସେହି **ପବିତ୍ର ଜନ** ଅଟନ୍ତି ।

ଗୀତସଂହିତା ୧୬:୧୦ ,

*"କାରଣ ତୁମ୍ଭେ ମୋର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ତୁମ୍ଭେ ଆପଣା **ପବିତ୍ର ଜନ**କୁ କ୍ଷୟ ପାଇବାକୁ ଦେବ ନାହିଁ।"*

ସେମାନେ (ଯିହୂଦୀମାନେ) ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ଧାର୍ମିକତାକୁ ଅନ୍ୱେଷଣ କଲେ ଓ ଶୋଚନୀୟଭାବେ ବିଫଳ ହେଲେ, କାରଣ ବ୍ୟବସ୍ଥା ଦ୍ୱାରା କୌଣସି ବ୍ୟକ୍ତି ଧାର୍ମିକ ଗଣିତ ହୋଇପାରିବେ ନାହିଁ । ବ୍ୟବସ୍ଥା ଦ୍ୱାରା କୌଣସି ବ୍ୟକ୍ତି ପବିତ୍ର କରାଯାଇପାରିବେ ନାହିଁ । ପବିତ୍ରତା ତ ପ୍ରଭୁଙ୍କଠାରୁ ହିଁ ଆସିଥାଏ ।

୧ମ କରିନ୍ଥୀୟ ୧:30

*"କିନ୍ତୁ **ତାହାଙ୍କର** ହେତୁ ତୁମ୍ଭେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛି, ସେ ପରମେଶ୍ୱରଙ୍କଠାରୁ ଆମ୍ଭମାନଙ୍କ ନିମନ୍ତେ ଜ୍ଞାନ, ଓ ଧାର୍ମିକତା, ଓ ପବିତ୍ରତା ଓ ମୁକ୍ତିରୂପ ହୋଇଅଛନ୍ତି ।"*

୨ୟ କରିନ୍ଥୀୟ ୫:୨୧ଖ

"@@ ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ପରମେଶ୍ୱରଙ୍କର ଧାର୍ମିକତାସ୍ୱରୂପ ହେଉ ।"

ଏହା ତ ଖ୍ରୀଷ୍ଟ ନତୁବା ବିନାଶ ଯାହାକି ସେମାନଙ୍କ ସମ୍ମୁଖରେ ଥିଲା, ଆଉ ସେମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଦ୍ୱାରା ବିନଷ୍ଟ ହେଲେ ।

ତେବେ, ସେହି ଯୁଗର ଲୋକମାନେ ଆଜିର ଲୋକମାନଙ୍କ ପରି ସେହି ସମାନ ଭୁଲ୍ କରୁଥିଲେ । ଯିହୂଦୀମାନେ ଯେପରି ଉପାସନାର ଆରାଧନାଳୟ ସମ୍ବନ୍ଧୀୟ ପଦ୍ଧତି ବା ରୀତି ମଧ୍ୟରେ ଆଶ୍ରୟ ନେଇଥିଲେ, ଫିଲାଦେଲଫୀୟ ଯୁଗରେ ମଧ୍ୟ ଠିକ୍ ସେହିପରି ସେମାନେ ମଣ୍ଡଳୀମଧ୍ୟରେ ଆଶ୍ରୟ ନେଉଥିଲେ । ଏକ ମଣ୍ଡଳୀରେ ଯୋଗ ଦେବାଟା ଏହା ମୂଖ୍ୟ ବିଷୟ ନୁହେଁ। ମଣ୍ଡଳୀରେ ଜୀବନ ନାହିଁ । ଖ୍ରୀଷ୍ଟଙ୍କଠାରେ ଜୀବନ ଅଛି । "ସେହି ସାକ୍ଷ୍ୟ ଏହି ଯେ, ପରମେଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କର ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି; ଯେ ପୁତ୍ରଙ୍କୁ ପାଇନାହିଁ ସେ ଜୀବନ ହିଁ ପାଇନାହିଁ।" (୧ମ ଯୋହନ ୫: ୧୧-୧୨) । ଆତ୍ମାଙ୍କ ଦ୍ୱାରା ହିଁ ମନୁଷ୍ୟ ପବିତ୍ର ହୋଇଥାଏ । ଏହା ତ ପବିତ୍ରତାର ସେହି ଆତ୍ମା ଥିଲା ଯେ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ ପୁଣି ଏବେ ଆମ ମଧ୍ୟରେ ବାସ କରନ୍ତି ଓ ତାହାଙ୍କର ପବିତ୍ରତାରେ ଆମକୁ ପବିତ୍ର କରନ୍ତି ।

ସେଠାରେ ସେ ଅର୍ଥାତ୍ ସେହି **ପବିତ୍ର ଜନ** ଛିଡ଼ା ହୋଇଅଛନ୍ତି । ଆଉ ତାହାଙ୍କର ଧାର୍ମିକତାରେ ବସ୍ତ୍ରାନ୍ୱିତ ହୋଇ, ତାହାଙ୍କର ପବିତ୍ରତାରେ ପବିତ୍ର ହୋଇ

ଆମେ ମଧ୍ୟ ତାହାଙ୍କର ସହିତ ଛିଡ଼ା ହେବା ।

ତେବେ, ଏହି ଯୁଗଟି ଷଷ୍ଠ ଯୁଗ ଅଟେ । ପରମେଶ୍ୱରଙ୍କର ଦୃଷ୍ଟିରେ ସମୟ ଶେଷ ହେବାକୁ ଯାଉଛି । ସେ ଶୀଘ୍ର ହିଁ ପୁନରାଗମନ କରିବେ । ତାହାଙ୍କର ଆଗମନ ସମୟରେ ଶୀଘ୍ର ହିଁ ଏହି ଉଚ୍ଚ ଧ୍ୱନି ଶବ୍ଦାୟିତ ହୋଇଉଠିବ,

"ଯେ ଅଶୁଚି, ସେ ଆହୁରି ଅଶୁଚି ହେଉ; ପୁଣି, ଯେ ଧାର୍ମିକ, ସେ ଆହୁରି ଧର୍ମାଚରଣ କରୁ; ଯେ ପବିତ୍ର, ସେ ଆହୁରି ପବିତ୍ର ହେଉ''

(ପ୍ରକାଶିତ ବାକ୍ୟ 22: 11ଖ)

ଓଃ, ମୁଁ ବିଶେଷରୂପେ ଆନନ୍ଦିତ ଯେ ମୋ' ପବିତ୍ରତା ମୋ' ନିଜଠାରୁ ନୁହେଁ। ମୁଁ ଆନନ୍ଦିତ ଯେ, ମୋ' ପ୍ରତି ଆରୋପ କରାଯାଇଥିବା, ହଁ ମୋ' ପ୍ରତି ପ୍ରଦତ୍ତ ହୋଇଥିବା ତାହାଙ୍କର ଧାର୍ମିକତାରୂପ ସକଳ ଚମତ୍କାର ଗୁଣ ସହକାରେ ମୁଁ ଖ୍ରୀଷ୍ଟଙ୍କଠାରେ ରହିଅଛି । ପରମେଶ୍ୱର ସଦାସର୍ବଦା ଧନ୍ୟ ହେଉନ୍ତୁ !

"ଯେ . . . ସତ୍ୟ, . . . ସେ ଏହା କହନ୍ତି ।"(These Things Saith He That is True") : ତେବେ, ଏହି 'ସତ୍ୟ' ଶବ୍ଦ ଏକ ଅତ୍ୟନ୍ତ ଚମତ୍କାର ଶବ୍ଦ ଅଟେ । ଏହା ସେହି ଆକ୍ଷରିକ ଭାବରେ ମିଥ୍ୟାର ବିପରୀତ ଯେ ଅର୍ଥ ସତ୍ୟ ଅଟେ କେବଳ ତାହା ନୁହେଁ। ଏହା ଏକ ଧାରଣାର ତାହାର ଆଂଶିକ ଅନୁଭୁତି (Partial Realization)ର ବିପରୀତରେ ସେହି ସିଦ୍ଧ ବା ସଂପୂର୍ଣ୍ଣ ଅନୁଭୂତି (Perfect Realization)କୁ ବ୍ୟକ୍ତ କରିଥାଏ ।

ଉଦାହରଣ ସ୍ୱରୂପେ, ଯୀଶୁ ଯୋହନ 6:32 ରେ କହିଥିବା ବିଷୟ ଆମେ ସ୍ମରଣ କରୁ,

"ମୋଶା ତୁମ୍ଭମାନଙ୍କୁ ସ୍ୱର୍ଗରୁ ଆହାର ଦେଇ ନାହାନ୍ତି, କିନ୍ତୁ ମୋହର ପିତା ତୁମ୍ଭମାନଙ୍କୁ ସ୍ୱର୍ଗରୁ ସେହି ପ୍ରକୃତ (ସତ୍ୟ) (true) ଆହାର ଦିଅନ୍ତି ।"

ଯୋହନ 15: 1

"ମୁଁ ପ୍ରକୃତ (ସତ୍ୟ) (true) ଦ୍ରାକ୍ଷାଲତା ।"

ଏବ୍ରୀ 9:24,

"କାରଣ ପ୍ରକୃତ (ସତ୍ୟ) (true) ବିଷୟର ପ୍ରତିରୂପ ଯେ ହସ୍ତକୃତ ମହାପବିତ୍ର ସ୍ଥାନ, ସେଥିରେ ଖ୍ରୀଷ୍ଟ ପ୍ରବେଶ ନ କରି ବରଂ ଆମ୍ଭମାନଙ୍କ ନିମନ୍ତେ ଏବେ ପରମେଶ୍ୱରଙ୍କର ସମ୍ମୁଖରେ ଉପସ୍ଥିତ ହେବା ପାଇଁ ସ୍ୱର୍ଗରେ ପ୍ରବେଶ କରିଅଛନ୍ତି ।"

1 ଯୋହନ 2:8,

"କାରଣ ଅନ୍ଧକାର ଘୁଞ୍ଚିଯାଉଅଛି ଓ ସତ୍ୟ (true) ଜ୍ୟୋତି ପ୍ରକାଶିତ ହେଲାଣି ।"

ବାସ୍ତବତଃ, ଏହି ଉପରୋକ୍ତ ପଦସମୂହରେ ବର୍ଣ୍ଣିତ ହୋଇଥିବା ଏହି ଶବ୍ଦଟି ଆଂଶିକ ଅନୁଭୂତି (Partial Realization)ର ଧାରଣା ପ୍ରତିକୂଳରେ ସଂପୂର୍ଣ୍ଣ ଅନୁଭୂତି (Perfect Realization)କୁ ବ୍ୟକ୍ତ କରୁଥିବା ହେତୁ ବର୍ତ୍ତମାନ ଆମେ ପୂର୍ବେ କଦାପି ହୋଇ ନ ଥିବା ପରି ଆଦର୍ଶ ସହିତ ବିପରୀତ ଆଦର୍ଶର, ପୁଣି ବାସ୍ତବିକ ସଭା ବା ସ୍ଥିତି ସହିତ ଛାୟାର ହୋଇଥିବା ତୁଳନାରେ ପ୍ରଭେଦକୁ ବୁଝିପାରିବା । ବର୍ତ୍ତମାନ ସ୍ୱର୍ଗରୁ ଆଗତ ମାନ୍ନାର ଦୃଷ୍ଟାନ୍ତ ବିଚାର କରାଯାଉ । ପରମେଶ୍ୱର ସ୍ୱର୍ଗରୁ ଇସ୍ରାଏଲ ନିମନ୍ତେ ଦୂତମାନଙ୍କ ରୋଟୀ (ଆହାର) ବୃଷ୍ଟି କଲେ । ତେବେ, ସେହି ରୋଟୀ (bread) ପରିତୃପ୍ତ କଲା ନାହିଁ । ଏହା କେବଳମାତ୍ର ଗୋଟିଏ ଦିନ ପାଇଁ ଉତ୍ତମ ଥିଲା । ଏହାକୁ ଭୋଜନ କରୁଥିବା ଲୋକେ ପରବର୍ତ୍ତୀ ଦିନରେ ପୁନର୍ବାର କ୍ଷୁଧିତ ହେଉଥିଲେ । ଏହା ଯଦି ବଳକା ରହିଯାଉଥିଲା ତେବେ ତାହା ଖରାପ ହୋଇଯାଉଥିଲା । ମାତ୍ର, ଯୀଶୁ ସ୍ୱର୍ଗରୁ ଆଗତ **ପ୍ରକୃତ (ସତ୍ୟ)** (TRUE) ରୋଟୀ ଅଟନ୍ତି, ଯେଉଁଥିରକି ମାନ୍ନା କେବଳ ଏକ ନମୁନା ମାତ୍ର ଥିଲା । ପୁଣି ଯେକୌଣସି ବ୍ୟକ୍ତି ଯଦି ସ୍ୱର୍ଗରୁ ଆଗତ ସେହି **ରୋଟୀ** ଭୋଜନ କରନ୍ତି ସେ କଦାପି ପୁନରାୟ କ୍ଷୁଧିତ ହେବେ ନାହିଁ । ସେ ଫେରିଆସି ପୁନଶ୍ଚ ଭୋଜନ କରିବା ତାଙ୍କର ଆବଶ୍ୟକ ନାହିଁ । ସେହି ଭୋଜନରେ ଅଂଶୀଦାର ହେବା ମାତ୍ରକେ ସେ ଅନନ୍ତ ଜୀବନର ସହଭାଗୀ ହୋଇଥା'ନ୍ତି । ପ୍ରକୃତରେ ଏହିଠାରେ ହିଁ **ବାସ୍ତବତା** ରହିଥିଲା । ଛାୟାର ଏହାପରେ ଆଉ କୌଣସି ପ୍ରୟୋଜନ ହିଁ ନାହିଁ । ଆଂଶିକ ପରିତ୍ରାଣର କୌଣସି ଆବଶ୍ୟକତା ନାହିଁ । ଏହିଠାରେ ହିଁ **ସମୁଦାୟ** ବିଷୟ ରହିଅଛି । ଯେପରିକି ଯୀଶୁ ପରମେଶ୍ୱରଙ୍କର କେବଳ ଏକ ଅଂଶବିଶେଷ ନୁହନ୍ତି ; ସେ ତ **ପରମେଶ୍ୱର ଅଟନ୍ତି** ।

ଇସ୍ରାଏଲ ନିକଟରେ ଯେ ଜ୍ୟୋତି ବା ଆଲୋକ ଥିଲା, ଏହା କେହିହେଲେ ନାସ୍ତି କରିପାରିବେ ନାହିଁ । ସେମାନେ ହିଁ ଏକମାତ୍ର ଗୋଷ୍ଠୀ ଥିଲେ, ଯେଉଁମାନେ ଏକ ଜାତି ବା ରାଷ୍ଟ୍ରରୂପେ ଆଲୋକର ଅଧିକାରୀ ଥିଲେ । ଏହା ସେତେବେଳେ ହୋଇଥିଲା ଯେତେବେଳେ ମିସର ଏତେ ଅନ୍ଧକାରମୟ ହୋଇଯାଇଥିଲା ଯେ, କେହି ଜଣେ ତାହା ଅନୁଭବ କରିପାରୁଥିଲେ । ମାତ୍ର, ଇସ୍ରାଏଲୀୟମାନଙ୍କ ଗୃହଗୁଡ଼ିକରେ ଆଲୋକ ଥିଲା । ତେବେ, ବର୍ତ୍ତମାନ ସତ୍ୟ ଜ୍ୟୋତି ବା ପ୍ରକୃତ ଆଲୋକ ଆସିଅଛନ୍ତି । ଜଗତର ଜ୍ୟୋତି ଯୀଶୁ ଅଟନ୍ତି । ମୋଶା ଏବଂ ଭାବବାଦୀଗଣ ମଶୀହଙ୍କ ସହିତ ସମ୍ବନ୍ଧିତ ଥିବା ଶାସ୍ତ୍ର ସାହାଯ୍ୟରେ ଆଲୋକ ଆଣିଥିଲେ । ସୁତରାଂ ଇସ୍ରାଏଲ ଆଲୋକର ଅଧିକାରୀ ହୋଇଥିଲା । ତେବେ, ବର୍ତ୍ତମାନ ଆଲୋକର ପରିପୂର୍ଣ୍ଣତା ଉପସ୍ଥିତ ହୋଇଅଛି, ଆଉ ଯାହା କେବଳ ଉଜ୍ଜ୍ୱଳ ବାକ୍ୟ ଥିଲା, ତାହା

ବର୍ତ୍ତମାନ ପରମେଶ୍ୱରଙ୍କର ଲୋକମାନଙ୍କ ମଧ୍ୟରେ ପ୍ରକଟିତ ହୋଇଥିବା ତାହାଙ୍କର ଉଜ୍ଜ୍ୱଳତାରେ ଉଦ୍ଭାସିତ ହୋଇଉଠିଅଛି । ଯେପରି ଅଗ୍ନିସ୍ତମ୍ଭ ରାତ୍ରରେ ଆଲୋକ ପ୍ରଦାନ କରିଥିଲା ଓ ତାହା ବିସ୍ମୟକର ଥିଲା, ସେହିପରି ବର୍ତ୍ତମାନ ପରମେଶ୍ୱରତ୍ୱର ପରିପୂର୍ଣ୍ଣତାରେ ଆଲୋକ ଏବଂ ଜୀବନ ଦୈହିକରୂପେ ପ୍ରକଟିତ ହେଲା ।

ଇସ୍ରାଏଲୀୟମାନେ ପାପମୋଚନ ନିମନ୍ତେ ଲାଲି ରଙ୍ଗର ଗାଭୀ (red heifer) ନେଇ ବେଦି ଉପରେ ବଳି କରୁଥିଲେ । ଫଳତଃ, ଦୋଷୀ ବ୍ୟକ୍ତି ଜଣକର ପାପସବୁ ଏକ ବର୍ଷ ନିମନ୍ତେ ଆଚ୍ଛାଦିତ ହେଉଥିଲା । ମାତ୍ର ସେହି ଆଚ୍ଛାଦନଟି ପାପ କରିବାର ଇଚ୍ଛାକୁ ଦୂର କରିଦେଇ ପାରୁ ନ ଥିଲା । ତାହା ଏକ ସିଦ୍ଧ ବା ସଂପୂର୍ଣ୍ଣ ନୈବେଦ୍ୟ ନ ଥିଲା । ବାସ୍ତବ ବିଷୟର ଆଗମନ ପର୍ଯ୍ୟନ୍ତ ଏହା ଏକ ଛାୟାମାତ୍ର ଥିଲା । ଏଣୁ ପ୍ରତିବର୍ଷ ମନୁଷ୍ୟ ବଳିଦାନ କରୁଥିଲା ଓ ପ୍ରତିବର୍ଷ ପୁଣି ଫେରିଆସୁଥିଲା, କାରଣ ତା'ଠାରେ ପାପ କରିବା ପାଇଁ ସେହି ସମାନ ଇଚ୍ଛା ତଥାପି ସୁଦ୍ଧା ରହିଥିଲା । ପଶୁର ଜୀବନ ତା'ର ପାପ ପାଇଁ ପ୍ରାୟଶ୍ଚିତ କରୁଥିଲା, ମାତ୍ର ପଶୁର ରକ୍ତ ପାତିତ ହୋଇଥିବା ହେତୁ ଓ ପଶୁର ଜୀବନ ଉତ୍ସର୍ଗ କରାଯାଇଥିବା କାରଣରୁ ତାହା ମନୁଷ୍ୟ ଉପରକୁ ଫେରି ଆସିପାରୁ ନ ଥିଲା । ଯଦି ତାହା ଫେରି ବି ଆସିଥା'ନ୍ତା ତଥାପି ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ନ ଥାନ୍ତା । ମାତ୍ର ଯେତେବେଳେ ଖ୍ରୀଷ୍ଟ, ସେହି ସିଦ୍ଧ ପ୍ରତିନିଧି ବଳିକୃତ ହେଲେ ଓ ତାହାଙ୍କର ରକ୍ତ ପାତିତ ହେଲା, ସେତେବେଳେ ଖ୍ରୀଷ୍ଟଙ୍କଠାରେ ରହିଥିବା ସେହି ଜୀବନ ମନଃପରିବର୍ତ୍ତନକାରୀ ପାପୀ ଉପରକୁ ଫେରିଆସିଲା ପୁଣି ସେହି ଜୀବନ ଖ୍ରୀଷ୍ଟଙ୍କର ସିଦ୍ଧ ଜୀବନ ହୋଇଥିବାରୁ ନିଷ୍ପାପ ଓ ଧର୍ମମୟ ଥିଲା, ତେଣୁ ସେହି ଦୋଷୀ ବ୍ୟକ୍ତିଟି ମୁକ୍ତ ହୋଇ ଯାଇପାରୁଥିଲା, କାରଣ ପାପ କରିବା ପାଇଁ ତା'ଠାରେ ଆଉ କୌଣସି ଇଚ୍ଛା ରହୁ ନ ଥିଲା । ଯୀଶୁଙ୍କର ଜୀବନ ତା' ଉପରକୁ ଫେରି ଆସିଥିଲା ।

ରୋମୀୟ ୫: 2 ରେ ଉଲ୍ଲିଖିତ ବାକ୍ୟ ତାହା ହିଁ ପ୍ରକାଶ କରେ:

"ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ମୋତେ ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥାରୁ ମୁକ୍ତ କରିଅଛି ।"

ତେବେ, ଯୀଶୁଙ୍କର ସମୟରେ ଥିବା ସେହି ଯିହୂଦୀମାନେ ଉକ୍ତ ବଳିଦାନକୁ ଗ୍ରହଣ କରିବାକୁ ଚାହିଁଲେ ନାହିଁ । ବୃଷ ତଥା ଛାଗମାନଙ୍କ ରକ୍ତ କୌଣସି ବିଷୟକୁ ସିଦ୍ଧ ବା ଦୋଷଶୂନ୍ୟ କରୁ ନ ଥିଲା । ଏକଦା ଏହା ପରମେଶ୍ୱରଙ୍କର ନିଯୁକ୍ତ ବା ଅଭିଷିକ୍ତ ପଦ୍ଧତି ଥିଲା । ତେବେ, ବର୍ତ୍ତମାନ ଖ୍ରୀଷ୍ଟ ଶରୀରରେ ଆବିର୍ଭୂତ ହେବା ଦ୍ୱାରା, ପୁଣି ତାହାଙ୍କର ଆପଣାର ରକ୍ତ ଝରାଇବା ଦ୍ୱାରା ପାପକୁ ଦୂରୀକୃତ କରିଅଛନ୍ତି ଓ ଆପଣାର ସେହି ଉତ୍ସର୍ଗୀକରଣ ଦ୍ୱାରା ଆମକୁ ସିଦ୍ଧ କରିଅଛନ୍ତି । ଯିହୂଦୀମାନେ ତାହା ଗ୍ରହଣ କରନ୍ତି ନାହିଁ । ତେବେ, ସେହି ଫିଲାଦେଲଫାୟ ଯୁଗ, ଆଉ ହିଁ, ସେହି ଅନ୍ୟାନ୍ୟ ଯୁଗଗୁଡ଼ିକ ବିଷୟରେ ମଧ୍ୟ କ'ଣ କୁହାଯିବ ? କ'ଣ ସେମାନେ ପ୍ରକୃତରେ ଖ୍ରୀଷ୍ଟଙ୍କଠାରେ ଏହି ବାସ୍ତବତାକୁ ଗ୍ରହଣ କଲେ ? ନା, ଆଜ୍ଞା । ଲୁଥର ଯଦିଓ ଧାର୍ମିକ ଗଣିତ ହେବା ସମ୍ବନ୍ଧୀୟ ସତ୍ୟତା ପ୍ରକାଶ କଲେ, ତଥାପି ରୋମୀୟ ମଣ୍ଡଳୀ (Romish Church), ଆଉ ଏହାର ପ୍ରାଚ୍ୟ ସମରୂପ ମଣ୍ଡଳୀ, ପୁଣି ସେହି ପ୍ରାଚୀନ ସ୍ୱଧର୍ମ ମତାବଲମ୍ବୀ ମଣ୍ଡଳୀ (Orthodox Church) ତଥାପି ସୁଦ୍ଧା କାର୍ଯ୍ୟଗୁଡ଼ିକୁ ଜାବୁଡ଼ି ଧରି ବସିଥିଲେ ।

ତେବେ, କାର୍ଯ୍ୟସବୁ ଅବଶ୍ୟ ଉତ୍ତମ, ମାତ୍ର ସେସବୁ ଆପଣଙ୍କୁ ଉଦ୍ଧାର କରନ୍ତି ନାହିଁ । ସେସବୁ ଆପଣଙ୍କୁ ସିଦ୍ଧ କରନ୍ତି ନାହିଁ । ଏହା ତ ଖ୍ରୀଷ୍ଟ ଅଟନ୍ତି ନତୁବା ବିନାଶ ଅଟେ । ଆଉ ଏହା ତ ଖ୍ରୀଷ୍ଟ **ଏବଂ** କର୍ମମାନ , ଏପରି ମଧ୍ୟ ନୁହେଁ । ଏହା କେବଳ ହିଁ ଖ୍ରୀଷ୍ଟ ଅଟନ୍ତି । ଏହି ଯୁଗ ଆର୍ମିନୀୟ ମତବାଦ (Arminianism)ର ବର୍ଷଗୁଡ଼ିକୁ ଆରମ୍ଭ କଲା, ଯାହାକି **ବାସ୍ତବତା**ରୂପେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ନାହିଁ । ଏହା "ରକ୍ତ ବିନୁ ନୁହେଁ କିଛି ଆଉ" ବୋଲି ଗାନ କରେ ନାହିଁ, କାରଣ ଏହା "ରକ୍ତ **ଓ** ମୋ' ନିଜ ଆଚରଣ ବିନୁ ନୁହେଁ କିଛି ଆଉ" ବୋଲି ଗାନ କରିଥାଏ । ତେବେ, ମୁଁ ଉତ୍ତମ ଆଚରଣରେ ବିଶ୍ୱାସ କରେ । ଆପଣ ଯଦି ଉଦ୍ଧାରପ୍ରାପ୍ତ ଅଟନ୍ତି, ଆପଣ ଧାର୍ମିକଭାବେ କାର୍ଯ୍ୟ କରିବେ । ଆମେ ସେ ସମ୍ବନ୍ଧରେ ଆଲୋଚନା କରିସାରିଛୁ । ତେବେ, ମୁଁ ବର୍ତ୍ତମାନ ଆପଣଙ୍କୁ କହିବାକୁ ଚାହେଁ ଯେ, ପରିତ୍ରାଣଟି ଯୀଶୁଙ୍କ **ସହ ଅତିରିକ୍ତ କିଛି** (Salvation is NOT Jesus PLUS) ପରି ବିଷୟ **ନୁହେଁ** । ଏହା ତ ଯୀଶୁ ହିଁ **ଏକାକୀ** ଅଟନ୍ତି । **ପରିତ୍ରାଣ ସଦାପ୍ରଭୁଙ୍କ ଠାରୁ ହୁଏ** । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହା ସମସ୍ତ କିଛି **ପରମେଶ୍ୱର** ହିଁ ଅଟନ୍ତି । ତାହାଙ୍କର ଜୀବନ ହିଁ ମୋ'ଠାରେ ରହୁ । ତାହାଙ୍କର ରକ୍ତ ହିଁ ମୋତେ ପରିଷ୍କାର କରୁ । ଏହା ତାହାଙ୍କର ଆତ୍ମା ହିଁ ମୋତେ ପରିପୂର୍ଣ୍ଣ କରନ୍ତୁ । ମୋ'ର ହୃଦୟ ଓ ଓଷ୍ଠାଧରରେ ଏହା ତାହାଙ୍କର ବାକ୍ୟ ହିଁ ରହୁ । ତାହାଙ୍କର ହିଁ ପ୍ରହାର ମୋତେ ସୁସ୍ଥ କରୁ । ଏହା ଯୀଶୁ, କେବଳ ଯୀଶୁ ହିଁ ହୁଅନ୍ତୁ । ମୁଁ କରିଥିବା ଧାର୍ମିକତାର କାର୍ଯ୍ୟସବୁ ଦ୍ୱାରା ନୁହେଁ । ନା, ଆଜ୍ଞା । ଖ୍ରୀଷ୍ଟ ହିଁ ମୋର ଜୀବନ ଅଟନ୍ତି । ଆମେନ୍ ।

ମୋତେ ଅନୁଭବ ହୁଏ ଯେପରିକି ମୁଁ ଏହି ସତ୍ୟସମୂହ ବିଷୟରେ କେବଳ ଆହୁରି ବର୍ଣ୍ଣନା କରିଚାଲି ଥାଏ, ମାତ୍ର ମୁଁ ଆପଣଙ୍କୁ ଆଉ ଗୋଟିଏ ଚିନ୍ତାଧାରା ପ୍ରଦାନ କରିବି । ଏହା ସେହି ଚମତ୍କାର ସ୍ତୁତିଗୀତ ବିଷୟରେ ଅଟେ, ଯାହା ଏ. ବି. ସିମ୍ପସନ୍ (A. B. Simpson) ରଚନା କରିଥିଲେ । ଯଥା:

"ଏକଦା ଥିଲା ଏହା ଆଶିଷ,
ଏବେ ଅଟଇ ଏହା ପ୍ରଭୁ ।
ଏକଦା ଥିଲା ଏହା ଅନୁଭୂତି,
ଏବେ ଅଟଇ ଏହା ତାଙ୍କ ବାକ୍ୟ ।
ଏକଦା ଚାହିଁଥିଲି ମୁଁ ତାହାଙ୍କର ଦାନ,
ଏବେ ଚାହେଁ ସ୍ୱୟଂ ସେହି ଦାତା ।
ଏକଦା ଚାହିଁଥିଲି ମୁଁ ସୁସ୍ଥତା,

ଏବେ ଚାହେଁ କେବଳ ତାହାଙ୍କୁ ।
ସଦାସର୍ବଦା ସବୁରେ ସବୁ,
ଗାନ କରିବି ମୁଁ ଯୀଶୁଙ୍କୁ ।
ସବୁକିଛି ଯୀଶୁଙ୍କଠାରେ,
ଆଉ ଯୀଶୁ ସବୁକିଛିରେ ।"

ଏହି ଜୀବନ ଯେତେ ସନ୍ତୁଷ୍ଟିଜନକ ହୋଇଥାଉ ନା କାହିଁକି, ଯେତେ ଉତ୍ତମ ତଥା ମନୋରମ ଏହା ହୋଇଥାଉ ନା କାହିଁକି, ଏଥିରେ କିଛି ହଁ ନାହିଁ, ମାତ୍ର ତୁମେ ସମସ୍ତ ସିଦ୍ଧତାର ମୋଟ ସମଷ୍ଟି ଖ୍ରୀଷ୍ଟଙ୍କଠାରେ ହିଁ ପାଇବ । ତାହାଙ୍କ ବ୍ୟତୀତ ପ୍ରତ୍ୟେକକିଛି ବିଷୟ ତୁଚ୍ଛତା ମଧ୍ୟରେ ମ୍ଳାନ ହୋଇଯାଏ ।

"ଯାହାଙ୍କର ହସ୍ତରେ ଦାଉଦଙ୍କର କଞ୍ଚି ଅଛି " ("He That hath the Key of David") :

ଏହି ସୁନ୍ଦର ବାକ୍ୟାଂଶଟି ତା'ର ପୂର୍ବବର୍ତ୍ତୀ ବାକ୍ୟାଂଶ "ଯେ . . . ସତ୍ୟ"ର କ୍ରମାନୁବର୍ତ୍ତୀ ଅଂଶ ଅଟେ ଓ ଏହା ତା'ଠାରୁ ନିର୍ଗତ ହୋଇଅଛି - "ଯେ . . . ସତ୍ୟ", ଅର୍ଥାତ୍ ଖ୍ରୀଷ୍ଟ, ସେହି ସିଦ୍ଧ ବା ସଂପୂର୍ଣ୍ଣ ଅନୁଭୂତି (Perfect Realization) ଯାହାକି ଆଂଶିକ ଅନୁଭୂତି (Partial Realization) ସହ ତୁଳନାରେ ବିପରୀତ ଅଟେ । ଏହା ଏହିପରି ହିଁ ଅଟେ । ମୋଶା ପରମେଶ୍ୱରଙ୍କର ଏକ (ଜଣେ) ଭାବବାଦୀ ଥିଲେ, ମାତ୍ର ଯୀଶୁ (ମୋଶାଙ୍କ ସଦୃଶ) ପରମେଶ୍ୱରଙ୍କର **ସେହି(ନିର୍ଦ୍ଦିଷ୍ଟ)** ଭାବବାଦୀ ଥିଲେ । ଦାଉଦ (ପରମେଶ୍ୱରଙ୍କର ନିଜ ମନର ମତ ଏକ ଜଣ) ଇସ୍ରାଏଲର ରାଜା ଥିଲେ, ମାତ୍ର ଯୀଶୁ ସେହି ମହାନତମ ଦାଉଦ, ରାଜାମାନଙ୍କ ରାଜା ଏବଂ ପ୍ରଭୁମାନଙ୍କ ପ୍ରଭୁ, ପରମେଶ୍ୱର, ହଁ ସେହି ପରମେଶ୍ୱର ଅଟନ୍ତି । ତେବେ, ଦାଉଦ ଯିହୂଦାଙ୍କ ଗୋଷ୍ଠୀଜାତ ଥିଲେ, ଯେଉଁ ଗୋଷ୍ଠୀରୁ କି କୌଣସି ଯାଜକ ଉତ୍ପନ୍ନ ହୋଇ ନ ଥିଲେ, ତଥାପି ସୁଦ୍ଧା ସେ ଯାଜକମାନଙ୍କ ପାଇଁ ସଂରକ୍ଷିତ (ଉଦ୍ଦିଷ୍ଟ) ଥିବା ଦର୍ଶନୀୟ ରୋଟୀରୁ ନେଇ ଭୋଜନ କଲେ । ସେ ଶତ୍ରୁମାନଙ୍କୁ ପରାସ୍ତ କରୁଥିବା ସେହି ମହାଯୋଦ୍ଧା ଥିଲେ, ଲୋକମାନଙ୍କୁ ସେ ସଂସ୍ଥାପିତ କରୁଥିଲେ; ପୁଣି ସେ ରାଜାରୂପେ ସିଂହାସନରେ ବସିଥିଲେ । ସେ ଜଣେ ଭାବବାଦୀ ଥିଲେ । ଖ୍ରୀଷ୍ଟଙ୍କର ସେ ଜଣେ ଚମତ୍କାର ପ୍ରତିରୂପ ଥିଲେ ।

ତେବେ, ଯିଶାଇୟ 22:22 ରେ ଏହା କୁହାଯାଇଅଛି,

"ପୁଣି, ଆମ୍ଭେ ଦାଉଦବଂଶର ଚାବି ତାହାର ସ୍କନ୍ଧରେ ରଖିବା, ସେ ଫିଟାଇଲେ,କେହି ବନ୍ଦ କରିବ ନାହିଁ ଓ ସେ ବନ୍ଦ କଲେ, କେହି ଫିଟାଇବ ନାହିଁ ।"

ପବିତ୍ର ଆତ୍ମା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଏବଂ ମଣ୍ଡଳୀରେ ତାହାଙ୍କର ସେବାକାର୍ଯ୍ୟ ସମ୍ବନ୍ଧରେ ପୁରାତନ ନିୟମର ଏହି ଉଲ୍ଲେଖକୁ ବ୍ୟବହାର କରିଥା'ନ୍ତି । ଦାଉଦଙ୍କ ଚାବି ବା କଞ୍ଚିର ମହତ୍ତ୍ୱ ସେହି ସମୟରେ ଯାହା ପ୍ରକାଶ କରୁଥିଲା ତାହା ତ ଛାୟାମାତ୍ର ହିଁ ଅଟେ, ଯାହାକି ବର୍ତ୍ତମାନ ପ୍ରଦୀପସମୂହ ମଧ୍ୟରେ ଠିଆ ହୋଇଥିବା ଯୀଶୁଙ୍କଠାରେ ସଫଳ ହୋଇଅଛି । ଏହାର ସମ୍ବନ୍ଧ ତ ଆମ ପ୍ରଭୁଙ୍କର ସହିତ ତାହାଙ୍କର ପୁନରୁତଥାନ **ପରେ** ହିଁ ରହିଅଛି, ତାହାଙ୍କର ପାର୍ଥିବ ରହଣୀ ସହିତ ନୁହେଁ । ତେବେ, ଏହି କଞ୍ଚି ବା ଚାବି କଅଣ ଲକ୍ଷଣ ପ୍ରକାଶ କରେ ? କଞ୍ଚିର **ଅବସ୍ଥା** ବା **ସ୍ଥିତି** ମଧ୍ୟରେ ହିଁ ଉତ୍ତରଟି ନିହତ ରହିଛି । ଏହା ତାହାଙ୍କର ହସ୍ତରେ **ନାହିଁ** । ଏହା ତାହାଙ୍କର ଗଳାଦେଶରେ ପିନ୍ଧାଯାଇ ନାହିଁ । ଏହା ଅନ୍ୟ ଲୋକମାନଙ୍କ ହସ୍ତରେ ଦିଆଯାଇ ନାହିଁ, ନଚେତ୍ ଏହି ପଦଟି ବ୍ୟକ୍ତ କରିପାରୁ ନ ଥା'ନ୍ତା ଯେ, **କେବଳ ସେ ଏକାକୀ ହିଁ ଉକ୍ତ କଞ୍ଚି ବ୍ୟବହାର କରିଥାନ୍ତି - କାରଣ ସେ ହିଁ କେବଳ ଫିଟାନ୍ତି ଏବଂ ବନ୍ଦ କରନ୍ତି,** ଆଉ କେବଳ ସ୍ୱୟଂ ଯୀଶୁଙ୍କର ବ୍ୟତୀତ **ଆଉ କାହାରି** ସେହି ଅଧିକାର **ନାହିଁ** । କ'ଣ ଏହା ଠିକ୍ ନୁହେଁ କି ? ତେବେ, କଞ୍ଚିଟି କେଉଁଠାରେ ଅଛି ? **ଏହା ତାହାଙ୍କର ସ୍କନ୍ଧରେ ରହିଅଛି** । ତେବେ, **ସ୍କନ୍ଧ** ସହିତ ଏହାର କଅଣ ସମ୍ପର୍କ ଅଟେ ?

ଯିଶାଇୟ ୨:6 ପାଠ କରନ୍ତୁ,

"ତାହାଙ୍କର ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ ।"

ତେବେ, ଏହାର ଅର୍ଥ କଅଣ ? ଉତ୍ତରଟି ଏହା ଅଟେ । "ଶାସନ ତାହାଙ୍କର ସ୍କନ୍ଧରେ'' ଶୈଳୀଟି ପୂର୍ବଦେଶର ବିବାହ ଉତ୍ସବରୁ ଆସିଅଛି । କନ୍ୟା ବରଙ୍କ ନିକଟରେ ଆପଣାକୁ ବଚନବଦ୍ଧ କରି ତାହାଙ୍କ ହସ୍ତରେ ଆପଣାକୁ ସୁପର୍ଦ୍ଦ କରିଦେବା ବେଳେ ସେ ନିଜ ଓଢ଼ଣାଟି କାଢ଼ି ବରଙ୍କ କାନ୍ଧରେ ଥୋଇଦିଏ, ଯଦ୍ୱାରା ସେ ଏହା ଦର୍ଶାଇଥାଏ ଯେ ସେ କେବଳ ଯେ ବରଙ୍କ ଅଧୀନସ୍ଥ ହୋଇଅଛି - ଅବା - ସେ ନିଜ ଅଧିକାରସବୁ ତାଙ୍କୁ ହସ୍ତାନ୍ତରିତ କରିଦେଇଛି - ଅବା - ବର ହିଁ ହେଉଛନ୍ତି ତା'ର ମସ୍ତକ ବା ମୁଖିଆ - କେବଳ ତାହା ନୁହେଁ - ମାତ୍ର ବର ହିଁ ତା'ର ଦାୟିତ୍ୱ ବହନ କରନ୍ତି ଓ ତା'ର ଯତ୍ନ ନିଅନ୍ତି ଏବଂ **ସେ, କେବଳ ହିଁ ସେ - ଆଉ କେହି ନୁହେଁ- ଅନ୍ୟ କୌଣସି ବ୍ୟକ୍ତି ନୁହେଁ- ଅନ୍ୟ କୌଣସି ଶକ୍ତି ନୁହେଁ- ତା' ଉପରେ ଆଉ କାହାରିର ଅଧିକାର ଓ ଦାୟିତ୍ୱ ନାହିଁ** । ଆଉ ହେ ପ୍ରିୟଗଣ, ତାହା ହିଁ ହେଉଛି ଦାଉଦଙ୍କ **କଞ୍ଚି** । ପରମେଶ୍ୱର ସାର୍ବଭୌମ ବା ସର୍ବପ୍ରଧାନ ହୋଇଥିବା ଯୋଗୁଁ ସେ ସ୍ୱର୍ଗୀୟ ବିଧାନ ଦ୍ୱାରା ଯଥାର୍ଥରୂପେ ପୂର୍ବରୁ ଜାଣିସାରିଥିଲେ ଯେ, ତାହାଙ୍କର କନ୍ୟାର ମଧ୍ୟରେ କିଏ ଥିବ । ସେ ତାକୁ ମନୋନୀତ କଲେ । କନ୍ୟା ତାହାଙ୍କୁ ମନୋନୀତ କରି ନ ଥିଲା । ସେ ତାକୁ ଆହ୍ୱାନ କଲେ । କନ୍ୟା ତା' ନିଜ ଚେଷ୍ଟାରେ ଆସି ନ ଥିଲା । ସେ (ଯୀଶୁ) ତା' ନିମନ୍ତେ ମୃତ୍ୟୁଭୋଗ କଲେ । ସେ ଆପଣାର ନିଜ ରକ୍ତରେ ତାକୁ ଧୌତ କଲେ । ସେ ତା' ନିମନ୍ତେ ମୂଲ୍ୟ ପରିଶୋଧ କଲେ । ସେ (କନ୍ୟା) ତାହାଙ୍କର ଏବଂ କେବଳ ତାହାଙ୍କର ହିଁ ଅଧିକାରଭୁକ୍ତ ଅଟେ । କନ୍ୟା ତାହାଙ୍କର ହସ୍ତରେ ସମ୍ପୂର୍ଣ୍ଣରୂପେ ସମର୍ପିତ ଅଟେ ଏବଂ ସେ (ଖ୍ରୀଷ୍ଟ) ତା'ର ଦାୟିତ୍ୱ ଗ୍ରହଣ କରନ୍ତି । ସେ ହିଁ ତା'ର ମସ୍ତକ ବା ମୁଖିଆ ଅଟନ୍ତି, କାରଣ ଖ୍ରୀଷ୍ଟ ଆପଣାର ମଣ୍ଡଳୀର ମସ୍ତକ ସ୍ୱରୂପ ।

ସାରା ଯେପରି ଅବ୍ରହାମଙ୍କୁ 'ପ୍ରଭୁ' ବୋଲି ସମ୍ବୋଧନ କଲେ, କନ୍ୟା ମଧ୍ୟ ସେହିପରି ଆନନ୍ଦିତ ଅଟେ ଯେ, ସେ ତା'ର 'ପ୍ରଭୁ' ଅଟନ୍ତି । ସେ କହନ୍ତି ଏବଂ କନ୍ୟା ତାହା ପାଳନ କରେ, କାରଣ ତାହା ହିଁ କନ୍ୟାର ଆନନ୍ଦ ଅଟେ ।

ତେବେ, ମନୁଷ୍ୟମାନେ କ'ଣ ଏହି ସତ୍ୟ ପ୍ରତି ମନୋଯୋଗୀ ହୋଇଛନ୍ତି ? ସେମାନେ କ'ଣ ତାହାଙ୍କର ବ୍ୟକ୍ତିତ୍ୱକୁ ମାନ୍ୟ କରିଛନ୍ତି, ଯାହାଙ୍କର ପାଖରେ ହିଁ କେବଳ ଆପଣାର ମଣ୍ଡଳୀ ଉପରେ ସମ୍ପୂର୍ଣ୍ଣ ସାର୍ବଭୌମ କର୍ତ୍ତୃତ୍ୱ ବା ଅଧିକାର ରହିଅଛି ? ମୁଁ କହେ, "**ନା**" । କାରଣ ପ୍ରତ୍ୟେକ ଯୁଗରେ ମଣ୍ଡଳୀ ଏକ ଯାଜକ ସମାଜ - ଏକ ଯାଜକତ୍ୱ - ଏକ ପ୍ରେରିତିକ ପାରମ୍ପର୍ଯ୍ୟ (କ୍ରମାନ୍ୱୟ) ଦ୍ୱାରା ପରିଚାଳିତ ହୋଇ ଆସିଅଛି - ଯାହା ପ୍ରତି ଚାହିଁଛି, ତାହା ପ୍ରତି ସେ ଦୟା ଓ ଅନୁଗ୍ରହର ଦ୍ୱାର ରୁଦ୍ଧ କରିଛି, ଆଉ ମଣ୍ଡଳୀର ପ୍ରେମ ତଥା ଦାୟିତ୍ୱ ସ୍ୱୀକାର କରିବା ପରିବର୍ତ୍ତେ ଏହା ନିଜର ଧନଲୋଲୁପ ଲାଳସାରେ ତାହାକୁ ଶୋଷଣ କରିବା ସଙ୍ଗେ ସଙ୍ଗେ ତାହାକୁ ବିନଷ୍ଟ କରି ପକାଇଛି । ଯାଜକ ସମ୍ପ୍ରଦାୟ ବିଳାସବ୍ୟସନରେ ବାସ କରୁଥିବାବେଳେ ଅସହାୟ ମଣ୍ଡଳୀ ଅସଦ୍‌ବ୍ୟବହାରରୂପ ତୁଷ ଭକ୍ଷଣ କରିଚାଲିଥିଲା । ଗୋଟିଏ ହେଲେ ଯୁଗ ଏଥିରୁ କୌଣସି ଭିନ୍ନ କରି ନ ଥିଲା । ପ୍ରତ୍ୟେକ ଯୁଗ ନିଜକୁ ସଂଗଠନ ସହିତ ବାନ୍ଧି ରଖିଲା ଓ ଶାସନତନ୍ତ୍ରକୁ ମନୁଷ୍ୟମାନଙ୍କ ଉପରେ ନ୍ୟସ୍ତ କଲା ଏବଂ ମଣ୍ଡଳୀକୁ ସେହି ଶାସନତନ୍ତ୍ର ହସ୍ତରେ ସମର୍ପି ଦେଲା । ଯଦି କୌଣସି ଲୋକେ ଏହା ବିରୁଦ୍ଧରେ ସାହସ ସହକାରେ ଆଗେଇ ଯାଉଥିଲେ ସେମାନଙ୍କୁ ସାଂଘାତିକଭାବେ ଦମନ କରାଯାଉଥିଲା ଅବା ସମାଜଚ୍ୟୁତ କରାଯାଉଥିଲା । ପ୍ରତ୍ୟେକ ସମ୍ପ୍ରଦାୟର ସେହି ସମାନ ଆତ୍ମା ରହିଅଛି । ପ୍ରତ୍ୟେକ ସମ୍ପ୍ରଦାୟ ଦୃଢ଼ତାପୂର୍ବକ କହିଥାଏ ଯେ, ମଣ୍ଡଳୀର ଶାସନତନ୍ତ୍ରର ଚାବିକାଠି ତାହାର ପାଖରେ ରହିଛି । ପ୍ରତ୍ୟେକ ସମ୍ପ୍ରଦାୟ ଦାବି କରିଥାଏ ଯେ ସେ ଦ୍ୱାର ଫିଟାଇଥାଏ । ମାତ୍ର, ଏହା ସତ୍ୟ ନୁହେଁ । ଏହା ତ ଯୀଶୁ, କେବଳ ଯୀଶୁ ହିଁ ତାହା ଫିଟାଇଥାଆନ୍ତି । ସେ ଶରୀରରେ, ଅର୍ଥାତ୍ ମଣ୍ଡଳୀରେ ସଦସ୍ୟମାନଙ୍କୁ ସ୍ଥାପନ କରିଥାଆନ୍ତି । ସେ ସେମାନଙ୍କୁ ସେମାନଙ୍କ ସେବାକାର୍ଯ୍ୟସବୁ ସହ ବିଭୂଷିତ କରିଥାଆନ୍ତି । ସେ ବିଭିନ୍ନ ଦାନକୁ କନ୍ୟାର କର୍ତ୍ତୃତ୍ୱାଧିନରେ ରଖିଥାଆନ୍ତି । ସେ ତା'ର ଯତ୍ନ ନିଅନ୍ତି ଏବଂ ତା'ର ମାର୍ଗଦର୍ଶନ କରନ୍ତି । କନ୍ୟା କେବଳମାତ୍ର ତାହାଙ୍କର ହିଁ ନିଜସ୍ୱ ସମ୍ପଦ ଅଟେ ଏବଂ ତା' ବ୍ୟତୀତ ତାହାଙ୍କର ଆଉ କେହି ନାହାନ୍ତି ।

ଆମେ ଏହି ଯେଉଁ ମଣ୍ଡଳୀ ଯୁଗରେ ବାସ କରୁଛୁ, ତାହା ବାସ୍ତବତାଠାରୁ କେତେ ଅଧିକ ଦୂରରେ ରହିଛି । ଆଉ, ଦିନେ ଅନତିବିଳମ୍ବେ ଏହି ଲୋକମାନେ, ଯେଉଁମାନେ କି ଏବେ ହିଁ ମଣ୍ଡଳୀ ସପକ୍ଷରେ କଥା କହିବାକୁ ଇଚ୍ଛା ପ୍ରକାଶ କରନ୍ତି, ସେମାନଙ୍କର ସଂଗଠନଗୁଡ଼ିକର ଶୀର୍ଷସ୍ଥାନରେ ଏକ ଜୀବିତ ଖ୍ରୀଷ୍ଟାରିକୁ ସ୍ଥାପନ କରିବା ନିମନ୍ତେ ସାର୍ବଜନିକ ଆନ୍ଦୋଳନରେ ଜାଗି ଉଠିବେ, ଯାହାକି ପ୍ରଭୁଙ୍କୁ ସିଂହାସନଚ୍ୟୁତ କରିଥାଏ ପୁଣି ଆମେ ତାହାଙ୍କୁ (ଖ୍ରୀଷ୍ଟଙ୍କୁ) ମଣ୍ଡଳୀର ବହିର୍ଭାଗରେ ଦଣ୍ଡାୟମାନ ଥାଇ ଏହା କହୁଥିବାର ଦେଖିବା,

> *"ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଅଛୁ; ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇଦେବ, ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ ।"*

(ପ୍ରକାଶିତ ବାକ୍ୟ 3:20) ।

@@ତେବେ, ମୋତେ ଏହା କହିବାକୁ ଦିଅନ୍ତୁ । ଆମର ପ୍ରଭୁ ପରାସ୍ତ ହୋଇନାହାନ୍ତି । ମନୁଷ୍ୟମାନେ ପରମେଶ୍ୱରଙ୍କର ପ୍ରତି ଦ୍ୱାର ଫିଟାଇବା ଓ ସେହି ଦ୍ୱାର ବନ୍ଦ କରିବା ବିଷୟରେ ଦାବି କରିଥା'ନ୍ତି, ମାତ୍ର ସେମାନେ ମିଥ୍ୟାବାଦୀ ଅଟନ୍ତି । ପିତା ଯେସମସ୍ତଙ୍କୁ ତାହାଙ୍କୁ ଦାନ କରିଅଛନ୍ତି, ସେମାନେ ସମସ୍ତେ ତାହାଙ୍କର ନିକଟକୁ ଆସିବେ ; ଆଉ, ଯେ ତାହାଙ୍କର ନିକଟକୁ ଆସେ, ତାହାକୁ ସେ କୌଣସି ପ୍ରକାରେ ବାହାର କରିଦେବେ ନାହିଁ; ସେମାନଙ୍କ ମଧ୍ୟରୁ ସେ **କାହାରିକୁ** ହେଲେ ହରାଇବେ **ନାହିଁ** । ଯୋହନ 6:37-39 । ଆଉ, ସେହି ଅନ୍ତିମ ମନୋନୀତ ସଦସ୍ୟ ଖ୍ରୀଷ୍ଟଙ୍କର ଶରୀର (ମଣ୍ଡଳୀ) ମଧ୍ୟକୁ ଆସିଯିବା ପରେ ହିଁ ଆମର ପ୍ରଭୁ ଦୃଷ୍ଟିଗୋଚର ହେବେ ।

ଦାଉଦଙ୍କର କଞ୍ଚି । ଦାଉଦ କ'ଣ ଇସ୍ରାଏଲର - ସମଗ୍ର ଇସ୍ରାଏଲର ରାଜା ନ ଥିଲେ ? ଆଉ, ଯୀଶୁ କଅଣ ଏହି ତଥ୍ୟ ଅନୁଯାୟୀ ଦାଉଦଙ୍କ ପୁତ୍ର ନୁହନ୍ତି ଯେ, ସେ ସହସ୍ରାବ୍ଦୀ ଅର୍ଥାତ୍ ସହସ୍ର ବର୍ଷ ରାଜ୍ୟରେ ଦାଉଦଙ୍କ ସିଂହାସନରେ ଅଧିଷ୍ଠିତ ହେବେ ଏବଂ ଆପଣାର ପୈତୃକ-ସମ୍ପତ୍ତି ଉପରେ ରାଜତ୍ୱ ଓ ଶାସନ କରିବେ ? ନିଶ୍ଚିତରେ । ଏଣୁ ଦାଉଦଙ୍କ କଞ୍ଚି ଜ୍ଞାତ କରାଏ ଯେ ଏହା ଯୀଶୁ ହିଁ ଅଟନ୍ତି ଯିଏକି ଏହି ସହସ୍ରାବ୍ଦୀର ବିଷୟକୁ ଆନୟନ ବା ହାଜିର କରିବେ । ଯାହାଙ୍କର ହସ୍ତରେ ମୃତ୍ୟୁ ଓ ପାତାଳର କଞ୍ଚି ଅଛି, ସେ ଆପଣାର ନିଜର ଲୋକମାନଙ୍କୁ ଉଠାଇବେ, ଯେପରିକି ସେମାନେ ଧରାପୃଷ୍ଠରେ ତାହାଙ୍କର ଧର୍ମମୟ ରାଜତ୍ୱରେ ଅଂଶୀ ହୋଇପାରନ୍ତି ।

ଏହା କେତେ ଆଶ୍ଚର୍ଯ୍ୟଜନକ ବିଷୟ ଯେ ଆମ ପ୍ରଭୁଙ୍କର ନିକଟରେ ସମସ୍ତ ଉତ୍ତର ବା ସମାଧାନ ରହିଛି । ବାସ୍ତବତଃ, ତାହାଙ୍କଠାରେ ପରମେଶ୍ୱରଙ୍କର ସକଳ ପ୍ରତିଜ୍ଞା ସଫଳ ହୋଇଅଛି । ପ୍ରକୃତରେ କହିବାକୁ ଗଲେ, ତାହାଙ୍କ **ଠାରେ** ରହିବା ଦ୍ୱାରା ହିଁ ଆମେ ସେହିସବୁ ପ୍ରତି ଉତ୍ତରାଧିକାରୀ ଅଟୁ ଯାହାସବୁ ସେ ଆମ ପାଇଁ କ୍ରୟ କରିଅଛନ୍ତି ।

ହଁ, ସେହି ମହିମାର ପ୍ରଭୁ ସେଠାରେ ବିଦ୍ୟମାନ ଅଟନ୍ତି । ଏକଦା ପିତାସ୍ୱରୂପେ ସେ ଦୂତଗଣ, ପ୍ରଧାନ ଦୂତଗଣ, କିରୂବଗଣ, ପୁଣି ସରାଫଗଣ ଦ୍ୱାରା ପରିବେଷ୍ଟିତ ହୋଇଥିଲେ, ଆଉ ସମୁଦାୟ ସ୍ୱର୍ଗୀୟ ବାହିନୀ ଉଚ୍ଚ ସ୍ୱରରେ କହୁଥିଲେ," ସୈନ୍ୟାଧିପତି ସଦାପ୍ରଭୁ ପରମେଶ୍ୱର ପବିତ୍ର, ପବିତ୍ର, ପବିତ୍ର ।" (ଯିଶାଇୟ 6:3) । ତାହାଙ୍କର ପବିତ୍ରତା ଏହିପରି ଥିଲା ଯେ, କେହି ହେଲେ ମନୁଷ୍ୟ ତାହାଙ୍କର ନିକଟବର୍ତ୍ତୀ ହୋଇପାରୁ ନ ଥିଲେ । ମାତ୍ର ବର୍ତ୍ତମାନ ଆମେ ତାହାଙ୍କୁ ମଣ୍ଡଳୀ ମଧ୍ୟରେ ତାହାଙ୍କ ନିଜର ପବିତ୍ରତାକୁ ଆମ ସହିତ ଅଂଶୀ କରୁଥିବାର ଦେଖିବାକୁ ପାଉ ଯେପର୍ଯ୍ୟନ୍ତ କି ତାହାଙ୍କଠାରେ ଆମେ ପରମେଶ୍ୱରଙ୍କର ସେହି ଧାର୍ମିକତାସ୍ୱରୂପ ନ ହୋଇଯାଇଅଛୁ । ହଁ, ଆଉ ଏହିରୂପେ ହିଁ ସେ ସେଠାରେ ବିଦ୍ୟମାନ ଅଟନ୍ତି, "ଯୀଶୁ, ପ୍ରତ୍ୟେକ ବିଷୟ ସିଦ୍ଧ", - ଉପତ୍ୟକାର

ଶୋଶନ୍ ପୁଷ୍ପ, ଉତ୍କଳ ପ୍ରଭାତୀ-ତାରା, ଦଶ ସହସ୍ରଙ୍କ ମଧ୍ୟରେ ସୁନ୍ଦର, କ ଓ କ୍ଷ, ଦାଉଦଙ୍କ ମୂଳ ଓ ବଂଶଜ, ପିତା, ପୁତ୍ର ଏବଂ ପବିତ୍ର ଆତ୍ମା - ସେହି ସମସ୍ତ ଏବଂ ସମସ୍ତ ମଧ୍ୟରେ ।

ଯିଶାଇୟ ୨:୬,

"କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୁତ୍ୱଭାର ଥୁଆଯିବ; ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।''

ତାହାଙ୍କଠାରେ ହିଁ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତା ରହିଅଛି । ଯଦିଓ ଦିନେ ତାହାଙ୍କୁ ଆମେ ସମ୍ମାନ ପ୍ରଦାନ କରି ନ ଥିଲୁ, ମାତ୍ର ବର୍ତ୍ତମାନ ତାହାଙ୍କୁ ଆମେ ଅକଥନୀୟ ଆନନ୍ଦ ଏବଂ ସମ୍ପୂର୍ଣ୍ଣ ଗୌରବ ସହକାରେ ପ୍ରେମ କରୁଅଛୁ । ମଣ୍ଡଳୀର ମଧ୍ୟସ୍ଥଳରେ ସେ ବିଦ୍ୟମାନ ଅଟନ୍ତି, ଓ ଆମେ ତାହାଙ୍କର ପ୍ରଶଂସା ଗାନ କରିବା, କାରଣ ସେ, ସେହି ପରାକ୍ରାନ୍ତ ବିଜୟୀ, ଆପଣା ମଣ୍ଡଳୀ ଉପରେ ମସ୍ତକ ବା କର୍ତ୍ତା ଅଟନ୍ତି ଯେଉଁ ମଣ୍ଡଳୀକି ତାହାଙ୍କର କନ୍ୟା (bride) ଅଟେ । ସେ ସେହି କନ୍ୟାକୁ କ୍ରୟ କରିଅଛନ୍ତି । ସେ ତା'ର ଅଧିକାରୀ । ଅଟନ୍ତି । ସେ ତାହାଙ୍କର ଓ କେବଳ ତାହାଙ୍କର ଅଟେ ଏବଂ ସେ ତା' ନିମନ୍ତେ ଯତ୍ନବାନ ଅଟନ୍ତି । ସେ ଆମର ରାଜା ଅଟନ୍ତି ଏବଂ ଆମେ ତାହାଙ୍କର ରାଜ୍ୟ, ତାହାଙ୍କର ଅନନ୍ତ ଅଧିକାର ଅଟୁ ।

ବର୍ତ୍ତମାନ ଆପଣ ମନେ ପକାଇବେ ଯେ, 7 ପଦର ପ୍ରାରମ୍ଭରେ ମୁଁ କହିଥିଲି ଯେ ୨ ପଦ ଆମକୁ ଏହା ବୁଝିବାରେ ସାହାଯ୍ୟ କରିବ । ମୁଁ ଆଶା କରେ ଯେ ମୋର କହିବାର ଅର୍ଥ ଆପଣ ବୁଝିଥିବେ । ଯୀଶୁ ଆପଣାକୁ ସେ ହିଁ ଜଣେମାତ୍ର ବ୍ୟକ୍ତିରୂପେ ଉପସ୍ଥାପନ କରୁଅଛନ୍ତି ଯେକି ସେହି ପବିତ୍ର, ସତ୍ୟ, (ଅବା ଏକମାତ୍ର ବାସ୍ତବତା) ଦାଉଦଙ୍କ କଞ୍ଚି ଧାରଣକାରୀ, ଏପରି ଜଣକ ଯିଏ ଫିଟାନ୍ତି ଓ ବନ୍ଦ କରନ୍ତି । ଆଉ, ତାହା ଅବିକଳଭାବେ ସତ୍ୟ ଅଟେ । ସେହି ବାକ୍ୟାଂଶସମୂହ ତାହାଙ୍କୁ ନିଖୁନ୍ତରୂପେ ବର୍ଣ୍ଣନା କରନ୍ତି । ତେବେ, ତାହାଙ୍କ ସମୟରେ ଥିବା ଯିହୂଦୀମାନେ ତାହାଙ୍କୁ ଏବଂ ସେ ଯାହାଥିଲେ, ସେସବୁକୁ ଅସ୍ୱୀକାର କଲେ । ସେମାନେ ସେମାନଙ୍କର ତ୍ରାଣକର୍ତ୍ତାଙ୍କୁ ଏବଂ ସେମାନଙ୍କ ପ୍ରତି ତାହାଙ୍କର ନିର୍ଦ୍ଧାରିତ ସମସ୍ତ ଅଭିପ୍ରାୟକୁ ପ୍ରତ୍ୟାଖ୍ୟାନ ବା ଅଗ୍ରାହ୍ୟ କଲେ । ଆଉ, ନାମଧାରୀ ଖ୍ରୀଷ୍ଟିୟାନମାନେ ମଧ୍ୟ ଆଜି ତାହା ହିଁ କରିଛନ୍ତି । ଯିହୂଦୀମାନେ ଯାହାସବୁ କରିଥିଲେ, ସେମାନେ ମଧ୍ୟ ଅବିକଳଭାବେ ସେହିସବୁ ହଁ କରିଛନ୍ତି । ଯିହୂଦୀମାନେ ତାହାଙ୍କୁ କୁଶବିଦ୍ଧ କଲେ ଏବଂ ତତ୍ପରେ ବାସ୍ତବ ବିଶ୍ୱାସୀମାନଙ୍କୁ ଆକ୍ରମଣ କଲେ । ନାମଧାରୀ ଖ୍ରୀଷ୍ଟିୟାନମାନେ ମଧ୍ୟ ତାହାଙ୍କୁ ପୁଣିଥରେ କ୍ରୁଶାର୍ପିତ କରିଛନ୍ତି ଓ ତତ୍ପରେ ବାସ୍ତବ ମଣ୍ଡଳୀକୁ ଧ୍ୱଂସ କରିବା ହେତୁ ତାହାକୁ ଆକ୍ରମଣ କରିଛନ୍ତି । ମାତ୍ର, ପରମେଶ୍ୱର ସତ୍ୟ ଅଟନ୍ତି, ଆଉ ସେ ଯିଏକି ସର୍ବୋପରିସ୍ଥ ତଥାପି ସୁଦ୍ଧା ପ୍ରତ୍ୟାବର୍ତ୍ତନ କରିବେ, ପୁଣି ଯେତେବେଳେ ସେ ପ୍ରତ୍ୟାବର୍ତ୍ତନ କରିବେ ସେତେବେଳେ ସେ ଦେଖାଇଦେବେ ଯେ, ଏକମାତ୍ର ସମ୍ରାଟ ଅର୍ଥାତ୍ ରାଜାମାନଙ୍କର ରାଜା କିଏ ଅଟନ୍ତି । ଆଉ, ଯେତେବେଳେ ସେ ଜଗତ ସମ୍ମୁଖରେ ଆପଣାକୁ ପ୍ରମାଣିତ କରିବେ, ସେତେବେଳେ ସମୁଦାୟ ଜଗତ ତାହାଙ୍କର ପଦଯୁଗଳରେ ପ୍ରଣିପାତ କରିବ, ପୁଣି ସେହି ସମୟରେ ସମୁଦାୟ ଜଗତ ସାଧୁମାନଙ୍କ ପାଦ ନିକଟରେ ମସ୍ତକ ନତ କରିବେ, ଯଦ୍ୱାରା କି ଏହା ପ୍ରମାଣିତ ହେବ ଯେ, ସେମାନେ ତାହାଙ୍କର ସହିତ ନିଜର ପକ୍ଷ ନେଇଥିବା ବିଷୟରେ ଠିକ୍ ଥିଲେ । ପରମେଶ୍ୱର ସଦାସର୍ବଦା ଧନ୍ୟ ହେଉନ୍ତୁ !

ଉନ୍ମୁକ୍ତ ଦ୍ୱାରର ଯୁଗ (The Age Of The Open Door)

ପ୍ରକାଶିତ ବାକ୍ୟ ୩:୪,

"ଆମ୍ଭେ ତୁମ୍ଭର କାର୍ଯ୍ୟ ଜାଣୁ; ଦେଖ, ଆମ୍ଭେ ତୁମ୍ଭ ସମ୍ମୁଖରେ ଗୋଟିଏ ଦ୍ୱାର ଫିଟାଇଅଛୁ, କେହି ତାହା ବନ୍ଦ କରିପାରେ ନାହିଁ, କାରଣ ତୁମ୍ଭ ଶକ୍ତି ସାମାନ୍ୟ, ତଥାପି ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରି ଆମ୍ଭର ନାମ ଅସ୍ୱୀକାର କରି ନାହଁ ।"

ଏହି ପଦର ପ୍ରଥମ ବାକ୍ୟାଂଶ, "ଆମ୍ଭେ ତୁମ୍ଭର କାର୍ଯ୍ୟ ଜାଣୁ", ଏହି ପଦର ଅବଶିଷ୍ଟାଂଶରେ ବିଶ୍ଳେଷଣ କରାଯାଇଅଛି, କାରଣ ସେମାନଙ୍କ କାର୍ଯ୍ୟ ସେହି 'ଉନ୍ମୁକ୍ତ ଦ୍ୱାର', 'ସାମାନ୍ୟ ଶକ୍ତି', 'ବାକ୍ୟ ଏବଂ ନାମ' ସହିତ ସମ୍ପର୍କିତ ହେବାକୁ ଥିଲା ।

"ଦେଖ, ଆମ୍ଭେ ତୁମ୍ଭ ସମ୍ମୁଖରେ ଗୋଟିଏ ଦ୍ୱାର ଫିଟାଇଅଛୁ, କେହି ତାହା ବନ୍ଦ କରିପାରେ ନାହିଁ" - ଏହି ଉକ୍ତିରେ ସମ୍ପୃକ୍ତ ଥିବା ଅର୍ଥର ସେହି ଗଭୀରତାକୁ ବୁଝିବାକୁ ହେଲେ ଆମେ ପ୍ରଥମେ ସ୍ମରଣ କରିବା ଆବଶ୍ୟକ ଯେ, ପ୍ରତ୍ୟେକ ଯୁଗ ଅନ୍ୟ ଏକ ଯୁଗ ମଧ୍ୟକୁ ଗତି କରୁଥିବା ବିଷୟରେ କ'ଣ କୁହାଯାଇଅଛି । ତାହା ଏକ ଆକସ୍ମିକ ଅବସାନ, ପରିସମାପ୍ତି ଓ ଏକ ସୁସ୍ପଷ୍ଟ ପ୍ରାରମ୍ଭ ହୋଇଥିବା ଅପେକ୍ଷା ବରଂ ଗୋଟିଏ ଯୁଗ ଉପରେ ଆଉ ଗୋଟିଏ ଯୁଗ ଆଂଶିକଭାବେ ବିସ୍ତାରିତ (overlapping) ହୋଇ ରହିଥିବା, ଏକ ପ୍ରକାର ଧୀରେ ଧୀରେ ଅଦୃଶ୍ୟ ହେଉଥିବା ଅବା ତା' ମଧ୍ୟରେ ବିଲୀନ ହୋଇଯାଉଥିବାର ବିଷୟ ଅଟେ । ଏହି ଯୁଗଟି ବିଶେଷତଃ ପରବର୍ତ୍ତି ଯୁଗ ମଧ୍ୟକୁ ଚାଲିଯାଇଥାଏ । ଆଉ, ଏହି ଯୁଗଟି ଯେ କେବଳ ଅନ୍ତିମ ଯୁଗ ମଧ୍ୟକୁ ବିସ୍ତାରିତ ହୋଇ ମିଶିଯାଏ ତାହା ନୁହେଁ, ମାତ୍ର ଅନ୍ତିମ ଯୁଗଟି ମଧ୍ୟ ଅନେକ ଦୃଷ୍ଟିରୁ କେବଳ ଷଷ୍ଠ ଯୁଗର ଏକ କ୍ରମାଗତ ପ୍ରସାରଣ ଅଟେ । ସପ୍ତମ ଯୁଗ (ଏକ ଅତ୍ୟନ୍ତ ସଂକ୍ଷିପ୍ତ ଯୁଗ) ପ୍ରତ୍ୟେକ ଯୁଗର ସମସ୍ତ ମନ୍ଦତାକୁ ଏକ ଦୃତ କାର୍ଯ୍ୟ ନିମନ୍ତେ ଆପଣା ମଧ୍ୟରେ ଏକତ୍ରିତ କରିଥାଏ ଆଉ ତଥାପି ସୁଦ୍ଧା ପେଣ୍ଟିକଷ୍ଟର ସମୁଦାୟ ବାସ୍ତବତା ତନ୍ମଧ୍ୟରେ ରହିଥାଏ । ଫିଲାଦେଲଫୀୟ ଯୁଗ ଥରେ ଆପଣା ଗତିପଥକୁ ସମାପ୍ତ କରିବା ଉପରେ ହେବା ମାତ୍ରେ ଲାଅଦିକୀୟ ଯୁଗ ଦ୍ରୁତଗତିରେ ଭିତରକୁ ଚାଲିଆସିଥାଏ, ପୁଣି ବାଲୁଙ୍ଗା ତଥା ଗହମ, ଉଭୟକୁ ଅମଳ ନିମନ୍ତେ ସଙ୍ଗରେ ନେଇ ଆସେ,

"ପୋଡ଼ିବା ପାଇଁ ଆଗେ ବାଲୁଙ୍ଗା ଏକାଠି କରି ବିଡ଼ା ବାନ୍ଧ, କିନ୍ତୁ ଗହମ ମୋ' ଅମାରରେ ସଂଗ୍ରହ କରି ରଖ ।"

ମାଥିଉ 13:30 ।

ଦୟାକରି ସ୍ମରଣ କରନ୍ତୁ ଯେ, ସାର୍ଦ୍ଦୀୟ ଯୁଗ ସେହି ପୁନର୍ଗଠନ ବା ସଂସ୍କାର (reformation)କୁ ଆରମ୍ଭ କରିଥିଲା, ଯାହାକି, ସେପର୍ଯ୍ୟନ୍ତ ସୁଦ୍ଧା ଆଗେଇ ଚାଲିବା ଆବଶ୍ୟକ ଯେପର୍ଯ୍ୟନ୍ତକି ପେଣ୍ଟିକଷ୍ଟ ସମୟରେ ରୋପିତ ହୋଇଥିବା ସେହି ବୀଜଟି ରୋପଣ, ଜଳସେଚନ, ପୁଷ୍ଟିକରଣ, ଇତ୍ୟାଦି ସମ୍ପୂର୍ଣ୍ଣ ସମୟ-ଚକ୍ର ଦେଇ ଗତି କରି ମୂଳ ବୀଜର ଅବସ୍ଥାକୁ ଠିକ୍ ଫେରି ନ ଆସେ । ତେବେ, ଏହି ବିଷୟ ହୋଇଚାଲିଥିବା ସମୟରେ ବୁଣାଯାଇଥିବା ସେହି ବାଲୁଙ୍ଗାଗୁଡ଼ିକୁ ମଧ୍ୟ ସେମାନଙ୍କ ସମୟ-ଚକ୍ର ଦେଇ ଗତି କରିବାକୁ ଓ ଅମଳ ହେବାକୁ ପଡ଼ିବ । ଆଉ ଠିକ୍ ତାହା ହିଁ ଆମେ ସଂଘଟିତ ହେବାର ଦେଖୁଛୁ । ଆପଣ ଯଦି ଋତୁଗୁଡିକ ବିଷୟରେ କେବଳ ଚିନ୍ତା କରିପାରିବେ, ତେବେ ଆପଣ ଉପରୋକ୍ତ ବିଷୟର ଏକ ସ୍ପଷ୍ଟ ଚିତ୍ର ପାଇପାରିବେ । ସେହି ଗଛ ଯାହାକୁ ଆପଣ ଗ୍ରୀଷ୍ମଋତୁରେ ହୃଷ୍ଟପୁଷ୍ଟଭାବେ ବୃଦ୍ଧିଲାଭ କରୁଥିବା ଦେଖନ୍ତି ହଠାତ୍ ବୀଜରେ ପରିଣତ ହେଉଥିବାର ଦୃଷ୍ଟିଗୋଚର ହୁଏ । ଗ୍ରୀଷ୍ମଋତୁ ଯେ କେତେବେଳେ ଶରତଋତୁରେ ପରିଣତ ହୋଇଗଲା ଆପଣ ତାହା ସଠିକ୍‌ଭାବେ କହିପାରିବେ ନାହିଁ - ଏହା ତ କେବଳ ଏଥି ମଧ୍ୟରେ ବିଲୀନ ହୋଇଗଲା । ଯୁଗସମୂହ ଠିକ୍ ଏହିପରି ହିଁ ଅଟନ୍ତି, ଆଉ ବିଶେଷତଃ ଏହି ଅନ୍ତିମ ଯୁଗଦ୍ୱୟ ଏହିପରି ଅଟନ୍ତି ।

ଏହି ଯୁଗ ଉଦ୍ଦେଶ୍ୟରେ ହିଁ ଯୀଶୁ କହନ୍ତି, "ଆମ୍ଭେ **ଶୀଘ୍ର** ଆସୁଅଛୁ" (11 ପଦ) । ତାହା ହିଁ ଅନ୍ତିମ ଯୁଗକୁ ଏକ ଅତ୍ୟନ୍ତ ସଂକ୍ଷିପ୍ତୀକୃତ କରିଥାଏ । ଲାଅଦିକୀଆ ଏକ ଦୃତ କାର୍ଯ୍ୟ ର ଯୁଗ ଅଟେ । ଏହା ଛୋଟ କରାଯାଇଛି ।

ବର୍ତ୍ତମାନ ଆମେ ବିଶେଷତଃ **ଉନ୍ମୁକ୍ତ ଦ୍ୱାର** ଉପରେ ଆଲୋଚନା କରିବା, ଯାହାକୁ କୌଣସି ମନୁଷ୍ୟ ବନ୍ଦ କରିପାରିବେ ନାହିଁ । ସର୍ବପ୍ରଥମେ, ମୁଁ ସେହି 'ଉନ୍ମୁକ୍ତ ଦ୍ୱାର' ଉପରେ ଆଲୋଚନା କରିବାକୁ ଚାହେଁ, କାରଣ ଏହା ସେହି ଯୁଗର ଅତ୍ୟଧିକ ମିଶନାରୀ ଉଦ୍ୟମକୁ ପ୍ରକାଶ କରେ । ପାଉଲ ପ୍ରଭୁଙ୍କର ନିମନ୍ତେ ଏକ ନୂତନ ମିଶନାରୀ ଉଦ୍ୟମକୁ ଏକ 'ମୁକ୍ତ ଦ୍ୱାର' ବୋଲି ଆଖ୍ୟାୟିତ କଲେ ।

2 କରିନ୍ଥୀୟ 2: 12,

> *"ପୁଣି, ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ପାଇଁ ମୁଁ ତ୍ରୋୟାକୁ ଆସିଲା ଉତ୍ତାରେ ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ସୁଯୋଗରୂପ ଦ୍ୱାର ମୁକ୍ତ ହେଲା ।"*

ଏଣୁ ଆମେ ଶାସାଂଶସକଳର ତୁଳନା ଦ୍ୱାରା ଦେଖିପାରିବା ଯେ, ଏହି 'ଉନ୍ମୁକ୍ତ ଦ୍ୱାର' ସୁସମାଚାରର ସେହି ସୁମହାନ ପ୍ରସାରଣକୁ ପ୍ରକାଶ କରିଥିଲା, ଯାହାକି ପୃଥିବୀ କଦାପି ଦେଖିନାହିଁ ।

ଏଠାରେ ଆପଣ ଆଉକିଛି ବିଷୟ ପ୍ରତି ଦୃଷ୍ଟିପାତ କରନ୍ତୁ ବୋଲି ମୁଁ ଚାହେଁ । ପରମେଶ୍ୱର ତିନି ସଂଖ୍ୟାରେ କାର୍ଯ୍ୟ କରନ୍ତି, କ'ଣ ସେ କରନ୍ତି ନାହିଁ କି ? ଏହା ତ ସେହି ତୃତୀୟ ଅବା ପର୍ଗମୀୟ ଯୁଗରେ ହିଁ ହୋଇଥିଲା ଯେତେବେଳେ କି ମଣ୍ଡଳୀଟି ଦେଶ ସହିତ ବିବାହ ସମ୍ବନ୍ଧରେ ଆବଦ୍ଧ ହୋଇଥିଲା । ନୀକଲାୟତୀୟମାନଙ୍କ କାର୍ଯ୍ୟସବୁ ନୀକଲାୟତୀୟମାନଙ୍କ ବିଶ୍ୱାସ-ମତରେ ପରିଣତ ହୋଇଥିଲା । ସେହି ଯୁଗ ଅପ୍ରକୃତ ଦ୍ରାକ୍ଷାଲତା ପାଇଁ '**ଉନ୍ମୁକ୍ତ ଦ୍ୱାର**' ଥିଲା । ଏହା ଦେଶର କ୍ଷମତା ଦ୍ୱାରା ଥରେ ସମର୍ଥନ ପ୍ରାପ୍ତ ହେବା ପରେ ଏହା ଖ୍ରୀଷ୍ଟିୟାନ ନାମ ଧାରଣ କରିଥିଲେ ସୁଦ୍ଧା ଏହା ପ୍ରକୃତରେ ଏକ ବିଶ୍ୱ ପଦ୍ଧତି ପାଲଟି ଯାଇଥିଲା । ଏହିରୂପେ ଏହା ବନାଗ୍ନି (ବଣର ଅଗ୍ନି) ସଦୃଶ ବ୍ୟାପିଗଲା । ତେବେ ବର୍ତ୍ତମାନ, ତିନୋଟି ଯୁଗ ପରେ, ବିଶ୍ୱାସର ଏକ ଦୀର୍ଘ ତଥା କଠିନ ସଂଗ୍ରାମ ଉତ୍ତାରେ, ଏଠାରେ ସତ୍ୟ ପ୍ରତି **ଉନ୍ମୁକ୍ତ ଦ୍ୱାର** ଉପନୀତ ହୁଏ । ତେବେ ପ୍ରଭୁଙ୍କର ବାକ୍ୟ ଆପଣା ଦିନ ପ୍ରାପ୍ତ କରିଅଛି । ଅବଶ୍ୟ, ପଞ୍ଚମ ଯୁଗ (ସାର୍ଦ୍ଦୀ) ଏହି ମହତ୍ କାର୍ଯ୍ୟ ନିମନ୍ତେ ପଥ ପ୍ରସ୍ତୁତ କରିସାରିଥିଲା, ଯେହେତୁ ସେହି ଯୁଗ ଆମକୁ ଅନୁସନ୍ଧାନ, ଉପନିବେଶ ସ୍ଥାପନ, ପୁସ୍ତକ ମୁଦ୍ରଣ, ଇତ୍ୟାଦି ବିଷୟ ପ୍ରଦାନ କରିଥିଲା ।

ତେବେ, ଏହା ଅତି ଚମତ୍କାର ହୋଇଥା'ନ୍ତା ଯଦି ଏହି 'ଉନ୍ମୁକ୍ତ ଦ୍ୱାର'ଟି ପେଣ୍ଟିକଷ୍ଟର ସ୍ୱର୍ଗୀୟ ନମୂନାକୁ ପାଳନ କରିଥା'ନ୍ତା ଯାହାକି ଏବ୍ରୀ 2: 1-4 ରେ ଉଲ୍ଲିଖିତ ଥିଲା, "ଅତଏବ, ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍, ନୋହିଲେ କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ । କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା, ଆଉ ପ୍ରତ୍ୟେକ ଆଜ୍ଞାଲଂଘନ ଓ ଅବାଧ୍ୟତା ଯଥାର୍ଥ ପ୍ରତିଶୋଧ ପାଇଲା; ତେବେ ଏପରି ମହାପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା ? ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା; ସେ ସମ୍ବନ୍ଧରେ ପରମେଶ୍ୱର ମଧ୍ୟ ନିଜ ଇଚ୍ଛାନୁସାରେ ନାନା ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିବଧ ଶକ୍ତିର କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଅନ୍ୟାନ୍ୟ ଦାନ ଦ୍ୱାରା ସାକ୍ଷ୍ୟ ଦେଇଅଛନ୍ତି ।" ତେବେ ଆପଣ ଜାଣନ୍ତୁ ଯେ, ଏହା ହିଁ ଆଦର୍ଶ ଅଟେ, କାରଣ ଯୀଶୁ ସ୍ୱୟଂ ଏହା କହିଅଛନ୍ତି ।

ମାର୍କ 16: 15-20,

> *"ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।*
>
> *ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।*
>
> *ଆଉ, ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ' ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ,*

ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ, ସେମାନେ ପୀଡ଼ିତମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ ।

ଏହିରୂପେ ପ୍ରଭୁ ଯୀଶୁ ସେମାନଙ୍କୁ କଥା କହିବା ପରେ ସ୍ୱର୍ଗରେ ଗୃହୀତ ହୋଇ ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଲେ ।

କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଙ୍କର ସହକର୍ମୀ ହୋଇ ଅନୁବର୍ତ୍ତୀ ଚିହ୍ନଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ । ଆମେନ୍ ।"

ସେ ସେମାନଙ୍କୁ ଆଦୌ କହି ନ ଥିଲେ ଯେ, ସେମାନେ ସମୁଦାୟ ଜଗତକୁ ଯାଇ ବାଇବଲ ବିଦ୍ୟାଳୟମାନ ପ୍ରତିଷ୍ଠା କରନ୍ତୁ, କିଅବା ସେ ସେମାନଙ୍କୁ ଧାର୍ମିକ-ସାହିତ୍ୟସବୁ ବିତରଣ କରିବାକୁ କହି ନ ଥିଲେ । ତେବେ, ସେସବୁ ବିଷୟ ବେଶ୍ ଉତ୍ତମ ଅଟେ, ମାତ୍ର ଯୀଶୁ ସେମାନଙ୍କୁ ଯାହା କରିବାକୁ କହିଥିଲେ, ତାହା ଥିଲା **ସୁସମାଚାର ପ୍ରଚାର କରିବା** - **ବାକ୍ୟ** ସହିତ ସଂଲଗ୍ନ ହୋଇ ରହିବା - ଆଉ ତପୂରେ ଚିହ୍ନସବୁ ଅନୁବର୍ତ୍ତୀ ହେବ । ପରମେଶ୍ୱରଙ୍କର ରାଜ୍ୟ ବିଷୟରେ ଯେଉଁପରିଭାବେ ପ୍ରଚାର କରାଯିବାକୁ ଥିଲା, ସେଥିର ସର୍ବପ୍ରଥମ ଭୂମିକା ଆମେ ସେହିଠାରେ ହିଁ ଦେଖିବାକୁ ପାଉ, ଯେତେବେଳେ କି ସେ ଆପଣାର ବାରଜଣ ଶିଷ୍ୟଙ୍କୁ ପ୍ରେରଣ କରିଥିଲେ ।

ମାଥୁ 10: 1-8 ରେ ସେ ସେମାନଙ୍କୁ କ୍ଷମତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହିପ୍ରକାରେ ଶିକ୍ଷା ଦେଲେ,

"ଇତିମଧ୍ୟରେ ସେ ଆପଣାର ଦ୍ୱାଦଶ ଶିଷ୍ୟଙ୍କୁ ନିକଟକୁ ଡ଼ାକି ସେମାନଙ୍କୁ ଅଶୁଚି ଆତ୍ମାଗୁଡ଼ାକ ଛଡ଼ାଇବା ନିମନ୍ତେ ସେମାନଙ୍କ ଉପରେ ଅଧିକାର ଦେଲେ, ପୁଣି ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରିବା ନିମନ୍ତେ ଅଧିକାର ଦେଲେ ।

ସେହି ଦ୍ୱାଦଶ ପ୍ରେରିତଙ୍କର ନାମ ଏହି, ପ୍ରଥମରେ ଶିମୋନ୍, ଯାହାଙ୍କୁ ପିତର ବୋଲି କହନ୍ତି, ଆଉ ତାଙ୍କ ଭ୍ରାତା ଆନ୍ଦ୍ରିୟ, ଜେବଦିଙ୍କ ପୁତ୍ର ଯାକୁବ ଓ ତାଙ୍କ ଭ୍ରାତା ଯୋହନ,

ଫିଲିପ୍ ଓ ବର୍ଥଲମି, ଥୋମା ଓ କରଗ୍ରାହୀ ମାଥିଉ, ଆଲଫିଙ୍କ ପୁତ୍ର ଯାକୁବ ଓ ଥଦ୍ଦୟ,

କିଣାନୀୟ (ଉଦଯୋଗୀ) ଶିମୋନ ଓ ଇଷ୍କରିୟୋଥ ଯିହୂଦା, ଯେ ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କଲା ।

ଯୀଶୁ ଏହି ଦ୍ୱାଦଶ ଜଣଙ୍କୁ ପ୍ରେରଣ କରି ସେମାନଙ୍କୁ ଆଜ୍ଞା ଦେଇ କହିଲେ, ବିଜାତିମାନଙ୍କ ନିକଟକୁ ଯାଅ ନାହିଁ ଏବଂ ଶମିରୋଣୀୟମାନଙ୍କର କୌଣସି ନଗରରେ ପ୍ରବେଶ କର ନାହିଁ,

ବରଂ ଇସ୍ରାଏଲ ବଂଶର ହଜିଯାଇଥିବା ମେଷମାନଙ୍କ ପାଖକୁ ଯାଅ ।

ପୁଣି, ଯାଉ ଯାଉ ସ୍ୱର୍ଗରାଜ୍ୟ ସନ୍ନିକଟ, ଏହି କଥା କହି ଘୋଷଣା କର ।

ପୀଡ଼ିତମାନଙ୍କୁ ସୁସ୍ଥ କର, ମୃତମାନଙ୍କୁ ଉଠାଅ, କୁଷ୍ଠୀମାନଙ୍କୁ ଶୁଚି କର, ଭୂତମାନଙ୍କୁ ଛଡ଼ାଅ : ତୁମ୍ଭେମାନେ ବିନାମୂଲ୍ୟରେ ପାଇଅଛ, ବିନାମୂଲ୍ୟରେ ଦାନ କର ।"

ଏହି ସେବାକାର୍ଯ୍ୟ ଯାହାକି ସେ ସେମାନଙ୍କୁ ପ୍ରଦାନ କରିଥିଲେ, ପ୍ରକୃତରେ ଏହା ତାହାଙ୍କର ଆପଣା ସେବାକାର୍ଯ୍ୟରେ ସେ ସେମାନଙ୍କୁ ଅଂଶୀଦାର କରିଥିଲେ, କାରଣ ମାଥିଉ 9:35-38 ରେ ଏହିପରି ଉଲ୍ଲିଖିତ ଅଛି,

''ଏଥିଉତ୍ତାରେ ଯୀଶୁ ସେମାନଙ୍କ ସମାଜଗୃହସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି ଏବଂ ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ନଗର, ପୁଣି ଗ୍ରାମଗୁଡ଼ିକରେ ଭ୍ରମଣ କରିବାକୁ ଲାଗିଲେ ।

ଆଉ, ଲୋକସମୂହକୁ ଦେଖି ସେମାନଙ୍କ ପ୍ରତି ସେ ଦୟାରେ ବିଗଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରି ଦୁର୍ଦ୍ଦଶାଗ୍ରସ୍ତ ଓ ଛିନ୍ନଭିନ୍ନ ଥିଲେ ।

ସେତେବେଳେ ସେ ଆପଣା ଶିଷ୍ୟମାନଙ୍କୁ କହିଲେ, ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ, ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।"

ତେବେ, ଅନେକ ଲୋକମାନଙ୍କର ଧାରଣା ରହିଛି ଯେ, ଆମର ପ୍ରଭୁ ଯୀଶୁଙ୍କର ଦ୍ୱାରା ପ୍ରଦତ୍ତ ଏହି ସେବାକାର୍ଯ୍ୟ କେବଳ ପ୍ରେରିତଗଣଙ୍କ ନିକଟରେ ହିଁ ରହିଥିଲା, ଆଉ ଏହି ହେତୁରୁ ହିଁ ଯେତେବେଳେ ସେମାନେ ମୃତ୍ୟୁଭୋଗ କଲେ, ସେବାକାର୍ଯ୍ୟଟି ମଧ୍ୟ ସମାପ୍ତି ଲାଭ କଲା । ତେବେ, ତାହା ସେପରି ନୁହେଁ।

ଲୂକ 10: 1-9 ରେ ଆମେ ଦେଖିବାକୁ ପାଉ ଯେ, ତାହାଙ୍କର ପାର୍ଥିବ ପ୍ରବାସର ଦିନଗୁଡ଼ିକରେ ସେ ତାହାଙ୍କର ଆପଣାର ଲୋକମାନଙ୍କୁ ଶକ୍ତିର ସେବାକାର୍ଯ୍ୟସମୂହ ପ୍ରଦାନ କରିବାକୁ ଆରମ୍ଭ କରିସାରିଥିଲେ,

"ଏଥିଉତ୍ତାରେ ପ୍ରଭୁ ଆଉ ସତୁରି ଜଣଙ୍କୁ ନିଯୁକ୍ତ କଲେ ଓ ନିଜେ ଯେଉଁ ଯେଉଁ ନଗର ଓ ସ୍ଥାନକୁ ଯିବା ପାଇଁ ଉଦ୍ୟତ ଥିଲେ, ସେହି ସେହି ସ୍ଥାନକୁ ଦୁଇ ଦୁଇ ଜଣ କରି ସେମାନଙ୍କୁ ଆପଣା ଆଗେ ପ୍ରେରଣ କଲେ ।

ପୁଣି, ସେ ସେମାନଙ୍କୁ କହିଲେ, ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ; ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।

ତୁମ୍ଭେମାନେ ଯାଅ; ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାଛୁଆମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି ।

ଥଳି, ଝୋଲି ଓ ଜୋତା ନିଅ ନାହିଁ, ପୁଣି ବାଟରେ କାହାକୁ ନମସ୍କାର କର ନାହିଁ ।

ଆଉ, ଯେକୌଣସି ଗୃହରେ ତୁମ୍ଭେମାନେ ପ୍ରବେଶ କରିବ, ପ୍ରଥମେ କୁହ, ଏହି ଗୃହ ପ୍ରତି ଶାନ୍ତି ହେଉ ।

ଆଉ, ସେ ସ୍ଥାନରେ ଯଦି ଜଣେ ଶାନ୍ତିର ପାତ୍ର (ଇଂରାଜୀ ଅନୁବାଦ ଅନୁଯାୟୀ ପୁତ୍ର - ଅନୁ) ଥାଏ, ତାହାହେଲେ ତୁମ୍ଭମାନଙ୍କର ଶାନ୍ତି ତାହାରି ଉପରେ ଅଧିଷ୍ଠାନ କରିବ; କିନ୍ତୁ ଯଦି ନ ଥାଏ ତେବେ ତାହା ତୁମ୍ଭମାନଙ୍କ ନିକଟକୁ ବାହୁଡ଼ିଆସିବ ।

ପୁଣି, ସେମାନଙ୍କ ପାଖରେ ଯାହା ଥାଏ, ତାହା ଭୋଜନପାନ କରି ସେହି ଗୃହରେ ରୁହ, କାରଣ କାର୍ଯ୍ୟକାରୀ ଆପଣା ବେତନର ଯୋଗ୍ୟ । ଘରକୁ ଘର ଯାଅ ନାହିଁ ।

ପୁଣି, ଯେକୌଣସି ନଗରରେ ତୁମ୍ଭେମାନେ ପ୍ରବେଶ କର ଓ ଲୋକେ ତୁମ୍ଭମାନଙ୍କୁ ଗ୍ରହଣ କରନ୍ତି, ସେଠାରେ ତୁମ୍ଭମାନଙ୍କୁ ଯାହା ପରିବେଷଣ କରାଯାଏ, ତାହା ଭୋଜନ କର,

ସେ ସ୍ଥାନରେ ଥିବା ପୀଡ଼ିତମାନଙ୍କୁ ସୁସ୍ଥ କର,@@ଆଉ ସେମାନଙ୍କୁ କୁହ, ପରମେଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ସନିକଟ ।"

ଫିଲିପ୍ସଙ୍କ ଶକ୍ତିଶାଳୀ ସେବାକାର୍ଯ୍ୟକୁ ଅସ୍ୱୀକାର କରିବାକୁ କିଏ ବା ସାହସ କରିବ? ଇରେନିଅସ୍, ମାର୍ଟିନ୍, କଲୁମ୍ବା, ପାଟ୍ରିକ୍ ଓ ଅନ୍ୟ ଅଗଣିତ ବ୍ୟକ୍ତିଙ୍କର ଶକ୍ତିଶାଳୀ ସେବାକାର୍ଯ୍ୟକୁ କିଏ ବା ଅସ୍ୱୀକାର କରିବାକୁ ସାହସ କରିପାରିବ ଯେଉଁମାନେ କି ଆପଣା ଉପରେ ପରମେଶ୍ୱରଙ୍କ ଅଭିଷେକ ପ୍ରାପ୍ତ ହୋଇଥିଲେ ?

ହଁ । ବାଇବଲ ମାର୍ଗ ହିଁ ଉନ୍ମୁକ୍ତ ଦ୍ୱାରର ବାସ୍ତବ ମାର୍ଗ ଅଟେ । ଆଉ, ଏହା ସହିତ ମୁଁ ମୋ'ର ସାକ୍ଷ୍ୟକୁ ଯୋଗ କରିବାକୁ ଚାହେଁ । ମୋ'ର ଏହା କରିବାର କାରଣ ହେଉଛି ଯେ, ପରମେଶ୍ୱର ମୋ' ନିଜ ଜୀବନରେ ଯାହା କରିଅଛନ୍ତି, ତାହା ସମ୍ବନ୍ଧରେ କେବଳ ମୁଁ ହିଁ ଦୃଢ଼ତା ସହକାରେ କହିପାରିବି । ଏଣୁ ଆପଣ ଯଦି ମୋତେ ଏଠାରେ ଏକ ବ୍ୟକ୍ତିଗତ ଟିପ୍ପଣୀ କରିବାକୁ ଅନୁମତି ଦେବେ, ତେବେ ମୁଁ ଆପଣଙ୍କୁ କହିବି ଯେ, ମୁଁ କିପରିଭାବେ ଏକ ନିଶ୍ଚୟତାରେ ଜାଣିଲି ଯେ ଯୀଶୁ କାଲି ଓ ଆଜି ଏବଂ ଚିର କାଳ ସମାନ ଅଟନ୍ତି, ପୁଣି ପରମେଶ୍ୱରଙ୍କର ଶକ୍ତି ଯେ ଆଜି ମଧ୍ୟ ସେମାନଙ୍କ ପାଇଁ ଉପଲବ୍ଧ ଅଟେ ଯେଉଁମାନେ କି ବିଶ୍ୱାସ କରିବେ ତଥା ଗ୍ରହଣ କରିବେ ।

ଦକ୍ଷିଣ ଆଫ୍ରିକାକୁ ମୋର ମିଶନାରୀ ଯାତ୍ରା ସମୟରେ ପରମେଶ୍ୱର ଏପରି ବିଶେଷ ଆଶୀର୍ବାଦ କଲେ ଯେ ଯେତେବେଳେ ମୁଁ ଡର୍ବନ (Durban) ସହରକୁ ଆସିଲି, ସେଠାରେ ସେହି ଏକମାତ୍ର ସ୍ଥାନ ଯେଉଁଠାରେ କି ଲୋକମାନଙ୍କୁ ରଖାଯିବାକୁ ଆରମ୍ଭ କରାଯାଇପାରିଥିଲା, ତାହା ସେହି ସୁବିଶାଳ ଦୌଡ଼-ମାର୍ଗ ଥିଲା ଯାହାକି ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ଦୌଡ଼-ମାର୍ଗ ଅଟେ । ସେଠାରେ ଉପସ୍ଥିତ ଜନତାଙ୍କ ସଂଖ୍ୟା 1,00,000 (ଏକ ଲକ୍ଷ)ରୁ ଯଥେଷ୍ଟ ଊର୍ଦ୍ଧ୍ୱ ଥିଲା । ଆଇନ୍ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ସେମାନଙ୍କୁ ସେଠାରେ ବିଭିନ୍ନ ଉପଜାତିମାନଙ୍କୁ ପୃଥକ୍ କରି ରଖିବା ପାଇଁ ବାଡ଼ସବୁ ଦେବାକୁ ପଡ଼ିଥିଲା । ପ୍ରବଳ ଜନଭିଡ଼କୁ ସ୍ଥିର ଓ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ରଖିବା ପାଇଁ ସେମାନେ ଶହ ଶହ ସଂଖ୍ୟକ ପୋଲିସ୍ ମୁତୟନ କରିଥିଲେ । ସେହି କ୍ଷୁଧିତ ପ୍ରାଣସମୂହ ଅନେକ ଅନେକ ମାଇଲ୍ ଦୂରରୁ ଆସିଥିଲେ । ରୋଡ଼େସିଆ (Rhodesia)ଠାରୁ ଜଣେ ରାଣୀ 27 ଗୋଟି ଡ଼ବାବିଶିଷ୍ଟ ଏକ ରେଳଗାଡ଼ିରେ ପରିପୂର୍ଣ୍ଣ ହୋଇଥିବା ଆଫ୍ରିକୀୟ ମୂଳ ଅଧିବାସୀମାନଙ୍କ ସହିତରେ ଆସିଥିଲେ । ସେମାନେ ସାହାଯ୍ୟ ଆବଶ୍ୟକ କରୁଥିବା ସେମାନଙ୍କର କେତେକ ପ୍ରିୟଜନମାନଙ୍କୁ ନିଜ ପିଠିରେ ବୋହି ମାଇଲ ମାଇଲ୍ ବାଟ ଧରି ଅନେକ ପ୍ରାନ୍ତର ମଧ୍ୟଦେଇ ତଥା ପର୍ବତସବୁ ଅତିକ୍ରମ କରି ବଡ଼ କଷ୍ଟରେ ଆସିଥିଲେ । ସମଗ୍ର ଦେଶଟି ପବିତ୍ର ଆତ୍ମାଙ୍କର ଦ୍ୱାରା ପ୍ରକଟିତ ହୋଇଥିବା ସୁମହାନ୍ କାର୍ଯ୍ୟସକଳ ଦେଖି ବେଶ୍ ଉଦ୍ଦୀପିତ ହୋଇଉଠିଥିଲା ।

ଦିନେ ଅପରାହ୍ଣରେ ମୁଁ ସେବାକାର୍ଯ୍ୟ ଆରମ୍ଭ କରିବା ସମୟରେ ଉପସ୍ଥିତ ସହସ୍ର ସହସ୍ର ମୁସଲ୍‌ମାନ୍‌ମାନଙ୍କ ମଧ୍ୟରୁ ଜଣେ ମୁସଲ୍‌ମାନ୍ ସ୍ତ୍ରୀ ମଞ୍ଚ ଉପରକୁ ଆସିଲେ । ସେ ମୋ' ସମ୍ମୁଖରେ ଠିଆ ହୋଇଥିବା ବେଳେ ମୁସଲ୍‌ମାନ୍‌ମାନଙ୍କ ପ୍ରତି ଉଦ୍ଦିଷ୍ଟ ଜଣେ ମିଶନାରୀ ପ୍ରଭୁଙ୍କର ନିକଟରେ ନମ୍ରତା ସହକାରେ ନିବେଦନ କରିବାକୁ ଆରମ୍ଭ କରି କହିଲେ, "ଓଃ, ସେହି ବହୁମୂଲ୍ୟ ଆତ୍ମା ନିମନ୍ତେ । ଓଃ, ସେହି ବହୁମୂଲ୍ୟ ଆତ୍ମା ନିମନ୍ତେ ।" ଉକ୍ତ ମିଶନାରୀଜଣକ ସେଠାରେ ବର୍ଷ ବର୍ଷ ଧରି ରହି ସେବା କରି ଆସିଥିଲେ, ଆଉ ତାଙ୍କର ନିଜ ସାକ୍ଷ୍ୟ ଅନୁଯାୟୀ ସେ କେବଳ **ଜଣେ**ମାତ୍ର ମୁସଲିମ୍‌ଙ୍କୁ ଯୀଶୁ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତାସ୍ୱରୂପେ ଗ୍ରହଣ କରିବା ପାଇଁ ଆଗେଇ ଆସିବାର ଦେଖିଥିଲେ । ସେମାନେ ମୂଳତଃ ମାଦୀୟ-ପାରସିକ (Medo-Persians) ଥିଲେ, ଯେଉଁମାନଙ୍କର ନିୟମ-ବିଧିସବୁ ପରିବର୍ତ୍ତିତ ହୁଏ ନାହିଁ । ସେମାନଙ୍କୁ (ସେମାନଙ୍କ ପ୍ରାଣକୁ) ଜିଣିବା ଖୁବ୍ କଷ୍ଟକର । ଏହା ଏପରି ବୋଧହୁଏ ଯେ, "ଥରେ ଯଦି ଜଣେ ମୁସଲ୍‌ମାନ୍ ହେଲା ସଦାସର୍ବଦା ସେ ଜଣେ ମୁସଲ୍‌ମାନ୍ ହୋଇ ରହିବ" ଉକ୍ତିଟି ସେମାନଙ୍କ ମଧ୍ୟରେ ଏକ ବିଧି ବା ନିୟମ ଅଟେ ।

ଯାହାହେଉ, ସେ ସ୍ତ୍ରୀ ଲୋକ ମୋ' ସମ୍ମୁଖରେ ଠିଆ ହୋଇଥିବା ସମୟରେ ମୁଁ ତାଙ୍କୁ ଓ ଉପସ୍ଥିତ ସହସ୍ର ସହସ୍ରଙ୍କୁ ଭାଷାନ୍ତରକାରୀଙ୍କ ଜରିଆରେ କହିବାକୁ ଆରମ୍ଭ କଲି । ମୁଁ କହିଲି," କ'ଣ ଏହା ଏପରି ନୁହେଁ କି ଯେ ମିଶନାରୀମାନେ ଆପଣମାନଙ୍କୁ ଏପରି ଜଣେ **ଯୀଶୁ**ଙ୍କ ବିଷୟରେ କହିଛନ୍ତି, ଯିଏ ଆପଣଙ୍କୁ ଉଦ୍ଧାର କରିବାକୁ ଆସିଥିଲେ ?" ମୁଁ ଏହା କହିବା ସମୟରେ ଲୋକମାନେ ଏକ ଆରେକ ପରସ୍ପରକୁ ଚାହୁଁଥିବାର ଆପଣ ଦେଖୁଥା'ନ୍ତେ । ତପ୍ରେ ସେମାନେ ଯେତେବେଳେ ତାହା ଠିକ୍ ବୋଲି ଉତ୍ତର ଦେଇସାରିଲେ ମୁଁ କହିବାକୁ ଆରମ୍ଭ କଲି, "ତେବେ, ମିଶନାରୀମାନେ କ'ଣ ଆପଣମାନଙ୍କୁ ଏହି ପୁସ୍ତକରୁ (ମୋ' ବାଇବଲକୁ ସେମାନେ ଦେଖିପାରିବା ଭଳି ତାହା ମୁଁ ଟେକି ଧରିଲି) ପାଠ କରି ଶୁଣାଇଛନ୍ତି ଯେ, ଏହି ଯୀଶୁ ହିଁ ଜଣେ ସୁମହାନ୍ ସୁସ୍ଥକାରୀ ଥିଲେ, ପୁଣି ସେ ଯେ ଆପଣାର ଲୋକମାନଙ୍କୁ ଆପଣାର ନିକଟକୁ ନେଇଯିବା ନିମନ୍ତେ ପୁନର୍ବାର ଆସିବା ପର୍ଯ୍ୟନ୍ତ ଯୁଗ ଯୁଗ ଧରି ସେମାନଙ୍କ ମଧ୍ୟରେ ବାସ କରିବେ ? ସେମାନେ କ'ଣ ଆପଣମାନଙ୍କୁ କହିଥିଲେ ଯେ, ଯୀଶୁଙ୍କଠାରେ ରହିଥିବା ସେହି ସମାନ ଆତ୍ମା ସେମାନଙ୍କ ମଧ୍ୟରେ ରହିଥିବା ଯୋଗୁଁ ସେମାନେ ମଧ୍ୟ ଶକ୍ତିର ସେହି ସୁମହାନ କାର୍ଯ୍ୟସବୁ କରିପାରିବେ ଯାହାକି ଯୀଶୁ କରିଥିଲେ ? ସେମାନେ କ'ଣ ଆପଣମାନଙ୍କୁ କହିଥିଲେ ଯେ, ଆପଣ ସୁସ୍ଥ ହୋଇପାରିବେ ଓ ଏପରିକି ଉଦ୍ଧାରପ୍ରାପ୍ତ ମଧ୍ୟ ହୋଇପାରିବେ ? ତେବେ, ଆପଣମାନଙ୍କ ମଧ୍ୟରୁ କେତେ ଜଣ ସେହି ସମାନ ଯୀଶୁଙ୍କୁ ଆମ ମଧ୍ୟକୁ ଓହ୍ଲାଇ ଆସି ପୁଣି ସେହି ସମାନ ବିଷୟସବୁକୁ କରୁଥିବାର ଦେଖିବାକୁ ଭଲ ପାଇବେ ଯେଉଁ ବିଷୟସବୁକୁ ସେ ବହୁ ବର୍ଷ ପୂର୍ବେ ଏହି ଧରାପୃଷ୍ଠରେ ଥାଇ ସାଧନ କରିଥିଲେ ?" ସେମାନେ ସମସ୍ତେ ତାହା ଚାହିଁଲେ ବା ବାଞ୍ଛା କଲେ । ଏହି ଗୋଟିଏ ବିଷୟ ଉପରେ ସେମାନେ ନିଃସନ୍ଦେହତଃ ଏକମତ ହୋଇଥିଲେ ।

ମୁଁ ତପ୍ରେ କହି ଚାଲିଲି, "ଯୀଶୁ ଏହି ପୃଥିବୀରେ ରହିଥିବାବେଳେ ଯାହା କରିଥଲେ, ଆପଣାର ଆତ୍ମା ଦ୍ୱାରା ଯଦି ସେ ତାହା ସାଧନ କରିବେ, ତାହାହେଲେ କ'ଣ ଆପଣମାନେ ତାହାଙ୍କର ବାକ୍ୟ ବିଶ୍ୱାସ କରିବେ କି ?" ଆଉ ସେଠାରେ ସେହି ମୁସଲ୍‌ମାନ୍ ସ୍ତ୍ରୀଜଣକ ଠିକ୍ ମୋ' ସମ୍ମୁଖରେ ଥିଲେ । ଏପରି ସମୟରେ ଆତ୍ମା ମୋ' ଦେଇ କାର୍ଯ୍ୟ କରିବାକୁ ଆରମ୍ଭ କଲେ ।

ଆଉ ମୁଁ ସେ ସ୍ତ୍ରୀଲୋକଙ୍କୁ କହିଲି," ତେବେ, ମୁଁ ଯେ ଆପଣଙ୍କୁ ଜାଣେ ନାହିଁ ଏହା ଆପଣ ଜାଣନ୍ତି । ମୁଁ ଆପଣଙ୍କ ଭାଷା ସୁଦ୍ଧା କହିପାରେ ନାହିଁ ।" ସେ ତାହା ସ୍ୱୀକାର କଲେ । ମୁଁ କହିଲି, "ଆପଣଙ୍କୁ ସୁସ୍ଥ କରିବା ସମ୍ବନ୍ଧରେ ଆପଣ ଜାଣନ୍ତି ଯେ, ମୁଁ ତାହା କରିପାରେ ନାହିଁ । ମାତ୍ର, ଏହି ଅପରାହ୍ନରେ ଆପଣ ବାର୍ତ୍ତା ଶୁଣିଲେ ଏବଂ ମୋ'ର କହିବାର ଅର୍ଥ ବୁଝିପାରିଲେ ।" ତାଙ୍କର ଭାରତୀୟ ଭାଷାନ୍ତରକାରୀ ତାଙ୍କ ପକ୍ଷରୁ ଉତ୍ତର ଦେଇ କହିଲେ ଯେ, ସେ ତାହା ବୁଝିପାରିଛନ୍ତି, କାରଣ ନୂତନ ନିୟମ ସେ ପାଠ କରିଥିଲେ ।

ତେବେ, ମୁସଲ୍‌ମାନ୍‌ମାନେ ଅବ୍ରହାମଙ୍କ ବଂଶଧର ଅଟନ୍ତି । ସେମାନେ ଏକ ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି । ମାତ୍ର, ସେମାନେ ଯୀଶୁଙ୍କୁ ପରମେଶ୍ୱରଙ୍କର ପୁତ୍ର ବୋଲି ସ୍ୱୀକାର କରନ୍ତି ନାହିଁ ଓ ସେଥି ପରିବର୍ତ୍ତେ ସେମାନେ ମହମ୍ମଦ୍‌ଙ୍କୁ ପରମେଶ୍ୱରଙ୍କ ଭବିଷ୍ୟବକ୍ତାରୂପେ ଗ୍ରହଣ କରନ୍ତି । ସେମାନେ କହନ୍ତି ଯେ ଯୀଶୁ ଆଦୌ ମୃତ୍ୟୁଭୋଗ କରିନାହାନ୍ତି ଓ ପୁନରୁତ୍ଥିତ ହୋଇନାହାନ୍ତି । ସେମାନଙ୍କୁ ଏହି ଶିକ୍ଷା ସେମାନଙ୍କର ଯାଜକମାନଙ୍କ ଦ୍ୱାରା ଦିଆଯାଇଅଛି ଓ ସେମାନେ ତାହା ବିଶ୍ୱାସ କରନ୍ତି ।

ମୁଁ କହିଲି," କିନ୍ତୁ ଯୀଶୁ ତ ମୃତ୍ୟୁଭୋଗ କରିଥିଲେ ଏବଂ ପୁନରୁତ୍ଥିତ ହୋଇଥିଲେ । ସେ ଆପଣାର ଆତ୍ମା ମଣ୍ଡଳୀ ଉପରକୁ ପ୍ରେରଣ କଲେ । ତାହାଙ୍କଠାରେ ଥିବା ଆତ୍ମା ହିଁ ବର୍ତ୍ତମାନ ମଣ୍ଡଳୀରେ ଥିବା ଠିକ୍ ସେହି ସମାନ ଆତ୍ମା ଅଟନ୍ତି ଏବଂ ଯୀଶୁ ଯାହା କରି ଦେଖାଇଥିଲେ, ଏହି ମଣ୍ଡଳୀ ମଧ୍ୟ ତାହା ହିଁ କରି ଦେଖାଇପାରିବ ଓ କରି ଦେଖାଇବ ।

ସେ ଯୋହନ 5:19 ରେ କହିଲେ,

> *"ପୁତ୍ର ପିତାଙ୍କୁ ଯାହା କରୁଥିବା ଦେଖନ୍ତି, ତାହା ଛଡ଼ା ସେ ଆପଣାରୁ କିଛି ହିଁ କରି ପାରନ୍ତି ନାହିଁ, କାରଣ ସେ ଯାହା ଯାହା କରନ୍ତି, ପୁତ୍ର ମଧ୍ୟ ସେହିସବୁ ସେପ୍ରକାରେ କରନ୍ତି ।"*

ତେବେ, ଯୀଶୁ ଯଦି ଆସି ଆପଣଙ୍କ ସମସ୍ୟା କ'ଣ ଅଟେ କିଅବା ଆପଣ ଏଠାରେ କ'ଣ ପାଇଁ ଅଛନ୍ତି ବୋଲି ମୋ' ନିକଟରେ ପ୍ରକାଶ କରିବେ, - ଅର୍ଥାତ୍ - ଆପଣଙ୍କ ଅତୀତଟି କ'ଣ ଅଟେ ବୋଲି ଯଦି ସେ ମୋତେ କହିପାରିବେ, ନିଶ୍ଚିତରୂପେ ଆପଣ ଭବିଷ୍ୟତ ପାଇଁ ବିଶ୍ୱାସ କରିପାରିବେ କି ?

ସେହି ସ୍ତ୍ରୀଜଣକ ନିଜ ଭାଷାନ୍ତରକାରୀଙ୍କ ଜରିଆରେ କହିଲେ, "ହଁ, ମୁଁ ପାରିବି ।"

ମୁଁ କହିଲି, "ଠିକ୍ ଅଛି, ତେବେ ସେ ଏହା କରନ୍ତୁ ।"

ସେହି ମୁସଲ୍‌ମାନ୍‌ମାନେ ଅତି ଆଗ୍ରହ ସହକାରେ ଲକ୍ଷ୍ୟ କରୁଥିଲେ । କ'ଣ ଘଟିବ ବୋଲି ଦେଖିବା ନିମନ୍ତେ ସେମାନେ ସମସ୍ତେ ଆଗକୁ ଆଉଜି ପଡୁଥିଲେ ।

ତପ୍ରେ ପବିତ୍ର ଆତ୍ମା କହିଲେ, "ଆପଣଙ୍କ ସ୍ୱାମୀ ଜଣେ ବାଙ୍ଗର, ମୋଟାସୋଟା ଲୋକ, ପୁଣି ତାଙ୍କର ନିଶ କଳା । ଆପଣଙ୍କର ଦୁଇଗୋଟି ସନ୍ତାନ ଅଛନ୍ତି । ପ୍ରାୟ ତିନି ଦିନ ପୂର୍ବେ ଆପଣ ଡାକ୍ତରଙ୍କ ପାଖକୁ ଯାଇଥିଲେ ଓ ସେ ଆପଣଙ୍କର ଡାକ୍ତରୀ ପରୀକ୍ଷା କଲେ । ଆପଣଙ୍କ ଗର୍ଭାଶୟରେ ଏକ ମାଂସପିଣ୍ଡ ବଢ଼ି ଉଠିଛି ।"

ସେ ମୁଣ୍ଡ ନୁଆଁଇ କହିଲେ, "ତାହା ସତ୍ୟ ଅଟେ ।"

ମୁଁ ତାଙ୍କୁ ପଚାରିଲି, "ମୋ ପରି ଜଣେ ଖ୍ରୀଷ୍ଟିୟାନଙ୍କ ପାଖକୁ ଆପଣ କିପରି ଆସିଲେ ? ଆପଣ ଆପଣଙ୍କର ମୁସଲ୍‌ମାନ୍ ଭବିଷ୍ୟଦବକ୍ତାଙ୍କ ପାଖକୁ କାହିଁକି ଗଲେ ନାହିଁ ?"

ସେ କହିଲେ, "ମୁଁ ଭାବିଲି, ଆପଣ ମୋତେ ସାହାଯ୍ୟ କରିପାରିବେ ।"

ମୁଁ କହିଲି, "ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ ନାହିଁ, ମାତ୍ର ଆପଣ ଯଦି ସେହି ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତାସ୍ୱରୂପେ ଗ୍ରହଣ କରନ୍ତି, ଯେଉଁ ଖ୍ରୀଷ୍ଟ କି ବର୍ତ୍ତମାନ ଏହିଠାରେ ଉପସ୍ଥିତ ଅଛନ୍ତି, ପୁଣି ଆପଣଙ୍କ ବିଷୟରେ ସବୁକିଛି ଜାଣନ୍ତି, ସେ ହିଁ ଆପଣଙ୍କୁ ସାହାଯ୍ୟ କରିବେ ।"

ସେ କହିଲେ, "ମୁଁ ଯୀଶୁଙ୍କୁ ନିଜର ତ୍ରାଣକର୍ତ୍ତାସ୍ୱରୂପେ ଗ୍ରହଣ କରୁଅଛି ।'' ଆଉ, ଏହା ହିଁ ସବୁକିଛି ସାଧନ କଲା । ସେ ସୁସ୍ଥତା ଲାଭ କଲେ ଓ ପ୍ରାୟଃ ଦଶ ହଜାର ମୁସଲ୍‌ମାନ୍ ସେହି ଦିନ ଖ୍ରୀଷ୍ଟଙ୍କର ନିକଟକୁ ଆସିଲେ, କାରଣ ସୁସମାଚାର ଉଭୟ ବାକ୍ୟ ଏବଂ ଶକ୍ତି ରେ ପ୍ରଚାର କରାଯାଇଥିଲା । ପରମେଶ୍ୱର କଦାପି ଜଣେ ବ୍ୟକ୍ତିଙ୍କୁ କହି ନ ଥିଲେ ଯେ, ସେ ତିରିଶ ବର୍ଷ ପରିଶ୍ରମ କରି ମଧ୍ୟ କିଛି ଅମଳ କରିବ ନାହିଁ । ସେ ତ ଆମକୁ ବାକ୍ୟ ଏବଂ ଶକ୍ତିର ଉନ୍‌ମୁକ୍ତ ଦ୍ୱାର ପ୍ରଦାନ କଲେ, ଆଉ ତାହା ହିଁ ଆମକୁ ବ୍ୟବହାର କରିବାର ଅଛି । ତାହା ହିଁ ଅଟେ ଯାହାକି ପାଉଲଙ୍କୁ ତାଙ୍କର ମହାନ୍ ଓ ଫଳପ୍ରଦ ସେବାକାର୍ଯ୍ୟ ପ୍ରଦାନ କଲା । ୧ମ କରିନ୍ଥୀୟ ୨:୫, "ଏଥିପାଇଁ ମୋହର ଶିକ୍ଷା ଓ ମୋହର ପ୍ରଚାର ଜ୍ଞାନର ମନୋହର ବାକ୍ୟଯୁକ୍ତ ନ ହୋଇ ଆତ୍ମା ଓ ଶକ୍ତିର ପ୍ରମାଣଯୁକ୍ତ ହୋଇଥିଲା ।"

ବର୍ତ୍ତମାନ ମୋ' କଥା ଶୁଣନ୍ତୁ । ଏହି ଯାତ୍ରା ସମୟରେ ହିଁ ଏପରି ହେଲା ଯେ ମୁଁ ଯେତେବେଳେ ରୋଡ଼େସିଆ (Rhodesia)ସ୍ଥିତ ନିଉ ସାଲିସବରି (New Salisbury)ଠାରେ ଏକ ବିମାନରେ ଆରୋହଣ କରୁଥିଲି, ସେତେବେଳେ ଆମେରିକୀୟ ପାସ୍‌ପୋର୍ଟଧାରୀ (ଦେଶ ଅନୁପ୍ରବେଶ ପ୍ରମାଣପତ୍ରଧାରୀ - ଅନୁ) ଚାରିଜଣ ବ୍ୟକ୍ତିଙ୍କ ଏକ ଦଳକୁ ମୁଁ ଦେଖିବାକୁ ପାଇଲି । ମୁଁ ସେମାନଙ୍କ ନିକଟକୁ ଯାଇ କହିଲି, "ଆଜ୍ଞା ! ମୁଁ ଆପଣମାନଙ୍କୁ ଆମେରିକୀୟ ପାସ୍‌ପୋର୍ଟସବୁ ଧାରଣ କରିଥିବାର ଦେଖୁଛି । ଆପଣମାନେ କ'ଣ କୌଣସି ସ୍ଥାନକୁ ଯାତ୍ରା କରୁଛନ୍ତି ?"

ସେମାନଙ୍କ ମଧ୍ୟରୁ ଜଣେ ଯୁବା ମୋତେ ଉତ୍ତର ଦେଲେ, "ନା, ଆମେ ସମସ୍ତେ ଏଠାରେ ମିଶନାରୀ ଅଟୁ ।"

ମୁଁ ପ୍ରତ୍ୟୁତ୍ତରରେ କହିଲି, "କେତେ ଉତ୍ତମ ! ତେବେ, ଆପଣମାନେ କ'ଣ ସ୍ୱାଧୀନଭାବେ କାର୍ଯ୍ୟ କରନ୍ତି ନା କୌଣସି ସଂସ୍ଥା ସହିତ ଜଡ଼ିତ ଅଟନ୍ତି ?"

ସେ କହିଲେ, "ଆମେ ମେଥୋଡିଷ୍ଟ ଅଟୁ । ଆମେ କେଣ୍ଟକି (Kentucky) ସ୍ଥିତ ବିଲମୋର୍ (Wilmore)ଠାରୁ ଆସିଅଛୁ ।"

ମୁଁ ଉତ୍ତର ଦେଲି, "ଆଚ୍ଛା, ତାହା ତ ପ୍ରାୟଃ ଆମ ଘରର ପଛ ଅଗଣାରେ ହିଁ ଥିଲା ପରି ଅଟେ ।"

ସେ କହିଲେ, "ତେବେ ଆପଣ ସେହି ଭାଇ ବ୍ରାନହାମ୍ ନୁହନ୍ତି କି ଯେ ସେହି ଅଞ୍ଚଳରୁ ଆସନ୍ତି, ଆପଣ ସେ ଅଟନ୍ତି କି ?"

ମୁଁ କହିଲି, "ହଁ, ତାହା ଠିକ୍ ।" ତାହା ତାଙ୍କୁ ନିସ୍ତବ୍ଧ କଲା । ସେ ଆଉ କିଛି କହିଲେ ନାହିଁ - ତେବେ, ସେ ଓ ସେହି ତିନି ଯୁବତୀ ପରସ୍ପରକୁ ଏପରି ଭାବରେ ଏପାଖ ସେପାଖ ଚାହାଁଚାହିଁ ହେଲେ । ଏଣୁ ମୁଁ କହିଲି, "ପୁଅ, ଟିକେ ଶୁଣ, ମୁଁ ତୁମ ସମସ୍ତଙ୍କୁ କେତେକ ମୂଳନୀତି ବିଷୟରେ କିଛି କହିବାକୁ ଚାହେଁ, ଯେହେତୁ ଆମେ ସମସ୍ତେ ଖ୍ରୀଷ୍ଟିୟାନ ଅଟୁ ଓ ଏକ ବିଶେଷ ଉଦ୍ଦେଶ୍ୟ ନିମନ୍ତେ ଏଠାରେ ରହିଛୁ । ତେବେ ତୁମେମାନେ କହୁଛ ଯେ, ତୁମେ ଚାରିଜଣଯାକ ଏଠାରେ ଦୁଇ ବର୍ଷ ହେଲାଣି ରହିଛ । ଯୀଶୁଙ୍କର ନାମରେ ତୁମେମାନେ କ'ଣ କହିପାରିବ ଯେ, ତୁମେ ତୁମର ଆଙ୍ଗୁଳିଟିଏ ଏପରି ଜଣେ ପ୍ରାଣ ଉପରେ ଥୋଇ ଦେଖାଇ ଦେଇପାର ଯାହାକୁକି ତୁମେ ପ୍ରଭୁଙ୍କର ପ୍ରତି ଲାଭ କରିଅଛ ? ସେମାନେ ଏହା କରିପାରିଲେ ନାହିଁ ।

ମୁଁ କହିଲି, "ଝିଅମାନେ, ମୁଁ ତୁମମାନଙ୍କ ଭାବନାକୁ ଆଘାତ କରିବାକୁ ଚାହେଁ ନାହିଁ, ମାତ୍ର ତୁମ ସମସ୍ତଙ୍କୁ ତ ନିଜ ନିଜ ଗୃହରେ ଥାଇ ନିଜ ମାଆମାନଙ୍କୁ ରନ୍ଧାରନ୍ଧିରେ ସାହାଯ୍ୟ କରିବା ଉଚିତ୍ । ପବିତ୍ର ଆତ୍ମାରେ ତୁମେ ସମସ୍ତେ ପରିପୂର୍ଣ୍ଣ ନ ହେବା ଯାଏଁ ଏବଂ ପବିତ୍ର ଆତ୍ମାଙ୍କର ଶକ୍ତିର ପ୍ରଦର୍ଶନ ସହକାରେ ସତ୍ୟ ସୁସମାଚାର ପ୍ରଚାର ନ କରିବା ପର୍ଯ୍ୟନ୍ତ ତୁମମାନଙ୍କର ସେବାକ୍ଷେତ୍ରରେ କୌଣସି କାର୍ଯ୍ୟ ହିଁ ନାହିଁ । ଯଦି ତୁମେ ସେସବୁ ଫଳ ଦେଖୁନାହିଁ ଯାହାକି ତୁମେ ଦେଖିବ ବୋଲି ଯୀଶୁ କହିଥିଲେ, ତେବେ ଏହାର କାରଣ ହେଉଛି ଯେ ତୁମେମାନେ ସତ୍ୟ ସୁସମାଚାର ପ୍ରଚାର କରୁନାହିଁ ।"

ଯାହାହେଉ, ମୋତେ ଟିକେ ଆଗେଇ ଯାଇ ଆପଣଙ୍କୁ ଏହା କେବଳ ଦେଖାଇ ଦେବାକୁ ଦିଅନ୍ତୁ ଯେ ମିଶନ୍ କ୍ଷେତ୍ରରେ ବିଷୟସବୁ କିପରି ହୋଇପାରିଥାଏ । ତେବେ, ଏସବୁ ଯେ ସର୍ବଦା ହିଁ ଏହିପ୍ରକାରେ ଘଟିଥାଏ, ତାହା ମୁଁ କହୁନାହିଁ, ମାତ୍ର ଅଧିକାଂଶ କ୍ଷେତ୍ରରେ ସେହିପରି ଘଟୁଅଛି ବୋଲି ମୁଁ ଅତିଶୟ ଭୟଭୀତ । ମୁଁ ନଗରପାଳ (Mayor)ଙ୍କ ସହିତ ମୋର ସେହି ଯାତ୍ରା ସମୟରେ ହିଁ ଡର୍ବନ୍ (Durban) ଚତୁଃପାର୍ଶ୍ୱରେ ଗସ୍ତ କରୁଥିବାବେଳେ ଏପରି ହେଲା

ଯେ ମୁଁ ଜଣେ ସ୍ଥାନୀୟ ଅଧିବାସୀଙ୍କୁ ତାଙ୍କ ଗଳାଦେଶରେ ସୂତାଟିଏ ପିନ୍ଧିଥିବା ଦେଖିବାକୁ ପାଇଲି ଓ ସେ ଏକ ମୂର୍ତ୍ତିକୁ ଗଣ୍ଠିଲି ବାନ୍ଧି ରଖିଥିଲେ । ତେବେ, ସେହି ସୂତାଟି କ'ଣ ବୋଲି ମୋର ବନ୍ଧୁଙ୍କୁ ପଚାରିବାରୁ ସେ କହିଲେ ଯେ, ଯେତେବେଳେ କୌଣସି ସ୍ଥାନୀୟ ଅଧିବାସୀ ଖ୍ରୀଷ୍ଟଧର୍ମ ଗ୍ରହଣ କରେ ସେମାନେ ତା' ଗଳାରେ ସୂତାଟିଏ ପିନ୍ଧାଇ ଦିଅନ୍ତି । ତାହା ନିଶ୍ଚିତଭାବେ ମୋତେ ବିସ୍ମିତ କରାଇଥିଲା, କାରଣ ସେଠାରେ ଏପରି ଜଣେ ବ୍ୟକ୍ତି ଥିଲା ଯିଏକି ନିଜକୁ ଖ୍ରୀଷ୍ଟିୟାନ ବୋଲାଉଥିଲା ପୁଣି ସେହି ମୂର୍ତ୍ତିଟିକୁ ସାଙ୍ଗରେ ବୋହି ବୁଲୁଥିଲା, ଏଣୁ ଏହା କିପରି ସମ୍ଭବପର ହୋଇପାରେ ବୋଲି ମୁଁ ମୋର ବନ୍ଧୁଙ୍କୁ ପଚାରିଲି ।

ସେ କହିଲେ," ମୁଁ ତା'ର ଭାଷା କହିପାରେ । ଆସ, ତା' ପାଖକୁ ଯାଇ ତା' ସଙ୍ଗେ କଥାବାର୍ତ୍ତା କରିବା ।"

ଏଣୁ ଆମେ ଦୁହେଁ ତାଙ୍କ ନିକଟକୁ ଗଲୁ ଓ ନଗରାଧକ୍ଷ (Mayor) ବନ୍ଧୁଜଣକ ମୋର ଅନୁବାଦକରୂପେ କାର୍ଯ୍ୟ କଲେ । ମୁଁ ସେହି ଅଧିବାସୀଙ୍କୁ ପଚାରିଲି ଯେ, ସେ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି କି । ସେ ଦୃଢ଼ଭାବରେ କହିଲେ ଯେ, ସେ ନିଶ୍ଚିତରୂପେ ଜଣେ ଖ୍ରୀଷ୍ଟିୟାନ । ତପୂରେ ମୁଁ ତାଙ୍କୁ ପଚାରିଲି ଯେ, ଯଦି ସେ ଜଣେ ଖ୍ରୀଷ୍ଟିୟାନ, ତାହାହେଲେ ସେହି ମୂର୍ତ୍ତିଟିକୁ କାହିଁକି ସାଙ୍ଗରେ ଧରି ବୁଲୁଛନ୍ତି । ସେ ଉତ୍ତର ଦେଇ ଜଣାଇଲେ ଯେ, ଏହି ମୂର୍ତ୍ତିଟିକୁ ତାଙ୍କର ପିତା ନିଜ ପାଖରେ ରଖି ଆସିଥିଲେ ଓ ସେ ଏହାକୁ ତାଙ୍କ ପାଇଁ ଛାଡ଼ିଯାଇଛନ୍ତି । ତେବେ, ଯେତେବେଳେ ମୁଁ ତାଙ୍କୁ କହିଲି ଯେ କୌଣସି ଖ୍ରୀଷ୍ଟିୟାନ ପାଇଁ ମୂର୍ତ୍ତିସବୁ ରଖିବା ଉଚିତ୍ ନୁହେଁ, ସେତେବେଳେ ସେ ଉତ୍ତର ଦେଲେ ଯେ, ଏହି ମୂର୍ତ୍ତିଟି ତାଙ୍କ ପିତାଙ୍କର ବହୁତ ଉପକାରରେ ଆସିଥିଲା । ତାହା କିପରି ବୋଲି ମୁଁ କୌତୁହଳ ସହକାରେ ପଚାରିବାରୁ ସେ କହିଲେ ଯେ, ଦିନେ ତାଙ୍କ ପିତା ଗୋଟିଏ ସିଂହ ହାବୁଡ଼ରେ ପଡ଼ିଯାଇଥିଲେ, ତେଣୁ ସେ ସେଠାରେ ନିଆଁ ଜାଳି ଗୁଣିଆ ତାଙ୍କୁ ଶିଖାଇଥିବା ପରି ମୂର୍ତ୍ତିଟି ସହିତ କଥା କହିବାକୁ ଲାଗିଲେ । ସିଂହଟି ସେଠାରୁ ପଳାଇଗଲା । ମୁଁ ତାଙ୍କୁ ଜଣାଇଲି ଯେ, ଏହା ନିଆଁ ଥିଲା ଯାହାକି ସେହି ସିଂହଟିକୁ ସେଠାରୁ ଘଉଡ଼ାଇ ଦେଲା, କାରଣ ନିଆଁ ସବୁପ୍ରକାର ବନ୍ୟଜନ୍ତୁଙ୍କୁ ଭୟଭୀତ କରିଥାଏ । ତେବେ, ମୁଁ ତାଙ୍କ ସେହି ଉତ୍ତରକୁ କଦାପି ଭୁଲିପାରିବି ନାହିଁ । ସେ କହିଲେ, "ବେଶ, କଥାଟି ଏପ୍ରକାର ଅଟେ ଯେ, ସେହି ଆମୋୟା (Amoyah) (ସେହି ଆତ୍ମା) ଯଦିଓ ବିଫଳ ହୁଅନ୍ତି , କିନ୍ତୁ ଏହି ମୂର୍ତ୍ତି ବିଫଳ ହେବ ନାହିଁ ।"

(ଆଫ୍ରିକୀୟ ଅଭିଯାନ ବିଷୟରେ ଏକ ବିସ୍ତୃତ ବିବରଣୀ "ଜଣେ ଭବିଷ୍ୟଦବକ୍ତାଙ୍କର ଦକ୍ଷିଣ ଆଫ୍ରିକା ଯାତ୍ରା" "A Prophet Visits South Africa" ନାମକ ପୁସ୍ତକରେ ପାଠ କରାଯାଇ ପାରିବ ।)

ତେବେ ତାହା ହିଁ ମାତ୍ର ସେହି ସମସ୍ତ କିଛି ଶକ୍ତି ଯାହାକି ଖ୍ରୀଷ୍ଟିୟାନ ଜନତାଙ୍କର ନିକଟରେ ରହିଅଛି, କାରଣ ବାକ୍ୟ ସେମାନଙ୍କ ନିକଟକୁ ପେଣ୍ଟିକଷ୍ଟର ସେହି ମୂଳ 'ଉନ୍ମୁକ୍ତ ଦ୍ୱାର' ଦ୍ୱାରା ଅଣାଯାଇ ନ ଥିଲା ।

ତେବେ ଫିଲାଦେଲଫୀୟ ଯୁଗର ଉନ୍ମୁକ୍ତ ମିଶନ୍ ଦ୍ୱାର ନିକଟକୁ ଫେରିଯାଉ । ଏହି ଯୁଗ ନିକଟରେ ଶକ୍ତିର ଯେଉଁ 'ଉନ୍ମୁକ୍ତ ଦ୍ୱାର' ରହିବା ଉଚିତ୍ ଥିଲା, ତାହା ନ ଥିଲା । ସେ ଏହି ଉନ୍ମୁକ୍ତ ଦ୍ୱାର ବିଷୟରେ ଉଲ୍ଲେଖ କରୁଥିବା ସେହି ସମାନ ପଦରେ ଲକ୍ଷ୍ୟ କରନ୍ତୁ । ସେ କହନ୍ତି, "ତୁମ୍ଭର ଶକ୍ତି ସାମାନ୍ୟ ।" ତାହା ତ ଠିକ୍ । ଆତ୍ମାଙ୍କର **ଶକ୍ତି** ସେହି ଯୁଗରେ ଅଦୃଷ୍ଟ ଥିଲା । ବାକ୍ୟ ଉତ୍ତମରୂପେ ପ୍ରଚାର କରାଯାଇଥିଲା । ଏହା ପ୍ରାଣମାନଙ୍କୁ ପରିତ୍ରାଣ ପ୍ରତି ଜ୍ଞାନ ଦେବା ନିମିତ୍ତ ସୁସମର୍ଥ ଥିଲା । ତେବେ, ପରମେଶ୍ୱରଙ୍କର ମହାଶକ୍ତି, ଯାହା କି ତାହାଙ୍କର ମହତ୍ କାର୍ଯ୍ୟସମୂହ ପ୍ରକାଶ କରିଥିଲା, ଯାହା କି ତାହାଙ୍କର ଆପଣା ଲୋକମାନଙ୍କ ପକ୍ଷରେ ତାହାଙ୍କର ବାହୁକୁ ଅନାବୃତ କରିଥିଲା, କେବଳ ଛିନ୍ନଭିନ୍ନ ଦଳଗୁଡ଼ିକ ମଧ୍ୟରେ ପରିଦୃଷ୍ଟ ହେଉଥିବା ବ୍ୟତୀତ ଅନ୍ୟତ୍ର ଦେଖାଯାଇ ନ ଥିଲା । ତଥାପି ସୁଦ୍ଧା, ପରମେଶ୍ୱରଙ୍କର ପ୍ରଶଂସା ହେଉ ଯେ, ଏହା ବୃଦ୍ଧିପ୍ରାପ୍ତ ହେଉଥିଲା ଏବଂ ସଂସ୍କାର ବା ପୁନର୍ଗଠନରେ ସେମାନଙ୍କ ନିକଟରେ ଯେତିକି ରହିଥିଲା ତଦପେକ୍ଷା ଏହା ଯଥେଷ୍ଟ ବୃଦ୍ଧି ପ୍ରାପ୍ତ ହୋଇଥିଲା ।

ଏହି ଯୁଗରେ ହିଁ ଏପରି ଜଣେ ବ୍ୟକ୍ତି ବାହାର ହେଲେ, ଯାହାକୁ ଆମେ ମିଶନସମୂହର ପିତା (father of missions) କହିଥାଉ । ଉଇଲିୟମ୍ କେରୀ (William Carey) ନାମକ ଜଣେ ଗ୍ରାମୀଣ ଜୋତା ପ୍ରସ୍ତୁତକାରୀ ଯିଏକି ଇଂଲଣ୍ଡସ୍ଥିତ ମୌଲ୍ଟନ୍ (Moulton)ଠାରେ ଅବସ୍ଥିତ ପାର୍ଟିକୁଲାର୍ ବାପଟିଷ୍ଟ ଚର୍ଚ୍ଚ (Particular Baptist Church)ରେ ପାଳକୀୟ ଦାୟିତ୍ୱ ତୁଲାଉଥିଲେ ଏହି ବାର୍ତ୍ତା ସହକାରେ ପ୍ରଚାର କରିବା ଦ୍ୱାରା ଲୋକମାନଙ୍କୁ ଅତିଶୟଭାବେ ଜାଗ୍ରତ କରି ତୋଳିଲେ ଯେ, "ସମସ୍ତ ଜାତି ନିକଟକୁ ଯାଇ ସେମାନଙ୍କୁ ଶିକ୍ଷା ଦେବା ନିମନ୍ତେ ପ୍ରେରିତମାନଙ୍କୁ ଦିଆଯାଇଥିବା ଆଜ୍ଞାଟି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ରହିଥିବା ପରବର୍ତ୍ତୀ ସମସ୍ତ ସେବକମାନଙ୍କ ପକ୍ଷରେ ବାଧ୍ୟତାମୂଳକ ଥିଲା କି ନାହିଁ, ଯେହେତୁ ସେଥି ସହିତ ସଂଲଗ୍ନ ଥିବା ପ୍ରତିଜ୍ଞାଟି ସମାନ ପରିସରବିଶିଷ୍ଟ ଥିଲା ।" ସେ କାଲଭିନ୍ ମତବାଦୀ (Calvinists)ମାନଙ୍କ ଦ୍ୱାରା ବିରୋଧର ସମ୍ମୁଖୀନ ହୋଇଥିଲେ, ଯେଉଁମାନେ କି ମନୋନୟନରୂପ ଶିକ୍ଷାର ଚୂଡ଼ାନ୍ତ ସୀମାକୁ ଚାଲିଯାଇଥିଲେ ପୁଣି ଏହା ବିଶ୍ୱାସ କରୁଥିଲେ ଯେ, ଉଦ୍ଧାରପ୍ରାପ୍ତ ହେବାକୁ ଥିବା ସମସ୍ତେ ଉଦ୍ଧାରପ୍ରାପ୍ତ **ହେବେ** ଏବଂ ମିଶନାରୀ କାର୍ଯ୍ୟଟି ଆତ୍ମାଙ୍କର କାର୍ଯ୍ୟ ବିରୋଧରେ ଅଟେ । ତେବେ, ଆଣ୍ଡ୍ରିୟୁ ଫୁଲର୍ (Andrew Fuller) ନିଜର ପ୍ରଚାର ଓ ପୁଞ୍ଜି ଉଠାଣ (ବଢ଼ାଇବା) (fund raising) ଦ୍ୱାରା ମହାଶୟ କେରୀଙ୍କୁ ସାହାଯ୍ୟ କଲେ । ସେମାନଙ୍କର କାର୍ଯ୍ୟର ପରିଣାମ ଏପରି ହେଲା ଯେ 1792 ରେ ସମସ୍ତ ଜାତିଙ୍କ ନିକଟରେ ସୁସମାଚାର ପ୍ରଚାର କରାଯିବା ନିମନ୍ତେ ଏକ ସମାଜ (society) ଗଠନ କରାଗଲା । ଏହି ସମାଜ କେରୀଙ୍କୁ ବାହାରକୁ ପ୍ରେରଣ କଲା, ଯେକି ଭାରତରେ ପ୍ରାଣଗୁଡ଼ିକୁ ଲାଭ କରିବା ଦିଗରେ ପରମେଶ୍ୱରଙ୍କରଠାରୁ ବିଶେଷରୂପେ ଆଶିଷପ୍ରାପ୍ତ ହୋଇଥିଲେ । 1795 ରେ ଏକ ସଜାଗ ଖ୍ରୀଷ୍ଟଧର୍ମ 'ଲଣ୍ଡନ୍ ମିଶନାରୀ ସୋସାଇଟି' ଗଠନ କଲେ, ଯାହା ବିଷୟରେ ଆମେ ଭଲଭାବେ ଜାଣୁ ଯେ ସେହି ସୋସାଇଟି ଲକ୍ଷ ଲକ୍ଷ ପାଉଣ୍ଡ ପରିମାଣର ଅର୍ଥ ସଂଗ୍ରହ କଲା ଏବଂ ପ୍ରଭୁଙ୍କର ଇଚ୍ଛା ସାଧନ କରିବା ନିମନ୍ତେ ବର୍ଷ ବର୍ଷ ଧରି ହଜାର ହଜାର ମିଶନାରୀମାନଙ୍କୁ ପ୍ରେରଣ କଲା । ପରମେଶ୍ୱରଙ୍କର ଆତ୍ମା ବିଚରଣ କରୁଥିଲେ ଏବଂ ସେହି ''ଅନ୍ୟାନ୍ୟ ମେଷ' ହିଁ ନିଶ୍ଚିତରୂପେ ସେହି ନିଷ୍ଠାବାନ ବିଶ୍ୱାସୀମାନଙ୍କ ହୃଦୟର ଚିତ୍କାର ହୋଇଥିବେ ।

"ଆମ୍ଭେ ତୁମ୍ଭ ସମ୍ମୁଖରେ ଗୋଟିଏ ଦ୍ୱାର ଫିଟାଇଅଛୁ ।" ("I have set before thee an open door") :

ମୁଁ ଉପରୋକ୍ତ ଶବ୍ଦସକଳ ପ୍ରତି ପୁନର୍ବାର ଦୃଷ୍ଟିପାତ କରିବାକୁ ଚାହେଁ । ତେବେ, ଏଥରକ ଯଦିଓ ମୁଁ ସେମାନଙ୍କୁ ମିଶନସମୂହରୁ ପୃଥକ୍ କରିବାକୁ ଯାଉ ନାହିଁ, ତଥାପି ଆପଣମାନଙ୍କ ସମ୍ମୁଖରେ ମୁଁ ଏପରି ଏକ ଚିନ୍ତାଧାରା ଉପସ୍ଥାପିତ କରିବାକୁ ଯାଉଛି, ଯାହାକି ଅତି ଗଭୀରଭାବେ ଅନ୍ତିମ ଯୁଗ ମଧ୍ୟକୁ ଗତି କରିଯାଇଥାଏ । ମୁଁ ଯେପରି ପୂର୍ବେ କହିସାରିଅଛି ଯେ, ଏହି ଯୁଗ ଅନ୍ତିମ ଯୁଗ ମଧ୍ୟରେ ବିଲୀନ (ଅଦୃଶ୍ୟ) ହୋଇଯାଇଥାଏ । ତାହା ଏହି ଯୁଗ ଥିଲା ଯେଉଁ ଯୁଗରେ ହିଁ ଯୀଶୁ କହିଥିଲେ, "ଆମ୍ଭେ ଶୀଘ୍ର ଆସୁଅଛୁ" (11 ପଦ), ଏବଂ ଅନ୍ତିମ ଯୁଗ ସମ୍ବନ୍ଧରେ ସେ "କାର୍ଯ୍ୟ ସମାପ୍ତ କରିବାକୁ ଏବଂ ଧାର୍ମିକତାରେ ଏହାକୁ

ସଂକ୍ଷିପ୍ତୀକୃତ କରିବାକୁ ଯାଉଥିଲେ; କାରଣ ପ୍ରଭୁ ପୃଥିବୀ ଉପରେ ଏକ ସଂକ୍ଷିପ୍ତ କାର୍ଯ୍ୟ ସମ୍ପନ୍ନ କରିବେ ।" ରୋମୀୟ ୨:୨୫ । ଲକ୍ଷ୍ୟ କରନ୍ତୁ ଯେ, ପ୍ରକାଶିତ ବାକ୍ୟ ୩:୫ ର ଏହି ପଦ କିପରି ବ୍ୟକ୍ତ କରିଥାଏ - "ଉନ୍ମୁକ୍ତ ଦ୍ୱାର - ସାମାନ୍ୟ ଶକ୍ତି - ବାକ୍ୟ, ନାମ" । ସେହି 'ଉନ୍ମୁକ୍ତ ଦ୍ୱାର'ର ସମ୍ବନ୍ଧ ପରବର୍ତ୍ତୀ ତିନିଗୋଟି ବିଷୟ ସହିତ ହେବାକୁ ଅଛି । ତେବେ, 'ଦ୍ୱାର' କହିଲେ କ'ଣ ବୁଝାଏ ?

ଯୋହନ 10:7 ରେ ଏହା ଉଲ୍ଲେଖ କରେ,

> *" ତେଣୁ ଯୀଶୁ ପୁନର୍ବାର କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କୁହୁଅଛି, **ମୁଁ ମେଷଗୁଡ଼ିକର ଦ୍ୱାର** (ଇଂରଂଜୀ ଅନୁବାଦ ଅନୁଯାୟୀ ମେଷଗୁଡ଼ିକର ଦ୍ୱାର ମୁଁ ଅଟେ? - ଅନୁ) ।"*

ତାହା ତ ଯଥାର୍ଥ: '**ମୁଁ ଅଟେ** ' (IAM) ହିଁ ମେଷଗୁଡ଼ିକର ଦ୍ୱାର **ଅଟନ୍ତି** । ତେବେ, ଏହା କେବଳମାତ୍ର ଏକ ଅଦ୍ଭୁତ ପ୍ରକାଶକରଣ ହିଁ ନୁହେଁ। ଏହା ପ୍ରକୃତରେ ଏହିପରି ହିଁ ଅଟେ । ଯୋହନ 10 ଅଧ୍ୟାୟରେ ଲକ୍ଷ୍ୟ କରନ୍ତୁ ଯେତେବେଳେ ଯୀଶୁ ଏହି ଦୃଷ୍ଟାନ୍ତଟିକୁ ଦେଉଅଛନ୍ତି, ସେ ସେଠାରେ ଆପଣାକୁ 'ମେଷପାଳକ' ବୋଲି ସମ୍ବୋଧନ କରନ୍ତି । ତପ୍ରେ ସେ ଆପଣାକୁ ଦ୍ୱାର ବୋଲି ସମ୍ବୋଧନ କରନ୍ତି । ଆଉ ତାହା ହିଁ ତ ମେଷପାଳକର ସମ୍ପର୍କ ମେଷମାନଙ୍କ ସହିତ ଅଟେ। ସେ ବାସ୍ତବରେ ସେମାନଙ୍କର ଦ୍ୱାର ଅଟନ୍ତି ।

ମୁଁ ପୂର୍ବଦେଶରେ ଥିବାବେଳେ ଦେଖିଲି ଯେ ମେଷପାଳକ ରାତ୍ରିକାଳରେ ନିଜର ସମସ୍ତ ମେଷ ଏକତ୍ର କରେ ଓ ସେ ସେମାନଙ୍କୁ ଖୁଆଡ଼ ମଧ୍ୟରେ ରଖେ । ତତ୍ପରେ ସେ ସେମାନଙ୍କୁ ଗଣନା କରିଥାଏ । ଆଉ, ସମସ୍ତେ ଖୁଆଡ଼ ମଧ୍ୟରେ ଅଛନ୍ତି ବୋଲି ସେ ସୁନିଶ୍ଚିତ ହେବା ପରେ ଖୁଆଡ଼ର ଉନ୍ମୁକ୍ତ ଦ୍ୱାରରେ ସେ ଶୋଇପଡ଼େ, ଆଉ ଆକ୍ଷରିକଭାବେ ସେସମୟରେ ସେ ହିଁ ଖୁଆଡ଼ର ଦ୍ୱାରସ୍ୱରୂପ ହୋଇଥାଏ । ସେତେବେଳେ ତା' ବିନୁ କେହିହେଲେ ଭିତରକୁ ଅବା ବାହାରକୁ ଯାଇଆସି ପାରି ନ ଥାଏ । ସେ ହିଁ ଦ୍ୱାରସ୍ୱରୂପ ହୋଇଥାଏ । ପରବର୍ତ୍ତୀ ଦିନ ମୁଁ ମୋର ଜଣେ ବନ୍ଧୁଙ୍କ ସଙ୍ଗେ ଏକ ଜିପରେ ବସି ଯାଉଥିବା ବେଳେ ଜଣେ ମେଷପାଳକ ନିଜ ମେଷପଲକୁ ନଗର ମଧ୍ୟକୁ ନେଇ ଯାଉଥିବାର ଲକ୍ଷ୍ୟ କଲି । ଠିକ୍ ସେତିକିବେଳେ ରାସ୍ତାରେ ଯାଉଥିବା ସମସ୍ତ ଯାନବାହନ ଠିଆ ହୋଇଗଲା, ଯେପରିକି ମେଷଗୁଡ଼ିକ ରାସ୍ତା ପାରହୋଇ ଯାଇପାରିବେ । ତେବେ, ପ୍ରାଚ୍ୟଦେଶସ୍ଥିତ ନଗରଗୁଡ଼ିକ ଏଠାକାର ନଗରସମୂହ ପରି ନୁହେଁ। ଆମେ ଆମର ବିକ୍ରୟ ସାମଗ୍ରୀସବୁକୁ ଦୋକାନଗୃହ ଭିତରେ ରଖିଥାଉ ; ମାତ୍ର ସେଠାରେ ଏହା ଏକ ମସ୍ତବଡ଼ କୃଷିଜାତ ପନିପରିବା ହାଟ ପରି ଅଟେ ଯେଉଁଠି ସମସ୍ତ ଉତ୍ପାଦିତ ପଣ୍ୟଦ୍ରବ୍ୟଗୁଡ଼ିକ ରାସ୍ତା ଉପରେ ରଖି ଦିଆଯାଇଥାଏ, ଯେପରିକି ପଥିକମାନେ ତାହା ସହଜରେ ଦେଖି କିଣିପାରିବେ । ମୁଁ ଚିନ୍ତା କଲି, "ହେ ମୋର ପ୍ରଭୁ, ଏପରି ସ୍ଥାନରେ ହିଁ ତ ଗୋଳମାଳ ଆରମ୍ଭ ହୋଇଥାଏ । ବାସ୍, ମେଣ୍ଢାଗୁଡ଼ିକ ଖାଲି ସେଇଠି ରଖାଯାଇଥିବା ଖାଦ୍ୟଦ୍ରବ୍ୟଗୁଡ଼ିକ ପାଖରେ ପହଞ୍ଚ ଯିବାର ହିଁ ଡ଼େରି ଅଛି ।" ମାତ୍ର, ମେଷପାଳକ ଯେମିତି ଆଗକୁ ବଢ଼ିଗଲା, ସେଇ ମେଷଗୁଡ଼ିକ ମଧ ଠିକ୍ ତା'ର ପ୍ରତ୍ୟେକ ପାଦ ଚିହ୍ନ ଦେଇ ପଛେ ପଛେ ଚାଲିବାକୁ ଲାଗିଲେ । ମେଷଗୁଡ଼ିକ ସେଇ ସମସ୍ତ ଖାଦ୍ୟ ସାମଗ୍ରୀ ଆଡ଼କୁ ଚାହିଁଲେ ସତ, ମାତ୍ର ସେମାନଙ୍କ ମଧ୍ୟରୁ ଗୋଟିଏ ହେଲେ ମେଷ କୌଣସିଟି ଦ୍ରବ୍ୟକୁ ସ୍ପର୍ଶ ସୁଦ୍ଧା କଲା ନାହିଁ। ଓଃ, ମୁଁ ଯଦି କେବଳ ସେମାନଙ୍କର ଭାଷା ଜାଣିଥା'ନ୍ତି, ତେବେ ମୁଁ ନିଜେ ସମସ୍ତ ଚଳାଚଳକୁ ଅଟକାଇ ଦେଇଥା'ନ୍ତି ଓ ସଦ୍ୟ ମୁଁ ଦେଖୁଥିବା ବିଷୟ ଉପରେ ସେମାନଙ୍କ ସମ୍ମୁଖରେ ଏକ ଉପଦେଶ ପ୍ରଚାର କରିଥା'ନ୍ତି ।

ଆପଣ ଯେବେ ସେହି ସୁମହାନ୍ ମେଷପାଳକଙ୍କର ଅଧିକାରଭୁକ୍ତ ମେଷ ହୋଇଯା'ନ୍ତି ତେବେ ସେଦିନର ସେଇ ମେଷଗୁଡ଼ିକ କରିଥିବା ପରି ଆପଣ ମଧ ଠିକ୍ ତାହାଙ୍କର ପ୍ରତ୍ୟେକ ପଦଚିହ୍ନ ଦେଇ ଅନୁଗମନ କରିଥାନ୍ତି । ସେତେବେଳେ ଆପଣ ଏକ ମଣ୍ଡଳୀର କୌଣସି ବୃହତ୍ ପୁଷ୍ପ ନିମନ୍ତେ ବାଟ ଭାଙ୍ଗି ଯିବା ପାଇଁ ପ୍ରଲୋଭିତ ହେବେ ନାହିଁ କିଅବା କୌଣସି D.D. ଅବା Ph.D. ଅବା LL.D.ଙ୍କ ସ୍ୱର ଶୁଣିବେ ନାହିଁ, ମାତ୍ର ଆପଣ ତ ସେହି ମେଷପାଳକଙ୍କ ସହିତ ହିଁ ଲାଗି ରହିବେ । ବାଇବଲ କହେ ଯେ, ମେଷମାନେ ତାହାଙ୍କର ସ୍ୱର ଜାଣନ୍ତି ଏବଂ **ତାହାଙ୍କର** ହିଁ ଅନୁଗମନ କରନ୍ତି, ମାତ୍ର ଜଣେ ଅପରିଚିତଙ୍କ ସ୍ୱର ସେମାନଙ୍କୁ କେବଳ ଘଉଡ଼ାଇଦେବ ଓ ସେମାନଙ୍କ ନିଜର ସେହି ପ୍ରକୃତ ମେଷପାଳକଙ୍କ ପଶ୍ଚାଦଗାମୀ କରାଇଦେବ । ପରମେଶ୍ୱରଙ୍କର ପ୍ରଶଂସା ହେଉ ।

ତେବେ, ସେଠାରେ ମୁଁ ଯେ ସେହିସବୁ ହିଁ କେବଳ ଦେଖିଲି ଓ ଶିକ୍ଷା କଲି ତାହା ନୁହେଁ। ମାତ୍ର ଦିନେ ମୁଁ ପ୍ରାନ୍ତରଗୁଡ଼ିକରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଚରାଉଥିବାର ଦେଖି ସେ ବିଷୟରେ ଚିନ୍ତା କରିବାକୁ ଲାଗିଲି । ଜଣେ ଲୋକ କେତେକ ଘୁଷୁରି, ପୁଣି ଆଉ ଜଣେ କେତେକ ଛାଗ, ଅନ୍ୟ ଜଣେ କେତେକ ଓଟ, ପୁଣି ଆଉ ଜଣେ କେତେକ ଖଚର, ପ୍ରଭୃତିକୁ ଚରାଉଥିଲେ । ଏଣୁ ମୁଁ ସେଠାରେ ରହୁଥିବା ଜଣେ ବନ୍ଧୁଙ୍କୁ ପଚାରିଲି ଯେ, ସେହି (ପଶୁଗୁଡ଼ିକୁ ଚରାଉଥିବା) ଲୋକମାନଙ୍କୁ ସେମାନେ କ'ଣ ବୋଲି ସମ୍ବୋଧନ କରିଥା'ନ୍ତି । ସେ ଉତ୍ତର ଦେଲେ, ଓଃ, ସେମାନେ ତ ମେଷପାଳକ ।"

ମୁଁ ସେଇ ଉତ୍ତରଟିକୁ ଗ୍ରହଣ କରିପାରିଲି ନାହିଁ। ତେଣୁ ମୁଁ କହି ଉଠିଲି," ଆପଣଙ୍କର କହିବାର ଅର୍ଥ ଏହା ନୁହେଁ ତ ସେମାନେ **ସମସ୍ତେ** ହିଁ ମେଷପାଳକ ଅଟନ୍ତି ? ମେଷପାଳକମାନେ ତ କେବଳ ମେଷଗୁଡ଼ିକୁ ହିଁ ଚରାଇଥାନ୍ତି, ନୁହେଁ କି ?

ସେ କହିଲେ," ନା, ମେଷପାଳକ କହିଲେ ଜଣେ ପଶୁଚାରକ ବା ପଶୁପାଳକଙ୍କୁ ବୁଝାଇଥାଏ, ଏଣୁ ଯେକୌଣସି ଲୋକ ପଶୁ ଚରାଉଥାଏ ସେ ଜଣେ ମେଷପାଳକ ଅଟେ ।"

ଯାହାହେଉ, ଏହା ମୋତେ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ମାତ୍ର, ମୁଁ ସେହି ପଶୁଚରାଳୀ ଓ ମେଷମାନଙ୍କ ତତ୍ତାବଧାନ ନେଉଥିବା ଲୋକମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ଲକ୍ଷ୍ୟ କଲି । ରାତ୍ରି ଉପସ୍ଥିତ ହୁଅନ୍ତେ ମେଷମାନଙ୍କ ପାଳକଙ୍କ ବ୍ୟତୀତ ଅନ୍ୟ ପଶୁପାଳକମାନେ ନିଜ ନିଜ ପଶୁଗୁଡ଼ିକୁ ପ୍ରାନ୍ତରଗୁଡ଼ିକରେ ଛାଡ଼ିଦେଇ ଘରକୁ ଚାଲିଗଲେ । କିନ୍ତୁ ମେଷପାଳକ ନିଜ ମେଷମାନଙ୍କୁ ନିଜ ସହିତ ନେଇଗଲେ, ଓ ସେମାନଙ୍କୁ ଖୁଆଡ଼ରେ ରଖିଲେ ଓ ତପ୍ରେ ସ୍ୱୟଂ ସେହି ଖୁଆଡ଼ର

ଦ୍ୱାରରେ ଶୋଇ ରହି ମେଷଗୁଡ଼ିକର ଦ୍ୱାର ହୋଇଯାଇଥିଲେ । ଓଃ, ପରମେଶ୍ୱରଙ୍କର ପ୍ରଶଂସା ହେଉ, ଆମର ମେଷପାଳକ ଆମକୁ କଦାପି ଛାଡ଼ନ୍ତି ନାହିଁ କିଅବା ପରିତ୍ୟାଗ କରନ୍ତି ନାହିଁ । ରାତ୍ର ସମୟ ଆସିଲେ ମୁଁ ତାହାଙ୍କର ଖୁଆଡ଼ରେ ରହିବାକୁ ଚାହେଁ । ମୁଁ ତାହାଙ୍କର ତତ୍ତ୍ୱବଧାନ ମଧ୍ୟରେ ରହିବାକୁ ଚାହେଁ ।

ବର୍ତ୍ତମାନ ତାହାହେଲେ ଆମେ ଦେଖିପାରୁ ଯେ, **ଯୀଶୁ ହିଁ ଦ୍ୱାର ଅଟନ୍ତି** । ସେ ମେଷମାନଙ୍କର ଦ୍ୱାର ଅଟନ୍ତି । ପୁଣି, ଲକ୍ଷ୍ୟ କରନ୍ତୁ ଯେ, ଏହା ବର୍ତ୍ତମାନ **ଦ୍ୱାର ଫିଟା ହେଉଥିବା** ବିଷୟକୁ ବ୍ୟକ୍ତ କରେ । ଏହା ତାହାଙ୍କର ଏକ ପ୍ରକାଶନ ଛଡ଼ା ଆଉ କଅଣ ବା ଅଟେ ? ଆଉ, ସେହି ପ୍ରକାଶନ ଆମକୁ ଶକ୍ତି ଯୋଗାଇଦେବା ନିମନ୍ତେ, ବାକ୍ୟକୁ ସ୍ପଷ୍ଟ ଓ ପ୍ରାଞ୍ଜଳ କରିବା ନିମନ୍ତେ ଏବଂ ତାହାଙ୍କର ନାମକୁ ଗୌରବାନ୍ୱିତ କରିବା ନିମନ୍ତେ ହିଁ ଉନ୍ମୁକ୍ତ ହେଉଅଛି । ଏହା ତ ସେହି ଅନ୍ତିମ ଦୁଇଟି ଯୁଗର ମଧ୍ୟଭାଗରେ ହିଁ ଅଟେ ଯେ ଯୀଶୁ ଖ୍ରୀଷ୍ଟଙ୍କର ପରମେଶ୍ୱରତ୍ୱର ପ୍ରକାଶନ ଆମ ସମୁଖରେ ପ୍ରସ୍ଫୁଟିତ ହୋଇଉଠିଲା । ହଁ, ଯୀଶୁ ହିଁ ପରମେଶ୍ୱର ଥିଲେ ବୋଲି ଆମେ ଜାଣିଲୁ । ସେ ଆଉ ଅନ୍ୟପ୍ରକାରେ କିପରି ବା ଆମର ତ୍ରାଣକର୍ତ୍ତା ହୋଇପାରିଥା'ନ୍ତେ ? ତେବେ, ଏହା ଜାଣିବା ଯେ, ସେ ହିଁ **ଏକମାତ୍ର ପରମେଶ୍ୱର**, **ଅବା ଏକାକୀ ପରମେଶ୍ୱର ଥିଲେ**, ପୁଣି ଯେ, ସେ ହିଁ କ ଓ କ୍ଷ ଥିଲେ, ପୁଣି ଏହି "ଯୀଶୁ ହିଁ **ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ** ଥିଲେ - **ଏହା ହିଁ ତାହାଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ କରି ଗଢୁଅଛି, ଅର୍ଥାତ୍ ପିତା, ପୁତ୍ର ଏବଂ ପବିତ୍ର ଆତ୍ମା, ସମସ୍ତେ ଏକ ହିଁ ବ୍ୟକ୍ତି ଅଟନ୍ତି** - ତାହା ପ୍ରଥମ ମଣ୍ଡଳୀ ଯୁଗଗୁଡ଼ିକ ସମୟରୁ ଅଦୃଶ୍ୟ ହୋଇଯାଇଥିଲା, ମାତ୍ର ବର୍ତ୍ତମାନ ଆମେ ଏହା ପୁନର୍ବାର ଦେଖୁଅଛୁ । ଏହି ଉକ୍ତି ଯେ **ସେ କିଏ ଥିଲେ**, ଏହାର ପ୍ରକାଶନ ଫେରିଆସିଥିଲା । ବାସ୍ତବରେ, ପରମେଶ୍ୱରତ୍ୱ ଏକ ବ୍ୟକ୍ତିତ୍ୱବିଶିଷ୍ଟ ତିନି-ବ୍ୟକ୍ତିସ୍ୱରୂପ ପରମେଶ୍ୱର ନୁହନ୍ତି, କାରଣ ଜଣେ ବ୍ୟକ୍ତିକୁ ଗଢ଼ିବା ନିମନ୍ତେ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଥାଏ । ଯଦି **ଏକ** ହିଁ ବ୍ୟକ୍ତିତ୍ୱ ରହିଛି, ତେବେ କେବଳ ଏକ ହିଁ ବ୍ୟକ୍ତି ରହିଅଛନ୍ତି । ମାତ୍ର, ସେମାନେ ଯେଉଁମାନେକି ତିନି ବ୍ୟକ୍ତିଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କର ଏକ ତ୍ରି-ଈଶ୍ୱରବିଶିଷ୍ଟ ପରମେଶ୍ୱରତ୍ୱ ରହିଛି ପୁଣି ସେମାନେ ପ୍ରଥମ ଆଜ୍ଞା ଲଙ୍ଘନ ଦୋଷରେ ଦୋଷୀ ଅଟନ୍ତି ।

ମାତ୍ର, ପରମେଶ୍ୱରତ୍ୱର ପ୍ରକାଶନ ଫେରି ଆସିଅଛି । ତେବେ ବାସ୍ତବ ମଣ୍ଡଳୀଟି ପୁଣି ଥରେ ଶକ୍ତିରେ ଗଠିତ ହୋଇପାରିବ । ଏହି ସମସ୍ତ ସମୟ ଉତ୍ତାରେ ମଣ୍ଡଳୀ ଅବଶେଷରେ ଜାଣେ ଯେ ତାହାର ପ୍ରଭୁ କିଏ ଅଟନ୍ତି । ପୁଣି ଥରେ ଆମେ **ପ୍ରଭୁ ଯୀଶୁଙ୍କର ନାମରେ ବାପ୍ତିସ୍ମ ଦେଉଅଛୁ**, ଠିକ୍ ଯେପରି ସେମାନେ ପେଣ୍ଟିକଷ୍ଟ ସମୟରେ କରିଥିଲେ ।

ତେବେ ମୋତେ ଆପଣମାନଙ୍କୁ ତ୍ରିୟାତ୍ମକ ବାପ୍ତିସ୍ମ (triune baptism) ବିଷୟରେ ମୁଁ ଦେଖିଥିବା ଏକ ପରମେଶ୍ୱର ଦତ୍ତ ସ୍ୱପ୍ନ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଦିଅନ୍ତୁ । ଏହା ଏକ ଦର୍ଶନ ନ ଥିଲା, ମାତ୍ର ଏକ ସ୍ୱପ୍ନ ଥିଲା । ଆପଣ ଜାଣନ୍ତି ବୋଲି ମୁଁ ସୁନିଶ୍ଚିତ ଯେ, ମଣ୍ଡଳୀ ଯୁଗସମୂହର ଆଶୀର୍ବାଦସକଳ ମଧ୍ୟରୁ ଅନ୍ୟତମ ହେଲା ପବିତ୍ର ଆତ୍ମାଙ୍କର ଦ୍ୱାରା ସ୍ୱପ୍ନସକଳ ପ୍ରାପ୍ତ ହେବା, ତାହା ଠିକ୍ ଜଣେ ଦର୍ଶନସମୂହ ପ୍ରାପ୍ତ ହୋଇପାରୁଥିବା ପରି ସମାନ ଅଟେ । ତାହା ଏକ ଶନିବାର ସକାଳର ପ୍ରାୟଃ 3 ଘଣ୍ଟା ସମୟ ହୋଇଥିଲା । ମୋର ସାନ ପୁଅ ଯୋଷେଫକୁ ଗିଲାସେ ପାଣି ଦେବା ପାଇଁ ମୁଁ ସେହି ମୁହୂର୍ତ୍ତରେ ହିଁ ଉଠିଥିଲି । ତତ୍ପରେ ମୁଁ ଶଯ୍ୟାରେ ଗଡ଼ିପଡ଼ିଲାରୁ ମୋର ଆଖି ଲାଗିଗଲା ଓ ମୁହୂର୍ତ୍ତକରେ ମୁଁ ଶୋଇପଡ଼ିଲି ଏବଂ ସେତିକିବେଳେ ଏହି ସ୍ୱପ୍ନଟି ଦେଖିଲି । ସ୍ୱପ୍ନରେ ଜଣେ ବ୍ୟକ୍ତିଙ୍କୁ ଦେଖିଲି ଯିଏକି ମୋ'ର ବାପା ହୋଇଥିବେ ବୋଲି ଅନୁମାନ କଲି । ସେ ଜଣେ ବିଶାଳକାୟ ବଳିଷ୍ଠ ବ୍ୟକ୍ତି ଥିଲେ । ମୁଁ ଜଣେ ମହିଳାଙ୍କୁ ମଧ୍ୟ ଦେଖିଲି ଯେକି ମୋ'ର ମାଆ ହୋଇଥିବେ ବୋଲି ଭାବିଲି, ମାତ୍ର ସେ ମୋ ମାଆଙ୍କ ପରି ଦେଖାଯାଉ ନ ଥିଲେ, ଠିକ ଯେପରିକି ସେହି ବ୍ୟକ୍ତିଜଣକ ସୁଦ୍ଧା ମୋ' ବାପାଙ୍କ ପରି ଦେଖାଯାଉ ନ ଥିଲେ । ତେବେ, ଏହି ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କ ପ୍ରତି ଖୁବ୍ ନିଷ୍ଠୁର ଥିଲେ । ତାଙ୍କ ହାତରେ ତ୍ରିକୋଣବିଶିଷ୍ଟ ଗଦାଟିଏ ଥିଲା । ଆପଣ ଜାଣିଥିବେ ଯେ, ଆପଣ ଯେତେବେଳେ ଖଣ୍ଡେ କାଠଗଣ୍ଡିକୁ ନେଇ ତାହାକୁ ତାହାର ଗୋଟିଏ ଅଗ ଉପରେ ରଖି ଏକ କୁରାଢ଼ିରେ ହାଣନ୍ତି, ସେତେବେଳେ ତାହା ତ୍ରିକୋଣବିଶିଷ୍ଟ ଏକ କୀଳା ସଦୃଶ ଗୋଜିଆ ଜାଳେଣିକାଠରେ ପରିଣତ ହୋଇଥାଏ । ସେହି ବ୍ୟକ୍ତି ଧରିଥିବା ଗଦା ବା ମୁଦଗରଟି ଠିକ୍ ସେହିପ୍ରକାର ଥିଲା । ତେବେ, ସେ ସେଇ ଗଦାଟିକୁ ନେଇ ତାଙ୍କ ସ୍ତ୍ରୀଙ୍କୁ ଆଘାତ କରି ତଳେ ପକାଇ ଦେଉଥିଲେ । ଆଉ, ସେ ତଳେ ଗଡ଼ିପଡ଼ି କାନ୍ଦୁଥିବା ବେଳେ ଉକ୍ତ ପୁରୁଷଜଣକ ଆପଣା ଛାତି ଫୁଲାଇ ତାଙ୍କ ଚାରିପାଖରେ ବୁଲୁଥିଲେ ଓ ସେହି ପୁରୁଷଙ୍କ ମୁଖମଣ୍ଡଳରେ ଏପରି ଏକ ଅହଂକାର, ଦାମ୍ଭିକ ଭାବ ଦେଖା ଯାଉଥିଲା, ଯେପରିକି ସେ ଜଣେ ଅସହାୟ ନିରୀହ ସ୍ତ୍ରୀଙ୍କୁ ପ୍ରହାର କରି ଖୁବ୍ ଗର୍ବ ତଥା ଆତ୍ମ-ସନ୍ତୋଷ ଲାଭ କରୁଥିବା ଭଳି ଜଣାପଡୁଥିଲେ । ଉକ୍ତ ସ୍ତ୍ରୀଜଣକ ଯେତେ ଥର ଉଠିବାକୁ ଚେଷ୍ଟା କରୁଥିଲେ, ସେହି ବ୍ୟକ୍ତିଟି ତାଙ୍କୁ ଆଘାତ କରୁଥିଲେ । ତେବେ, ସେହି ପୁରୁଷଙ୍କ ଏହି କାର୍ଯ୍ୟ ମୋତେ ଭଲ ଲାଗିଲା ନାହିଁ, ମାତ୍ର ତାଙ୍କୁ ଅଟକାଇବି ବୋଲି ମୁଁ ବିଚାର କରୁଥିବା ବେଳେ ଭାବିଲି," ମୁଁ ତ ତାଙ୍କୁ ପାରିବି ନାହିଁ - ସେ ଖୁବ ବଡ଼ ଅଟନ୍ତି । ତା'ପରେ ସେ କେଜାଣି ମୋର ବାପା ପରି ହୋଇଥିବେ ।" ମାତ୍ର, ସେ ମୋର ବାପା ନୁହନ୍ତି ବୋଲି ମୁଁ ମୋର ଅନ୍ତରରେ ଜାଣିଲି, ଆଉ ମୁଁ ଏହା ମଧ୍ୟ ଜାଣିଥିଲି ଯେ, କୌଣସି ପୁରୁଷଙ୍କର ଜଣେ ସ୍ତ୍ରୀଙ୍କ ପ୍ରତି ସେପରି ବ୍ୟବହାର କରିବାର ଅଧିକାର ନାହିଁ । ମୁଁ ଆଗେଇ ଯାଇ ତାଙ୍କ ସାର୍ଟର କଲାରକୁ ହଠାତ୍ ବଳପୂର୍ବକ ଧରିପକାଇଲି ଓ ତାଙ୍କୁ ମୋ' ଆଡ଼କୁ ବୁଲାଇ ଦେଇ କହିଲି," ତାଙ୍କୁ ମାରିବା ପାଇଁ ତୁମର କୌଣସି ଅଧିକାର ନାହିଁ ।" ଆଉ, ଯେତେବେଳେ ମୁଁ ତାହା କହିଲି, ମୋର ମାଂସପେଶୀଗୁଡ଼ିକ ଫୁଲି ବଢ଼ି ଉଠିଲା ଓ ମୁଁ ଏକ ମହାକାୟ ବ୍ୟକ୍ତି ପରି ଦେଖାଗଲି । ସେହି ବ୍ୟକ୍ତି ସେସବୁ ଦେଖିଲେ ଓ ତତ୍ପରେ ମୋତେ ଡ଼ରିଗଲେ । ମୁଁ କହିଲି," ତୁମେ ତାଙ୍କୁ ଆଉଥରେ ମାରି ଦେଖ, ମୁଁ ତା'ପରେ ତୁମକୁ ବୁଝାଇବି ।" ଫଳତଃ, ସେ ତାଙ୍କୁ ଆଉ ମାରିବାକୁ ସାହସ କଲେ ନାହିଁ, ତତ୍ପରେ ମୋ' ସ୍ୱପ୍ନ ଶେଷ ହେଲା ।

ଏହି ସ୍ୱପ୍ନ ପରେ ତତ୍କ୍ଷଣାତ୍ ହିଁ ମୋ' ନିଦ ଭାଙ୍ଗିଗଲା । ସେହି ସ୍ୱପ୍ନ କେତେ ବିଚିତ୍ର ଥିଲା ବୋଲି ମୁଁ ଚିନ୍ତା କରିବାକୁ ଲାଗିଲି । ତେବେ, ଉକ୍ତ ସ୍ତ୍ରୀଙ୍କ ବିଷୟରେ ମୁଁ କାହିଁକି ସ୍ୱପ୍ନ ଦେଖିଲି ବୋଲି ବିସ୍ମିତ ହେଉଥିବା ସମୟରେ ଅକସ୍ମାତ୍ ସେଠାରେ ସେ (ଯୀଶୁ) ଉପସ୍ଥିତ ହେଲେ, ଆଉ ପରମେଶ୍ୱରଙ୍କର ଉପସ୍ଥିତି ମୋତେ ଅନୁଭୂତ ହେଲା ଏବଂ ସେହି ସ୍ୱପ୍ନର ଅର୍ଥ ତାହାଙ୍କଠାରୁ ଆଗତ ହେଲା । (ବର୍ତ୍ତମାନ ଆପଣମାନେ ଜାଣନ୍ତି ଯେ, ମୁଁ ଯେ ଆପଣମାନଙ୍କର ସ୍ୱପ୍ନର ଅର୍ଥ କେବଳ ଆପଣମାନଙ୍କ ନିକଟରେ ସଠିକ୍‌ଭାବେ ପ୍ରକାଶ କରିଛି, ତାହା ନୁହେଁ ; ମାତ୍ର ଆପଣମାନେ କ'ଣ ସ୍ୱପ୍ନ ଦେଖିଛନ୍ତି, ତାହା ମଧ୍ୟ ମୁଁ ଆପଣମାନଙ୍କୁ ଅନେକ ଥର କହିଛି, ଯଦ୍ୱାରା କି ଆପଣମାନଙ୍କୁ ମୋତେ ତାହା କହିବାର ଆଦୌ ଆବଶ୍ୟକ ପଡ଼ି ନ ଥାଏ ।) ଉକ୍ତ ସ୍ତ୍ରୀଟି ଆଜି ଜଗତର ମଣ୍ଡଳୀକୁ ନିଦର୍ଶିତ କରେ । ମୁଁ

ଠିକ୍ ଏହି ବିଶୃଙ୍ଖଳା ବା ଗୋଳମାଳ ଅବସ୍ଥା (mess) ମଧ୍ୟରେ ଜନ୍ମଗ୍ରହଣ କରିଥିଲି - ଯେଉଁ ବିଶୃଙ୍ଖଳା ବା ଗୋଳମାଳ ଅବସ୍ଥା (mess) ମଧ୍ୟରେ ସେହି ସ୍ତ୍ରୀଟି ରହିଅଛି । ସେ ତ ଏକ ପ୍ରକାର ମାତା ହିଁ ହେବେ ବୋଲି ଅନୁମାନ କରାଯାଇଥିଲା । (ଆଉ, ସେ ହିଁ ସେହି ବେଶ୍ୟାମାନଙ୍କ ଜନନୀ ଅର୍ଥାତ୍ ମାତା ଅଟନ୍ତି) । ତା'ର ସ୍ୱାମୀ ହେଉଛନ୍ତି ସେହି ସମ୍ପ୍ରଦାୟସମୂହ (denominations), ଯେଉଁମାନେ କି ତାକୁ ଶାସନ କରନ୍ତି । ସେହି ତ୍ରିକୋଣବିଶିଷ୍ଟ କାଠଗଡ଼ ବା ମୁଦଗରଟି ଏକ ତ୍ରିତ୍ୱ (trinity) ପ୍ରତି ସେହି ମିଥ୍ୟ ତ୍ରୟାତ୍ମକ ବାପ୍ତିସ୍ମ (false triune baptism) ହିଁ ଅଟେ । ଯେତେଥର ସେହି ସ୍ତ୍ରୀଟି ଉଠିବାକୁ ଆରମ୍ଭ କରୁଥିଲା (ତାହାର ଅର୍ଥ ମଣ୍ଡଳୀସମୂହ ସତ୍ୟ ଗ୍ରହଣ କରିବାକୁ ଆରମ୍ଭ କରୁଥିଲା), ସେହି ପୁରୁଷଜଣକ ସେହି ମିଥ୍ୟା ଶିକ୍ଷା (false doctrine) ସାହାଯ୍ୟରେ ତାକୁ ବଳପୂର୍ବକ ଆଘାତ କରି ପୁନଶ୍ଚ ତଳେ ପକାଇ ଦେଉଥିଲା । ତେବେ, ସେ ଏତେ ବିଶାଳକାୟ ଥିଲା ଯେ, ପ୍ରଥମେ ମୁଁ ତାଙ୍କୁ ଦେଖି ଡରିଯାଇଥିଲି, ମାତ୍ର ଯେତେବେଳେ ମୁଁ ତାଙ୍କ ବିରୁଦ୍ଧରେ ଉଠିଲି, ମୁଁ ଜାଣିପାରିଲି ଯେ ମୋର ବୃହତ୍ ତଥା ଶକ୍ତିଶାଳୀ ମାଂସପେଶୀସବୁ ରହିଥିଲା । ସେସବୁ **ବିଶ୍ୱାସର ମାଂସପେଶୀ** ଥିଲା । ସେହି ସ୍ୱପ୍ନର ଫଳାଫଳ ଏହା ଥିଲା ଯେ, "ଯେହେତୁ ପରମେଶ୍ୱର ମୋ' ସହିତରେ ଅଛନ୍ତି, ଏବଂ ସେ ମୋତେ ଏତାଦୃଶ ଶକ୍ତି ଦେଇପାରନ୍ତି, ତେଣୁ ପୃଥିବୀର ସମ୍ପ୍ରଦାୟଗତ ଶକ୍ତି ବିରୁଦ୍ଧରେ ମୁଁ ମଣ୍ଡଳୀ ସପକ୍ଷରେ ଠିଆ ହୁଏ ଓ ମଣ୍ଡଳୀକୁ ପ୍ରହାର କରିବା କାର୍ଯ୍ୟରୁ ତାକୁ ନିବୃତ୍ତ କରେ ।"

ତେବେ, ମୁଁ ଏକ ସ୍ୱପ୍ନ ଉପରେ ଆଧାରିତ କରି ଏକ ବିଶ୍ୱାସମତ ଗଠନ କରିବାକୁ ଚେଷ୍ଟା କରୁନାହିଁ । କିଅବା ଏକ ସ୍ୱପ୍ନ ଦ୍ୱାରା କୌଣସି ବିଶ୍ୱାସମତ ସପକ୍ଷରେ ମୁଁ ସମର୍ଥନ କରିବାକୁ ଉଦ୍ୟମ ମଧ୍ୟ କରୁନାହିଁ । ପରମେଶ୍ୱରତ୍ୱର ଏକତ୍ୱ ତ ଆଦିପୁସ୍ତକ 1:1 ରୁ ନେଇ ପ୍ରକାଶିତ ବାକ୍ୟ 22:21 ପର୍ଯ୍ୟନ୍ତ ଦେଖିବାକୁ ମିଳେ । ମାତ୍ର, ଲୋକମାନେ ତ ଏକ ତ୍ରିତ୍ୱର ଏକ ଅଶାସ୍ତ୍ରୀୟ ଧର୍ମମତ (dogma) ଦ୍ୱାରା ଦୃଷ୍ଟିହୀନ କରାଯାଇଅଛନ୍ତି, ଆଉ ସେହି ଧର୍ମମତଟି ବିଶ୍ୱବ୍ୟାପୀଭାବେ ଏତେ ଆଦୃତ (ଗ୍ରହଣୀୟ) ହୋଇପଡ଼ିଛି ଯେ, "ଏକ ବ୍ୟକ୍ତିସ୍ୱରୂପ ପରମେଶ୍ୱର"ଙ୍କୁ ଦେଖିବାକୁ ପ୍ରୟାସ କରିବା କେବଳ ଅସମ୍ଭବ ବ୍ୟତୀତ ଆଉ କିଛି ନୁହେଁ । ଯଦି ଲୋକମାନେ ପରମେଶ୍ୱରତ୍ୱର **ସତ୍ୟତା**କୁ ଦେଖିପାରିବେ ନାହିଁ, ମାତ୍ର ସେଥିନେଇ ବିବାଦ କରୁଥିବେ, ତେବେ ସେମାନେ କେବେହେଲେ ସତ୍ୟର ଅବଶିଷ୍ଟାଂଶକୁ ସୁଦ୍ଧା ଆଦୌ ଦେଖିପାରିବେ ନାହିଁ, କାରଣ **ଯୀଶୁ ଖ୍ରୀଷ୍ଟ ଆପଣାର ମଣ୍ଡଳୀରେ ରହି ସପ୍ତ ଯୁଗ ନିମନ୍ତେ ମଣ୍ଡଳୀର ମଧ୍ୟସ୍ଥଳରେ ତାହାଙ୍କର କାର୍ଯ୍ୟସକଳ କରୁଥିବା ବିଷୟ ହିଁ ସେହି ପ୍ରକାଶନ ଅଟେ** । କ'ଣ ଆପଣ ତାହା ବୁଝିଲେ କି ? ତେବେ, ଆପଣ ଏବେ ବୁଝିଛନ୍ତି ବୋଲି ମୁଁ ସୁନିଶ୍ଚିତ ଅଟେ ।

"ତୁମ୍ଭର ଶକ୍ତି ସାମାନ୍ୟ, ତଥାପି ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରି ଆମ୍ଭର ନାମ ଅସ୍ୱୀକାର କରି ନାହିଁ ।" ("Thou hast a little strength, and hast kept My Word and not denied My Name") :

ତେବେ, ସେ ସମ୍ବନ୍ଧରେ ଆମେ ଉଲ୍ଲେଖ କରିସାରିଛୁ ଯେ, ଶକ୍ତି କିପରି ଫେରି ଆସୁଥିଲା । ଏହା ପ୍ରକୃତରେ ଫେରି ଆସୁଥିଲା । ଅନୁସନ୍ଧାନର ଶକ୍ତିଟି ହ୍ରାସ ପାଇଯାଇଥିଲା । ଲୋକେ ସେମାନଙ୍କ ମାତୃଭୂମିସବୁକୁ ପରିତ୍ୟାଗ କରି ଉପାସନାର ଏକ ସ୍ୱାଧୀନତା ଦାବି କରିଥିଲେ । ଯାଜକତନ୍ତ୍ରର ଜୁଆଳି ଭଗ୍ନ କରାଯାଉଥିଲା । ଶାସନତନ୍ତ୍ରଗୁଡ଼ିକ ଗୋଟିଏ ଶ୍ରେଣୀ ବିରୁଦ୍ଧରେ ଆଉ ଗୋଟିଏ ଶ୍ରେଣୀକୁ ସମର୍ଥନ ନ କରିବା ବୁଦ୍ଧିର ବିଷୟ ବୋଲି ମନେ କରୁଥିଲେ । ପ୍ରକୃତରେ କହିବାକୁ ଗଲେ, ଉତ୍ତମ ଉଦ୍ଦେଶ୍ୟବିଶିଷ୍ଟ ବା ମଙ୍ଗଳାକାଂକ୍ଷୀ, ମାତ୍ର ସାମାନ୍ୟ ଭାବରେ ନିର୍ଦ୍ଦେଶିତ ହୋଇଥିବା ଲୋକମାନେ ସେମାନଙ୍କ ଧର୍ମଗତ ଅଧିକାରକୁ ରକ୍ଷା କରିବା ନିମନ୍ତେ ଯୁଦ୍ଧ ଚଳାଇବାକୁ ଆଗ୍ରହୀ ଥିଲେ । ସମ୍ଭବତଃ ଏହି ଯୁଗରେ ଧର୍ମରୂପ ଶକ୍ତିର ସୁବୃହତ୍ ପ୍ରଦର୍ଶନ ହିଁ ସେହି ପ୍ରକୃତ କଥା ଥିଲା ଯେ, ଯଦିଓ ଫ୍ରାନ୍ସ ବିପ୍ଳବରେ ପଡ଼ିଯାଇଥିଲା, ତଥାପି ସେହି ମହାନ୍ ୱେସଲୀୟ ଉଦ୍ଦୀପନା କିନ୍ତୁ ଉକ୍ତ ବିପ୍ଳବକୁ ଗ୍ରେଟ୍ ବ୍ରିଟେନଠାରୁ ଦୂରେଇ ରଖିଥିଲା ଏବଂ ତାହାକୁ ଅନେକ ଗୌରବମୟ ବର୍ଷଗୁଡ଼ିକ ନିମନ୍ତେ ପରମେଶ୍ୱରଙ୍କର ହସ୍ତରେ ଏକ ସାଧନସ୍ୱରୂପ କରିବା ଲାଗି ସେଥିରୁ ରକ୍ଷା କରିଥିଲା ।

ବାକ୍ୟର ପ୍ରଚାର କଦାପି ଅପେକ୍ଷାକୃତ ଶ୍ରେଷ୍ଠତର ନ ଥିଲା । ଶୟତାନ ଯେପରି ତାହାର ନିଜର ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିବିଶିଷ୍ଟ ଦଳଗୁଡ଼ିକୁ ଉତ୍ଥାପିତ କରିଥିଲା, ଯେପରିକି ସାମ୍ୟବାଦର ପ୍ରବର୍ତ୍ତକମାନେ ଉଠିଥିଲେ, ଯେପରିକି ଉଦାରଚେତା ପରମାର୍ଥବିଦମାନେ (liberal theologians) ସେମାନଙ୍କ ଅଶ୍ଳୀଳ ପଦାର୍ଥସବୁର ପ୍ରସାର ଘଟାଇଥିଲେ, ପରମେଶ୍ୱର ମଧ୍ୟ ସେପରି ବିଶ୍ୱାସର ଶକ୍ତିଯୁକ୍ତ ଯୋଦ୍ଧାମାନଙ୍କୁ ଉଠାଇଥିଲେ, ଆଉ ଖ୍ରୀଷ୍ଟୀୟ ସାହିତ୍ୟର ଉତ୍କୃଷ୍ଟ କାର୍ଯ୍ୟମାନ ଓ ଶିକ୍ଷାଦାନ ଏବଂ ପ୍ରଚାର କାର୍ଯ୍ୟ ଏହି ଯୁଗରୁ ହିଁ ଆଗତ କଲା । ଏହି ଯୁଗର ପ୍ରଚାରକ ଓ ଶିକ୍ଷକମାନଙ୍କ ସହିତ ଅନ୍ୟ ଯୁଗର କଦାପି ସମକକ୍ଷ ହୋଇନାହାନ୍ତି ଓ ସେମାନେ କଦାପି ହେବେ ସୁଦ୍ଧା ନାହିଁ । ସେହି ସ୍ପର୍ଜୀୟନମାନେ (Spurgeons), ପାର୍କରମାନେ (Parkers), ମେକ-କ୍ଲେରାନ୍ସମାନେ (McClarens), ସେହି ଏଡ଼ୱାର୍ଡମାନେ (Edwards), ବନୟାନ୍‌ମାନେ (Bunyans), ମିଉଲ୍ଲରମାନେ (Meullers), ବ୍ରାଏନାର୍ଡ଼ମାନେ (Brainards), ବାର୍ନମାନେ (Barnes), ବିଶପମାନେ (Bishops) - ଏସମସ୍ତେ ଏହି ଯୁଗରୁ ହିଁ ଆସିଲେ । ସେମାନେ ପ୍ରଚାର କଲେ, ଶିକ୍ଷା ଦେଲେ ଏବଂ ବାକ୍ୟ ରଚନା କଲେ । ସେମାନେ ପରମେଶ୍ୱରଙ୍କର ନାମକୁ ମହିମାନ୍ୱିତ କଲେ ।

ମିଥ୍ୟା ଯିହୂଦୀମାନଙ୍କ ପ୍ରତି ବିଚାର (The Judgment of The False Jew)

ପ୍ରକାଶିତ ବାକ୍ୟ 3:9 ।

"ଦେଖ, ଯେଉଁମାନେ ଯିହୂଦୀ ନୁହନ୍ତି, କିନ୍ତୁ ମିଥ୍ୟାରେ ଆପଣାମାନଙ୍କୁ ଯିହୂଦୀ ବୋଲି କହନ୍ତି, ଏପରି ଶୟତାନର ଦଳର ଲୋକମାନଙ୍କୁ ଆମ୍ଭେ ଆଣି ତୁମ୍ଭର ଚରଣ ତଳେ ପ୍ରଣାମ କରାଇବୁ, ଆଉ ଆମ୍ଭେ ଯେ ତୁମ୍ଭକୁ ପ୍ରେମ କରିଅଛୁ, ଏହା ସେମାନଙ୍କୁ ଜ୍ଞାତ କରାଇବୁ ।"

ତେବେ ଆମେ ଅବିଳମ୍ବେ ଏହା ଲକ୍ଷ୍ୟ କରିପାରିବା ଯେ, ମିଥ୍ୟା ଯିହୂଦୀ ଅବା ମିଥ୍ୟା ବିଶ୍ୱାସୀମାନଙ୍କ ସମ୍ବନ୍ଧୀୟ ଏହି ସମସ୍ୟାଟି ଦ୍ୱିତୀୟ ଯୁଗରେ ହିଁ ଦେଖା ଦେଇସାରିଥିଲା । ଏହି ଲୋକମାନେ ଯେଉଁମାନେ କି ନିଜକୁ ଯିହୂଦୀ ବୋଲି ମିଥ୍ୟାରୂପେ ସମ୍ବୋଧନ କରୁଥିଲେ ପ୍ରଥମ ଯୁଗର ପ୍ରଥମ ବୃଷ୍ଟି ପରେ ହିଁ ଦେଖା ଦେଇଥିଲେ, ଆଉ ବର୍ତ୍ତମାନ ସେମାନେ ପୁଣିଥରେ ପୁନର୍ଗଠନ ପରେ ଦ୍ୱିତୀୟ ଯୁଗରେ ଦେଖା ଦିଅନ୍ତି । ଏହା କ୍ୱଚିତ୍ ହିଁ ଏକ ଆକସ୍ମିକ ଘଟନା ଅଟେ ।

ବାସ୍ତବତଃ, ଏହା ଏକ ଆକସ୍ମିକ ଘଟନା ନୁହେଁ। ଏହା ଶୟତାନର ଏକ ନୀତି । ସେହି ନୀତି ହେଉଛି ସଂଗଠିତ କରିବା ଓ ମୌଳିକତାକୁ ଦାବି କରିବା ଏବଂ ଫଳତଃ, ବିଶେଷ ଅଧିକାର ତଥା କ୍ଷମତାଗୁଡ଼ିକ ପାଇବାକୁ ଯୋଗ୍ୟ ବିବେଚିତ ହେବା । ଆସନ୍ତୁ, ମୁଁ ତାହା ଆପଣମାନଙ୍କୁ ଦେଖାଏ । ସ୍ମୁର୍ଣ୍ଣା ଯୁଗରେ ଏହି ଲୋକମାନେ ମିଥ୍ୟା କହିଥିଲେ ଯେ, ସେମାନେ ପ୍ରକୃତରେ ଯିହୂଦୀ (ଅବା ବିଶ୍ୱାସୀ) ଥିଲେ, ଯେତେବେଳେ କି ସେମାନେ ନିଶ୍ଚିତରୂପେ ତାହା ନ ଥିଲେ । ସେମାନେ ଶୟତାନର ଦଳଭୁକ୍ତ ଥିଲେ । ସେମାନେ ଶୟତାନର ସଂଗଠିତ ଜନତା ଥିଲେ, କାରଣ ସେହି ଯୁଗରେ ହିଁ ଆମେ ଲୋକମାନଙ୍କୁ ସେବାକାର୍ଯ୍ୟରେ ନିଜର ସେବାକାର୍ଯ୍ୟକାରୀ ଭାଇମାନଙ୍କ ଉପରେ ଏକ ଅନାଧିକାର ନେତୃତ୍ୱ ଗ୍ରହଣ କରିବାକୁ ଆରମ୍ଭ କରୁଥିବାର ଦେଖିବାକୁ ପାଉ । (ଜିଲ୍ଲାଗୁଡ଼ିକରେ ପ୍ରାଚୀନମାନଙ୍କ ଉପରେ ଧର୍ମାଧକ୍ଷମାନଙ୍କୁ ସ୍ଥାପନ କରାଗଲା) । ପରବର୍ତ୍ତୀ ବିଷୟ ଯାହାକି ଆମେ ଦେଖିଲୁ ତାହା ଏହା ଯେ, ତୃତୀୟ ଯୁଗରେ "ଶୟତାନର ସିଂହାସନ" ବୋଲି କୁହାଯାଉଥିବା ନିଶ୍ଚିତ ଏକ ସ୍ଥାନ ରହିଥିଲା । ସେହି ଯୁଗ ହିଁ ଆମକୁ ମଣ୍ଡଳୀ ଏବଂ ରାଜ୍ୟର ବିବାହ ପ୍ରଦାନ କଲା । ନିଜ ପଛରେ ରହିଥିବା ରାଜ୍ୟର କ୍ଷମତା ସହକାରେ ମଣ୍ଡଳୀ ଆକ୍ଷରିକରୂପେ ସ୍ୱାଭାବିକରେ ଅଜେୟ ଥିଲା ।

କିନ୍ତୁ, ପରମେଶ୍ୱର ରାଜ୍ୟର କ୍ଷମତା ରହିଥିବା ସତ୍ତ୍ୱେ ମଧ୍ୟ ସେହି ପ୍ରଭାବକୁ ଭଗ୍ନ କଲେ ଏବଂ ପୁନର୍ଗଠନ ବିଶେଷ ଆଲୋକ ଆଣିଦେଲା । ତେବେ, କ'ଣ ଘଟିଲା ? ଲୁଥରାନମାନେ ସଂଗଠିତ ହେଲେ ଓ ରାଜ୍ୟ ସହିତ ସଂଯୁକ୍ତ ହେଲେ ଏବଂ ପୁନର୍ବାର ଆମେ ଶୟତାନର ଦଳ (the synagogue of Satan)କୁ ଏହି ଷଷ୍ଠ ଯୁଗରେ ପ୍ରକଟିତ ହେବାର ଦେଖୁ । ତେବେ, ଅବଶ୍ୟ ଏହି ଦଳଭୁକ୍ତ ଲୋକମାନେ କହିବେ ନାହିଁ ଯେ ସେମାନେ ଶୟତାନର ଅଟନ୍ତି । ନା, ଆଜ୍ଞା । ସେମାନେ କହନ୍ତି ଯେ, ସେମାନେ ପରମେଶ୍ୱରଙ୍କର । ମାତ୍ର ସେମାନେ ମିଥ୍ୟା କହିଥାନ୍ତି । କାରଣ ବାସ୍ତବ ଯିହୂଦୀ (ତାହା ହିଁ ତ ସେମାନେ ଅଟନ୍ତି ବୋଲି ଦାବି କରିଥା'ନ୍ତି) ବ୍ୟକ୍ତି ସେହି ଜଣକ ଅଟନ୍ତି, ଯେ କି ଆନ୍ତରିକଭାବେ - ଅର୍ଥାତ୍ ଆତ୍ମାରେ ଜଣେ ଯିହୂଦୀ ଅଟନ୍ତି । ଅତଏବ, ସେମାନେ ଯଦି ଅସତ୍ୟ ବା ମିଥ୍ୟା ଯିହୂଦୀ ଅଟନ୍ତି, ତେବେ ଏହାର ଅର୍ଥ ହେଉଛି ଯେ, ଯିହୂଦା 19 ପ୍ରକାଶ କରୁଥିବା ପରି, ସେମାନେ "ପରମେଶ୍ୱରଙ୍କର ଆତ୍ମା**ବିହୀନ**" ଅଟନ୍ତି । ପରମେଶ୍ୱରଙ୍କର ସନ୍ତାନମାନେ ତ ଆତ୍ମାଙ୍କଠାରୁ ଜାତ ହୁଅନ୍ତି । ସେମାନଙ୍କଠାରେ ଆତ୍ମା ନାହାନ୍ତି ତେଣୁ ସେମାନେ ପରମେଶ୍ୱରଙ୍କର ସନ୍ତାନ **ନୁହନ୍ତି**, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ବ୍ୟଗ୍ରଭାବେ ପ୍ରତିବାଦ କରନ୍ତି ଓ ସେମାନେ ତାହା ଅଟନ୍ତି ବୋଲି ପ୍ରମାଣ କରିବା ପାଇଁ ସେମାନେ କେତେ ଅତ୍ୟଧିକ ସମୟ ଧରି ଉଦ୍ୟମ କରନ୍ତି । ସେମାନେ **ମୃତ** ଅଟନ୍ତି । ସେମାନେ ସଂଗଠନର ସନ୍ତାନ ଅଟନ୍ତି, ଆଉ ବାସ୍ତବ ଫଳସବୁ ସେମାନଙ୍କଠାରେ ଅଦୃଷ୍ଟ ଅଟେ । ସେମାନେ ନିଜ ଧର୍ମମତ, ଧର୍ମନୀତି ତଥା ବିଶ୍ୱାସମତଗୁଡ଼ିକ ଉପରେ ନିର୍ମିତ ହୋଇଛନ୍ତି ଏବଂ ସେମାନଙ୍କଠାରେ ସତ୍ୟ ହିଁ ନାହିଁ, କାରଣ ସେମାନେ ପରମେଶ୍ୱରଙ୍କର ବାକ୍ୟର ଉର୍ଦ୍ଧ୍ୱରେ ସେମାନଙ୍କର ନିଜ ପରାମର୍ଶକୁ ଗ୍ରହଣ କରିଛନ୍ତି ।

ତେବେ, ଦୁଇଟି ଭିନ୍ନ ଭିନ୍ନ ଆତ୍ମାରୁ ଉତ୍ପନ୍ନ ହୋଇଥିବା ଦୁଇଟି ଦ୍ରାକ୍ଷାଲତା ବିଷୟରେ ମୁଁ ନିରନ୍ତର ଯାହା ଶିକ୍ଷାଦେବାକୁ ଚେଷ୍ଟା କରିଆସିଛି, ତାହା ଆପଣଙ୍କୁ ଦେଖାଇବାକୁ ଚାହେଁ। ଏଥରକ ଯୀଶୁ ଓ ଯିହୂଦାଙ୍କ ଦୃଷ୍ଟାନ୍ତ ନିଅନ୍ତୁ । ଯୀଶୁ ପରମେଶ୍ୱରଙ୍କର ପୁତ୍ର ଥିଲେ । ଯିହୂଦା ବିନାଶର ପୁତ୍ର ଥିଲା । ପରମେଶ୍ୱର ଯୀଶୁଙ୍କର ମଧ୍ୟରେ ପ୍ରବେଶ କଲେ । ଶୟତାନ ଯିହୂଦା ମଧ୍ୟରେ ପ୍ରବେଶ କଲା ।

ଯୀଶୁଙ୍କରଠାରେ ପବିତ୍ର ଆତ୍ମାଙ୍କର ଏକ ସମ୍ପୂର୍ଣ୍ଣ ସେବାକାର୍ଯ୍ୟ ଥିଲା, କାରଣ

> *"ନାଜରିତୀୟ ଯୀଶୁଙ୍କ କଥା, କିପରି ପରମେଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ, ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ପରମେଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ ।"*

ପ୍ରେରିତ 10:38 । ଏହା ପୁଣି ଉଲ୍ଲେଖ କରେ,

> *" କାରଣ ସେ (ଯିହୂଦା) ଆମ୍ଭମାନଙ୍କ ମଧ୍ୟରେ ଜଣେ ବୋଲି ଗଣାଯାଇଥିଲା ଓ ଏହି ସେବାପଦରେ **ଅଂଶ** ପ୍ରାପ୍ତ ହୋଇଥିଲା"*

ପ୍ରେରିତ 1: 17 । ମାଥିଉ 10: 1,

> *"ଇତିମଧ୍ୟରେ ସେ ଆପଣା ଦ୍ୱାଦଶ ଶିଷ୍ୟଙ୍କୁ ନିକଟକୁ ଡ଼ାକି ସେମାନଙ୍କୁ ଅଶୁଚି ଆତ୍ମାଗୁଡ଼ାକ ଛଡ଼ାଇବା ନିମନ୍ତେ ସେମାନଙ୍କ ଉପରେ ଅଧିକାର ଦେଲେ, ପୁଣି ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରିବା ନିମନ୍ତେ ଅଧିକାର ଦେଲେ ।"*

ଯିହୂଦା ମଧ୍ୟରେ ଯେଉଁ ଆତ୍ମା ଥିଲା ତାହା ଯୀଶୁଙ୍କର ସେବାକାର୍ଯ୍ୟ ସହିତ ଠିକ୍ ପାଖେ ପାଖେ ଗମନ କରିଥିଲା । ତପ୍ରେ ସେମାନେ ଉଭୟେ କ୍ରୁଶ ନିକଟକୁ ଆସିଲେ । ଯୀଶୁ କ୍ରୁଶ ଉପରେ ଟଙ୍ଗାଯାଇ, ଆନନ୍ଦ ସହକାରେ ପାପୀମାନଙ୍କ ନିମନ୍ତେ ନିଜ ଜୀବନ ଦାନ କଲେ ଏବଂ ପରମେଶ୍ୱରଙ୍କର ହସ୍ତରେ ତାହାଙ୍କର ଆତ୍ମା ସମର୍ପଣ କଲେ । ତାହାଙ୍କର ଆତ୍ମା ପରମେଶ୍ୱରଙ୍କର ନିକଟକୁ ଫେରିଗଲେ ଏବଂ ତପ୍ରେ ପେଣ୍ଟିକଷ୍ଟ ଦିନରେ ମଣ୍ଡଳୀ ମଧ୍ୟରେ ବୃଷ୍ଟି କରାଗଲେ । ମାତ୍ର, ଯିହୂଦା ନିଜେ ନିଜକୁ ଫାଶୀ ଦେଲା ଓ ତା'ର ଆତ୍ମା ଶୟତାନ ନିକଟକୁ ଫେରିଗଲା, କିନ୍ତୁ ପେଣ୍ଟିକଷ୍ଟ ପରେ ଯିହୂଦାଠାରେ ଥିବା ଆତ୍ମା ସେହି ଅପ୍ରକୃତ ଦ୍ରାକ୍ଷାଲତା ନିକଟକୁ ଫେରିଆସିଲା, ଯାହାକି ସେହି ପ୍ରକୃତ ଦ୍ରାକ୍ଷାଲତା ସହିତ ହିଁ ଠିକ୍ ବୃଦ୍ଧି ପାଇଚାଲିଥାଏ । ତେବେ, ଲକ୍ଷ୍ୟ କରନ୍ତୁ ଯେ, ଯିହୂଦାର ଆତ୍ମା କଦାପି ପେଣ୍ଟିକଷ୍ଟକୁ ପ୍ରାପ୍ତ କରି ନ ଥିଲା । ଏହା (ଯିହୂଦାର ଆତ୍ମା) ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବା ନିମନ୍ତେ କଦାପି ଉର୍ଦ୍ଧ୍ୱକୁ ଉଠି ନ ଥିଲା । ଏହା ସେପରି କରିପାରିଲା ନାହିଁ । ତେବେ, ଯିହୂଦାର ଆତ୍ମା କେଉଁ ବିଷୟ ପାଇଁ ବାହାରି ଗଲା ? ତାହା ତ ସ୍ୱର୍ଣ୍ଣର ଥଳୀ ପାଇଁ ବାହାରି ଗଲା । ତାହା ଧନକୁ କେତେ ଭଲ ପାଉଥିଲା । ତାହା ବର୍ତ୍ତମାନ ସୁଦ୍ଧା ଧନକୁ ଭଲ ପାଏ । ଏହା (ଯିହୂଦାର ଆତ୍ମା) ଯଦି ବି ଯୀଶୁଙ୍କର ନାମରେ ଶକ୍ତିଯୁକ୍ତ କାର୍ଯ୍ୟସବୁ କରିବା ସଙ୍ଗେ ମହାନ୍ ସଭାସମୂହ ଆୟୋଜିତ କରି ଚାଲେ, ତଥାପି ସୁଦ୍ଧା ଏହା ଅଧିକ ଅର୍ଥ ଓ କୋଠାବାଡ଼ି, ଆଉ ଶିକ୍ଷା ତଥା ସବୁକିଛି ଏକ ଜାଗତିକ ମନୋଭାବ ସହକାରେ

ଲାଭ କରିଚାଲେ । ତେବେ, ସେମାନଙ୍କ ଉପରେ ଥିବା ସେହି ଆତ୍ମାକୁ ଲକ୍ଷ୍ୟ କରନ୍ତୁ ଓ ପ୍ରତାରିତ ହୁଅନ୍ତୁ ନାହିଁ । ଯିହୂଦା ଦ୍ୱାଦଶଙ୍କ ମଧ୍ୟରୁ ଜଣେ ଥିବା ପରି ଯାଇଥିଲା ଓ ସେ ଆଶ୍ଚର୍ଯ୍ୟ କର୍ମସମୂହ ମଧ୍ୟ ସାଧନ କଲା । ମାତ୍ର, ସେ ପରମେଶ୍ୱରଙ୍କର ଆତ୍ମାଙ୍କୁ ତା'ର ନିଜର ପରି ଧାରଣ କରି **ନ** ଥିଲା । ତା'ର ନିକଟରେ ଏକ ସେବାକାର୍ଯ୍ୟ ଥିଲା । ସେ ପ୍ରକୃତ ବୀଜ ନ ଥିବା ଯୋଗୁଁ ପେଣ୍ଟିକଷ୍ଟକୁ କଦାପି ପ୍ରାପ୍ତ ହୋଇ ନ ଥିଲା । ସେ ପରମେଶ୍ୱରଙ୍କର ଜଣେ ପ୍ରକୃତ ସନ୍ତାନ ନ ଥିଲା । ନା ଆଜ୍ଞା । ଆଉ, ଏହା ବର୍ତ୍ତମାନ ଶୟତାନର ଦଳରେ ଠିକ୍ ସେହି ପ୍ରକାରରେ ହିଁ ରହିଅଛି । ପ୍ରତାରିତ ହୁଅନ୍ତୁ ନାହିଁ । ଆପଣ ଯଦି ସେହି ମନୋନୀତମାନଙ୍କ ମଧ୍ୟରୁ ଅଟନ୍ତି, ତାହାହେଲେ ଆପଣ ପ୍ରତାରିତ ହେବେ ନାହିଁ । ଯୀଶୁ କହିଲେ ଯେ, ଆପଣ ପ୍ରତାରିତ ହେବେ ନାହିଁ ।

ହଁ, ଏହି ଲୋକମାନେ ନିଜକୁ ଖ୍ରୀଷ୍ଟିୟାନ ବୋଲି କହନ୍ତି, ମାତ୍ର ସେମାନେ ତାହା ନୁହନ୍ତି ।

> *"ଏପରି . . . ଲୋକମାନଙ୍କୁ ଆମ୍ଭେ ଆଣି ତୁମ୍ଭର ଚରଣ ତଳେ ପ୍ରଣାମ କରାଇବୁ, ଆଉ ଆମ୍ଭେ ଯେ ତୁମ୍ଭକୁ ପ୍ରେମ କରିଅଛୁ, ଏହା ସେମାନଙ୍କୁ ଜ୍ଞାତ କରାଇବୁ ।" ("I will make them come and worship before thy feet, and to know that I have loved thee") :*

1ମ କରିନ୍ଥୀୟ 6:2,

> *"ସାଧୁମାନେ ଯେ ଜଗତର ବିଚାର କରିବେ, ଏ କଥା କି ତୁମ୍ଭେମାନେ ଜାଣ ନାହିଁ ?"*

କେବଳ ବାର ଜଣ ପ୍ରେରିତ ଶିଷ୍ୟ ହିଁ ଯେ ବାରଗୋଟି ସିଂହାସନରେ ବସି ଇସ୍ରାଏଲର ବାର ଗୋଷ୍ଠୀଙ୍କୁ ବିଚାର କରିବେ, ଏହା ନୁହେଁ, ମାତ୍ର ସାଧୁମାନେ ମଧ୍ୟ ଜଗତର ବିଚାର କରିବେ । ଏହା ସେତିକିବେଳେ ହେବ, ଯେତେବେଳେ କି ଏହି ଲୋକମାନେ, ଯେଉଁମାନେ ଏହା ଦାବି କରନ୍ତି ଯେ ସେମାନେ ପରମେଶ୍ୱରଙ୍କର ଅଧିକାରଭୁକ୍ତ ଓ ପରମେଶ୍ୱର ସେମାନଙ୍କୁ ପ୍ରେମ କରନ୍ତି, ସଠିକ୍‌ଭାବେ ଜାଣି ପାରିବେ ଯେ, କିଏ ପରମେଶ୍ୱରଙ୍କର ସନ୍ତାନ ଏବଂ କିଏ ପୁତ୍ରଙ୍କର ପ୍ରିୟ ଅଟନ୍ତି । ହଁ, ସେହି ଦିନ ଆସୁଅଛି, ଯେତେବେଳେ କି ଏହା ପ୍ରକଟିତ ହେବ । ଏହି ଲୋକମାନେ ଯେଉଁମାନେ କି ବର୍ତ୍ତମାନ ଜଗତକୁ ଏକ ମାପ ବା ଏକ ପରିମାଣରେ ରାଜତ୍ୱ କରୁଅଛନ୍ତି, ପୁଣି ଯେଉଁମାନେ ଅନ୍ତିମ ଯୁଗରେ ପଶୁ ଉଦ୍ଦେଶ୍ୟରେ ଏକ ମୂର୍ତ୍ତି ନିର୍ମାଣ କରିବେ, ଯାହାଦ୍ୱାରା କି ସେମାନେ ପ୍ରକୃତରେ ଜଗତ ଉପରେ ରାଜତ୍ୱ କରିବେ, ସେମାନେ ଦିନେ ନତ କରାଯିବେ, ଯେଉଁଦିନ ଯୀଶୁ ଆପଣାର ସାଧୁଗଣଙ୍କ ସହିତ ଧାର୍ମିକତାରେ ଜଗତର ବିଚାର କରିବାକୁ ଆଗମନ କରିବେ । ଠିକ୍ ଏହା ହିଁ ଆମେ ମାଥିଉ 25 ଅଧ୍ୟାୟରେ ଦେଖୁ ଯେତେବେଳେ କି ପ୍ରଥମ ପୁନରୁତଥାନକୁ ହରାଇଥିବା ସେହି "ସମସ୍ତେ" ବିଚାରକର୍ତ୍ତା ଏବଂ ତାହାଙ୍କର କନ୍ୟାଙ୍କ ସମ୍ମୁଖରେ ଠିଆ ହେବେ ।

ପ୍ରଶଂସା ଏବଂ ପ୍ରତିଜ୍ଞା (The Eulogy And The Promise)

ପ୍ରକାଶିତ ବାକ୍ୟ 3: 10,

> *"ତୁମ୍ଭେ ଆମ୍ଭର ଧୈର୍ଯ୍ୟର ବାକ୍ୟ ରକ୍ଷା କରିଅଛି, ଏହେତୁ ପୃଥିବୀନିବାସୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ସମସ୍ତ ଜଗତ ଉପରକୁ ଯେଉଁ ପରୀକ୍ଷାକାଳ ଆସିବ, ସେଥିରୁ ଆମ୍ଭେ ମଧ୍ୟ ତୁମ୍ଭକୁ ରକ୍ଷା କରିବୁ ।"*

"ତାହାଙ୍କର ଧୈର୍ଯ୍ୟର ବାକ୍ୟ" କହିବାରେ ତାଙ୍କର ଉଦ୍ଦେଶ୍ୟ କ'ଣ ? ଏବ୍ରୀ 6: 13-15, @@"*କାରଣ ପରମେଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ, ସେତେବେଳେ ସେ ଆଉ କୌଣସି ମହତ୍ତର ନାମ ନ ପାଇବାରୁ ଆପଣା ନାମରେ ଶପଥ କରି କହିଲେ, ଆମ୍ଭେ ଅବଶ୍ୟ ତୁମ୍ଭକୁ ଆଶୀର୍ବାଦ କରିବା ଓ ତୁମ୍ଭର ବଂଶର ଅତିଶୟ ବୃଦ୍ଧି କରିବା। ଆଉ, ଏହିପ୍ରକାରେ ଦୀର୍ଘସହିଷ୍ଣୁ ହୋଇ ଅବ୍ରହାମ ପ୍ରତିଜ୍ଞାର ଫଳ ପ୍ରାପ୍ତ ହୋଇଥିଲେ ।"* ଆପଣ ଦେଖନ୍ତୁ ଯେ ଆତ୍ମା ପରମେଶ୍ୱରଙ୍କର ସେହି ବାକ୍ୟ ବିଷୟରେ କହୁଅଛନ୍ତି ଯାହାକି ଆମକୁ ପ୍ରଦତ୍ତ ହୋଇଅଛି । ଉକ୍ତ ବାକ୍ୟର ସଫଳ ହେବା ନିମନ୍ତେ ଅପେକ୍ଷା ହେତୁ ଏହା ଧୈର୍ଯ୍ୟର ଆବଶ୍ୟକତା ହୋଇଥାଏ, ଯେପରିକି ଏହା ଅବ୍ରହାମଙ୍କ କ୍ଷେତ୍ରରେ ସୁଦ୍ଧା ହୋଇଥିଲା । ଅବ୍ରହାମ ସେହି ପରମେଶ୍ୱରଙ୍କୁ, ଯେ କି ଅଦୃଶ୍ୟ ଅଟନ୍ତି, ଦେଖୁଥିଲା ପରି ସ୍ଥିରଭାବେ ଦୀର୍ଘସହିଷ୍ଣୁ ହୋଇଥିଲେ । ସେ ଧୈର୍ଯ୍ୟଶୀଳ ହୋଇ ରହିଥିଲେ ଆଉ ତପୂରେ ବାକ୍ୟ ଅବଶେଷରେ ସଫଳ ହୋଇଥିଲା । ଏହି ପ୍ରକାରେ ହିଁ ପରମେଶ୍ୱର ଆପଣାର ଲୋକମାନଙ୍କୁ ଧୈର୍ଯ୍ୟ ଶିକ୍ଷା ଦେଇଥା'ନ୍ତି । କାହିଁକିନା, ଆପଣ ପ୍ରାର୍ଥନା କରିବା ମାତ୍ରକେ ହିଁ ସେ ଯଦି ଆପଣାର ବାକ୍ୟକୁ ଶାରୀରିକ ପରିପ୍ରକାଶରେ ସଫଳ କରିଦିଅନ୍ତେ, ତାହାହେଲେ ଆପଣ ଆଦୌ ଧୈର୍ଯ୍ୟ ଶିକ୍ଷା କରିବେ ନାହିଁ, ମାତ୍ର ଜୀବନରେ ଆହୁରି ଅଧିକରୂପେ ସୁଦ୍ଧା ଅଧୈର୍ଯ୍ୟ ହୋଇଉଠିବେ । ତେବେ ଏହି ସତ୍ୟତାକୁ ଆହୁରି ଅଧିକ ସମ୍ପୂର୍ଣ୍ଣରୂପେ ବର୍ଣ୍ଣିତ ହୋଇଥିବାର ମୁଁ ଆପଣଙ୍କୁ ଦେଖାଏ ।

ଏବ୍ରୀ 11: 17,

> *"ବିଶ୍ୱାସ ଦ୍ୱାରା ଅବ୍ରହାମ ପରୀକ୍ଷିତ ହୋଇ ଇସହାକୁଙ୍କୁ ଉତ୍ସର୍ଗ କଲେ, ହଁ, ଯେଉଁ ବ୍ୟକ୍ତି ପ୍ରତିଜ୍ଞାସମୂହ (ପରମେଶ୍ୱରଙ୍କର ବାକ୍ୟ) ପ୍ରାପ୍ତ ହୋଇଥିଲେ (ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଉତ୍ସର୍ଗ କଲେ - ଅନୁ)।''*

ଏଠାରେ ତାହା ହିଁ ଅଟେ: ଅବ୍ରହାମ ପ୍ରତିଜ୍ଞାର ବାକ୍ୟ ଗ୍ରହଣ କରିସାରିବା **ପରେ** ହିଁ ପରୀକ୍ଷିତ ହୋଇଥିଲେ । ଅଧିକାଂଶ ଲୋକେ ଭାବିଥାନ୍ତି ଯେ, ପରମେଶ୍ୱରଙ୍କର ମଙ୍ଗଳଜନକ ପ୍ରତିଜ୍ଞାସକଳକୁ ଭିତ୍ତି କରି ଯୀଶୁଙ୍କର ନାମରେ ଆମେ ପ୍ରାର୍ଥନା କରିବା କ୍ଷଣି ଗୋଟିଏ ହେଲେ ସୁଦ୍ଧା ପରୀକ୍ଷା ଆଉ ଆସିପାରିବ ନାହିଁ । ତେବେ, ଏଠାରେ ଏହା ବ୍ୟକ୍ତ କରେ ଯେ, ଅବ୍ରହାମ ପ୍ରତିଜ୍ଞାଟିକୁ ପ୍ରାପ୍ତ ହେବା ପରେ ହିଁ ପରୀକ୍ଷିତ ହୋଇଥିଲେ ।

ଯୋଷେଫଙ୍କ ସମ୍ବନ୍ଧରେ ଗୀତରଚକଙ୍କ ଉକ୍ତି ଅନୁଯାୟୀ ଏହା ଅବିକଳଭାବେ ସଠିକ୍ ଅଟେ, ଗୀତସଂହିତା 105: 19,

"ଶେଷରେ ତା'ର ବଚନ ସଫଳ ହେଲା; ସଦାପ୍ରଭୁଙ୍କ ବାକ୍ୟ ତାକୁ ପରୀକ୍ଷା କଲା ।"

ପରମେଶ୍ୱର ଆମକୁ ଅତ୍ୟଧିକ ମହାନ୍ ଏବଂ ବହୁମୂଲ୍ୟ ପ୍ରତିଜ୍ଞାସକଳ ଦାନ କରନ୍ତି । ସେ ସେସବୁକୁ ସଫଳ କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି । ସେ ତାହା ସାଧନ କରିବେ । ତେବେ, ଆମେ ପ୍ରାର୍ଥନା କରିବା ସମୟରୁ ନେଇ ପ୍ରାର୍ଥନାର ଉତ୍ତର ପାଇବା ପର୍ଯ୍ୟନ୍ତ ଆମେ ନିଜର ପ୍ରାଣରେ ଧୈର୍ଯ୍ୟକୁ ଗ୍ରହଣ କରିବା ନିମନ୍ତେ ଶିକ୍ଷା କରିବା ଆବଶ୍ୟକ, କାରଣ କେବଳ ଧୈର୍ଯ୍ୟରେ ହିଁ ଆମେ ଜୀବନକୁ ଧାରଣ କରିଥାଉ । ପରମେଶ୍ୱର ଆମକୁ ଏହି ଶିକ୍ଷାକୁ ଲାଭ କରିବା ନିମନ୍ତେ ସାହାଯ୍ୟ କରନ୍ତୁ ଯେପରିକି ଏହି ଷଷ୍ଠ ଯୁଗର ଲୋକମାନେ ଧୈର୍ଯ୍ୟ ଶିକ୍ଷା କରିଥିଲେ ବୋଲି ଆମେ ଜାଣୁ । ଆମେ ଏହି ମହାନ ଖ୍ରୀଷ୍ଟିୟାନମାନଙ୍କ ଜୀବନ ଇତିହାସସବୁ ପାଠ କରିଥାଉ; କେତେ ବଡ଼ ଏକ ପାର୍ଥକ୍ୟ ଆମେ ସେମାନଙ୍କ ଓ ଆମ ଜୀବନ ମଧ୍ୟରେ ଦେଖିଥାଉ, ଯେହେତୁ ସେମାନେ ଯଥେଷ୍ଟ ଧୈର୍ଯ୍ୟଶୀଳ ତଥା ଧୀର ଥିଲେ, ଆଉ ଆମେ ଯେ ଆଜି ସମସ୍ତ ବିଷୟରେ ମାତ୍ର ଅତ୍ୟନ୍ତ ଅଧୈର୍ଯ୍ୟ ତଥା ତରବର ସ୍ୱଭାବବିଶିଷ୍ଟ ହୋଇପଡ଼ିଛୁ ।

ସେ ସେମାନଙ୍କୁ ଆହୁରି କହିଚାଲନ୍ତି, *"ତୁମ୍ଭେ ଆମ୍ଭର ବାକ୍ୟ ଗ୍ରହଣ କରିଅଛ ଓ ତଦନୁଯାୟୀ ଜୀବନ ଯାପନ କରିଅଛ ଏବଂ ତଦ୍ୱାରା ଧୈର୍ଯ୍ୟଶୀଳ ହୋଇ ରହିଅଛ, ଏହେତୁ ପୃଥିବୀନିବାସୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ସମସ୍ତ ଜଗତ ଉପରକୁ ଯେଉଁ ପରୀକ୍ଷାକାଳ ଆସିବ, ସେଥିରୁ ଆମ୍ଭେ ତୁମ୍ଭକୁ ରକ୍ଷା କରିବୁ ।"* ବର୍ତ୍ତମାନ ପୁନଶ୍ଚ ଆମେ ଏଠାରେ ଦୁଇ ଯୁଗକୁ ଗୋଟିଏ ଅନ୍ୟ ଗୋଟିକ ଉପରେ ବିସ୍ତାରିତ (overlapping) ହୋଇ ରହିଥିବାର (ମାଡ଼ି ଯାଇଥିବାର - ଅନୁ) ଦେଖିଥାଉ; କାରଣ ଏହି ପ୍ରତିଜ୍ଞାକୁ ବିଜାତି ସମୟର ସମାପ୍ତି ସହିତ ସମ୍ପର୍କିତ ହେବାକୁ ଅଛି ଯାହାକି ସେହି ମହାକ୍ଲେଶରେ ଚରମସୀମାରେ ପହଞ୍ଚିବ ।

ପୃଥିବୀନିବାସୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ସମସ୍ତ ଜଗତ ଉପରକୁ ଯେଉଁ ପରୀକ୍ଷାକାଳ ଆସିବ, ସେଥିରୁ ଆସ୍ତେ ତୁମ୍ଭକୁ ରକ୍ଷା କରିବୁ ।" ("I will keep thee from the hour of temptation, which shall come upon all the world, to try them that dwell upon the earth") :

ଏହି ପଦ ଏଥିର ଏକ ଘୋଷଣା ନୁହେଁ ଯେ, ପ୍ରକୃତ ମଣ୍ଡଳୀ ମହାକ୍ଲେଶ ମଧ୍ୟକୁ ତଥା ମଧ୍ୟଦେଇ ଗତି କରିବ । ଏହାର ଅର୍ଥ ଯଦି ତାହା ହୋଇଥା'ନ୍ତା, ତେବେ ଏହା ତାହା ବ୍ୟକ୍ତ କରିଥା'ନ୍ତା । ମାତ୍ର, ଏହା ବ୍ୟକ୍ତ କରେ,*" ଯେଉଁ ପରୀକ୍ଷାକାଳ ଆସିବ, ସେଥିରୁ ଆମ୍ଭେ ତୁମ୍ଭକୁ ରକ୍ଷା କରିବୁ ।"* ଏହି ପରୀକ୍ଷାଟି ଅବିକଳଭାବେ ଏଦନରେ ଘଟିଥିବା ପରୀକ୍ଷା ପରି ହିଁ ଅଟେ । ଏହା ଏକ ଅତ୍ୟନ୍ତ ପ୍ରଲୁବ୍ଧକାରୀ ବିବୃତି ବା ପ୍ରସ୍ତାବ ହେବ, ଯାହାକି ପରମେଶ୍ୱରଙ୍କର ଆଦେଶିତ ବାକ୍ୟ ପ୍ରତି ସିଧାସଳଖ ବିରୋଧାଚରଣ ମଧ୍ୟରେ ପ୍ରଦର୍ଶିତ ହେବ, ଆଉ ତଥାପି ସୁଦ୍ଧା ମାନବୀୟ ଯୁକ୍ତିତର୍କର ଦୃଷ୍ଟିକୋଣରୁ ଏହା ଏତେ ଅତ୍ୟନ୍ତ ଯଥାର୍ଥ, ଏତେ ଜ୍ଞାନଦାୟକ ତଥା ଜୀବନଦାୟକ ହେବ, ଯାହାକି ଜଗତକୁ ପ୍ରତାରିତ କରିପକାଇବ ।

କେବଳ ପ୍ରକୃତ ମନୋନୀତମାନେ ହିଁ ପ୍ରତାରିତ ହେବେ ନାହିଁ । ପ୍ରଲୋଭନ ବା ପରୀକ୍ଷାଟି ନିମ୍ନୋକ୍ତମତେ ଆସିବ । ସେହି ସାର୍ବଜନୀନ ଆନ୍ଦୋଳନଟି ଯାହାକି ଏକ ସୁନ୍ଦର ତଥା ଆଶୀର୍ବାଦଯୁକ୍ତ ନୀତି (ଯଥା ଖ୍ରୀଷ୍ଟଙ୍କର ପ୍ରାର୍ଥନାକୁ ସଫଳ କରୁଥିବା ପରି ଯେପରିକି ଆମେ ସମସ୍ତେ ଏକ ହୋଇପାରୁ) ସଦୃଶ ବୋଧ ହେଉଥିବା ବିଷୟ ଉପରେ ଆରମ୍ଭ ହୋଇଥିଲା, ତାହା ରାଜନୈତିକଭାବେ ଏତେ ସୁଦୃଢ଼ ହୋଇଉଠେ ଯେ, ତାହା ଶାସନତନ୍ତ୍ର ଉପରେ ଚାପ ପକାଏ ଯଦ୍ୱାରା ହୁଏତ ପ୍ରତ୍ୟକ୍ଷରୂପେ ଅବା ଆଇନ୍ ମଧ୍ୟରେ ବ୍ୟବସ୍ଥିତ ହୋଇଥିବା ନୀତିଗୁଡ଼ିକ ପ୍ରତି ଥିବା ଦୃଢ଼ ଅନୁରକ୍ତି ସାହାଯ୍ୟରେ ସମସ୍ତଙ୍କୁ ନିଜ ସହିତ ସଂଯୁକ୍ତ ହେବାକୁ ପ୍ରବର୍ତ୍ତାଇଥାଏ, ଯେପରିକି କୌଣସି ଜନତା ଏହି ପରିଷଦର ପ୍ରତ୍ୟକ୍ଷ ଅବା ପରୋକ୍ଷ ଶାସନର ଅଧୀନସ୍ଥ ନ ହେଲେ ବାସ୍ତବ ମଣ୍ଡଳୀରୂପେ ସ୍ୱୀକୃତ ହେବେ ନାହିଁ । କ୍ଷୁଦ୍ର ଦଳସବୁ ବିଭିନ୍ନ ଅଧିକାର-ପତ୍ର, ବିଭିନ୍ନ ବିଶେଷ ସୁବିଧା, ପ୍ରଭୃତିକୁ ହରାଇ ବସିବେ, ଆଉ ଧିରେ ଧିରେ ସେମାନେ ସମସ୍ତ ସମ୍ପତ୍ତି ତଥା ଲୋକମାନଙ୍କ ସହିତ ବ୍ୟବହାର ହେତୁ ଆତ୍ମିକ ଅଧିକାରସବୁ ହରାଇବେ ।

ଉଦାହରଣସ୍ୱରୂପେ, ବର୍ତ୍ତମାନ ସୁଦ୍ଧା ଅନେକ ନଗରୀସବୁରେ, ଯଦିଓ ଅଧିକାଂଶ ନଗରୀଗୁଡ଼ିକରେ ନୁହେଁ, ଯେପର୍ଯ୍ୟନ୍ତ ସ୍ଥାନୀୟ ସେବକ ସଂଘ ଅନୁମୋଦନ ନ କରନ୍ତି, ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଧର୍ମଗତ ସେବାକାର୍ଯ୍ୟସମୂହ ନିମନ୍ତେ ଗୃହ ଭଡ଼ା ନେଇପାରିବେ ନାହିଁ । ସେନାବାହିନୀ, ଚିକିତ୍ସାଳୟ, ଇତ୍ୟାଦିଗୁଡ଼ିକରେ ଯାଜକ ହେବା ପାଇଁ ତ୍ରିତ୍ୱବାଦୀ ସାର୍ବଜନୀନ ଦଳସମୂହ ପ୍ରତି ଗ୍ରହଣଯୋଗ୍ୟ ବୋଲି ସ୍ୱୀକୃତି ପ୍ରାପ୍ତ ହେବା ନିମନ୍ତେ ଏହା ବର୍ତ୍ତମାନ ପ୍ରାୟତଃ ବାଧ୍ୟତାମୂଳକ ଅଟେ । ଏହି ଚାପ ବୃଦ୍ଧି ପାଉଥିଲା ବେଳେ, ଆଉ ଏହା ବୃଦ୍ଧି ପାଇବ, ଏହାକୁ ପ୍ରତିରୋଧ କରିବା ଅଧିକ କଷ୍ଟକର ହେବ, କାରଣ ପ୍ରତିରୋଧ କରିବା ଅର୍ଥ ହେଉଛି ବିଶେଷ ସୁବିଧାମାନ ହରାଇବା । ପୁଣି, ଖୁବ୍ ଅଧିକ ଲୋକମାନେ ଏହା ସହିତ ଆଗେଇ ଯିବା ପାଇଁ ପ୍ରଲୋଭିତ ହେବେ, କାରଣ ସେମାନେ ସର୍ବସାଧାରଣରେ ପରମେଶ୍ୱରଙ୍କର ସେବା ଆଦୌ ନ କରିବା ଅପେକ୍ଷା ଏହି ସଂଗଠନର ଢ଼ାଞ୍ଚା ମଧ୍ୟରେ ରହି ସର୍ବସାଧାରଣରେ ପରମେଶ୍ୱରଙ୍କର ସେବା କରିବାଟା ଅଧିକ ଉତ୍ତମ ବୋଲି ମନେ କରିବେ । ତେବେ, ସେମାନେ ଏହିଠାରେ ହିଁ ଭୁଲ୍ କରନ୍ତି । ପାପାତ୍ମାର ମିଥ୍ୟାକୁ ବିଶ୍ୱାସ କରିବାର ଅର୍ଥ ଶୟତାନର ସେବା କରିବା ଅଟେ, ଏପରିକି ଆପଣ ତା'କୁ ଯିହୋବା ବୋଲି ସମ୍ବୋଧନ କରିବାକୁ ଚାହିଁ ପାରନ୍ତି । ତେବେ, ମନୋନୀତମାନେ ପ୍ରତାରିତ ହେବେ ନାହିଁ ।

ଅଧିକନ୍ତୁ, ମନୋନୀତମାନେ କେବଳ ରକ୍ଷା କରାଯିବେ ନାହିଁ, ମାତ୍ର ଯେତେବେଳେ ଏହି ଆନ୍ଦୋଳନଟି **"ପଶୁ ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ପ୍ରତିମୂର୍ତ୍ତୀ"**ରେ ପରିଣତ ହୁଏ, ସେତେବେଳେ ସାଧୁଗଣ ଉର୍ଦ୍ଧାନ୍ତିକରଣରେ ଉର୍ଦ୍ଧ୍ୱକୁ ନୀତ ହୋଇସାରିଥିବେ । ଆଉ, ଏହି କ୍ଷୁଦ୍ର ଆନନ୍ଦଦାୟକ, ଚିତ୍ତାକର୍ଷକ ଆନ୍ଦୋଳନଟି ଯାହାକି ଏଫିସସ୍ଥିତ ସହଭାଗିତାରେ ଆରମ୍ଭ ହୋଇଥିଲା,ତାହା ଶୟତାନର ସେହି ଦାନବରେ (ସେହି ଭୀଷଣ ଅତ୍ୟାଚାରୀ ଲୋକରେ) ପରିଣତ ହେବ ଯାହାକି ସମଗ୍ର ଜଗତକୁ କଳୁଷିତ ଓ ପ୍ରତାରିତ କରିଥାଏ । କାରଣ ରୋମାନ୍ କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟର ସେହି ମଣ୍ଡଳୀ ବ୍ୟବସ୍ଥା ଏକତ୍ରୀକରଣରେ ବିଶ୍ୱ ବ୍ୟବସ୍ଥାର ସମୁଦାୟ ସମ୍ପଦକୁ ନିୟନ୍ତ୍ରଣ କରିବ ଓ ସମଗ୍ର ଜଗତର ଜୀବିକାର୍ଜନ ନିମନ୍ତେ ଉଦ୍ଦିଷ୍ଟ ଥିବା କ୍ରୟବିକ୍ରୟର ବିଶେଷାଧିକାରକୁ ନିଷେଧ କରିବା

ଦ୍ୱାରା ସମଗ୍ର ଜଗତକୁ ତାହାର ଧାର୍ମିକ ଫାନ୍ଦ ମଧ୍ୟକୁ ଯିବା ପାଇଁ ବାଧ୍ୟ କରିବ ଅଥବା ସେମାନଙ୍କୁ ବଧ କରିବ । ଏହା ସରଳରୂପେ ସାଧିତ ହେବ, କାରଣ ବେଶ୍ୟାର କନ୍ୟାମାନେ ପ୍ରାୟତଃ ସମସ୍ତେ ତା' ନିକଟକୁ ଫେରିଯାଇଛନ୍ତି । ଇତି ମଧ୍ୟରେ, ରୋମ୍ ପ୍ରାୟତଃ ସମସ୍ତ ସ୍ୱର୍ଣ୍ଣ ଭଣ୍ଡାର ଲାଭ କରିସାରିଛି । ଯିହୂଦୀମାନଙ୍କ ନିକଟରେ ଚୁକ୍ତିପତ୍ର ଓ ସମସ୍ତ ନଥିପତ୍ର ରହିଛି । ଠିକ୍ ସମୟରେ, ବେଶ୍ୟା ସେହି ସମସ୍ତ ନଥିପତ୍ରକୁ ସମାପ୍ତ କରିବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣ ଦାବୀ କରିବା ଦ୍ୱାରା ବର୍ତ୍ତମାନ ସମୟର ପ୍ରଚଳିତ ଅର୍ଥ ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିପକାଇବ । ସ୍ୱର୍ଣ୍ଣ ନ ରହିବା ହେତୁରୁ ଅର୍ଥ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବ । ଯିହୂଦୀମାନେ ଫାନ୍ଦରେ ପଡ଼ିବେ ଓ ସନ୍ଧି ସ୍ଥାପନ କରିବେ, ଆଉ ସେହି ବେଶ୍ୟା ମଣ୍ଡଳୀ ସମୁଦାୟ ଜଗତକୁ ଦଖଲ କରିନେବ ।

ତାହାଙ୍କର ଆପଣାର ଲୋକମାନଙ୍କ ପ୍ରତି ପ୍ରତିଜ୍ଞା (The Promise To His Own)

ପ୍ରକାଶିତ ବାକ୍ୟ 3: 11-12,

"ଆମ୍ଭେ ଶୀଘ୍ର ଆସୁଅଛୁ; ତୁମ୍ଭର ମୁକୁଟକୁ ଯେପରି କେହି ହରଣ କରି ନ ନିଏ, ଏଥିନିମନ୍ତେ ତୁମ୍ଭର ଯାହା ଅଛି, ତାହା ଦୃଢ଼ରୂପେ ଧରି ରଖ ।

ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ପରମେଶ୍ୱରଙ୍କର ମନ୍ଦିରର ସ୍ତମ୍ଭରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବ ନାହିଁ, ଆମ୍ଭେ ଆମ୍ଭର ପରମେଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କଠାରୁ ଆଗତ ଯେଉଁ ନୂତନ ଯିରୁଶାଲମ, ଆମ୍ଭର ପରମେଶ୍ୱରଙ୍କ ସେହି ନଗରୀର ନାମ, ପୁଣି ଆମ୍ଭ ନିଜର ନୂତନ ନାମ ତାହା ଉପରେ ଲେଖୁବୁ ।"

ସେ 'ଶୀଘ୍ର ଆସୁଅଛନ୍ତି' ବୋଲି କହିଥିବା ଏହି ଚିନ୍ତାଧାରା ଉପରେ ଆମକୁ ଟିପ୍ପଣୀ କରିବା ଆବଶ୍ୟକ ନୁହେଁ। ଆମେ ଜାଣୁ ଯେ, ସେ ଆସୁଅଛନ୍ତି, କାରଣ ଆମେ ଅନ୍ତିମ ଦିନଗୁଡ଼ିକର ଶେଷଭାଗରେ ରହିଛୁ, କ'ଣ ଆମେ ରହୁ ନାହୁଁ କି ? ମାତ୍ର ସେ କହିବାକୁ ଯା'ନ୍ତି, "ତୁମ୍ଭର ମୁକୁଟକୁ ଯେପରି କେହି ହରଣ କରି ନ ନିଏ, ଏଥିନିମନ୍ତେ ତୁମ୍ଭର ଯାହା ଅଛି, ତାହା ଦୃଢ଼ରୂପେ ଧରି ରଖ ।"

ଏହା ତ ସେହି 'ମହାକ୍ଲେଶ'ର ଏକ ସମୟ ମଧ୍ୟରେ ଅଟେ ଯେ ଯୀଶୁ ଆଗମନ କରିବେ । ଆଉ, ତାହାଙ୍କର ଆଗମନ ସହିତରେ ଏକ ପୁନରୁତଥାନ ହୋଇଥାଏ । ଅନେକଙ୍କୁ ଧୂଳିରୁ ବାହାର ହେବାକୁ ଅଛି ଓ ସେହିମାନଙ୍କ ସହିତ ଉଠିବାକୁ ଅଛି ଯେଉଁମାନେକି ଜୀବିତ ଅଟନ୍ତି ମାତ୍ର ତାହାଙ୍କର ପ୍ରତ୍ୟାବର୍ତ୍ତନ (ପୁନଃଆଗମନ) ନିମନ୍ତେ ଅପେକ୍ଷାରତ ଅଛନ୍ତି । ଆଉ, ଏହିମାନଙ୍କୁ ମୁକୁଟ ପ୍ରଦାନ କରାଯିବ । କାହିଁକି ? କାରଣ ସେମାନେ ପରମେଶ୍ୱରଙ୍କର ପୁତ୍ର ଅଟନ୍ତି । ତାହାଙ୍କର ସହିତ ସେମାନେ ମଧ୍ୟ ରାଜା ଅଟନ୍ତି । ସେମାନେ ତାହାଙ୍କର ସହିତ ରାଜତ୍ୱ କରୁଅଛନ୍ତି । ମୁକୁଟ ତାହା ହିଁ ତ ସୂଚିତ କରିଥାଏ - ସ୍ୱୟଂ ସେହି ସୁମହାନ୍ ରାଜାଙ୍କର ସହିତ ରାଜତ୍ୱ ଓ ଶାସନ କରିବା । ଏଇ ଧରାପୃଷ୍ଠରେ ତାହାଙ୍କର ସହିତ କ୍ଲେଶଭୋଗ କରୁଥିବା ସମସ୍ତଙ୍କ ପ୍ରତି ତାହା ହିଁ ପ୍ରତିଜ୍ଞା ଅଟେ - ସେହି ସମସ୍ତେ, ଯେଉଁମାନେ ଏହା ଜାଣି ଧୈର୍ଯ୍ୟ ସହକାରେ ସହ୍ୟ କରିଛନ୍ତି ଯେ, ପରମେଶ୍ୱର, ଅର୍ଥାତ୍ ସେହି ନ୍ୟାୟବାନ୍ ବିଚାରକର୍ତ୍ତା, ସେମାନଙ୍କୁ ପୁରସ୍କୃତ କରିବେ । ତାହାଙ୍କର ନିମନ୍ତେ ସବୁକିଛି ପରିତ୍ୟାଗ କରିଥିବା ଏବଂ ତାହାଙ୍କର ନିକଟରେ ସମସ୍ତ ବିଷୟ ସମର୍ପଣ କରିଥିବା ସେମାନେ ସମସ୍ତେ ତାହାଙ୍କର ସିଂହାସନରେ ବସିବେ ଏବଂ ତାହାଙ୍କର ଗୌରବମୟ ରାଜ୍ୟରେ ଅଂଶ ଗ୍ରହଣ କରିବେ ।

ଓଃ, ଏହି ସମୟରେ ଆମ ସମସ୍ତଙ୍କ ପାଇଁ ଆମ ପାଖରେ ଏକ ବାକ୍ୟ ରହିଛି । ଏହା ହେଉଛି, ଦୃଢ଼କରି ଧରି ରଖିବା - ଅର୍ଥାତ୍ ନିରନ୍ତର ଲାଗି ରହିଥିବା । କ୍ଷାନ୍ତ ହୁଅନ୍ତୁ ନାହିଁ । ପରମେଶ୍ୱରଙ୍କର ସମସ୍ତ ସଜ୍ଜାରେ ସୁସଜ୍ଜିତ ହୁଅନ୍ତୁ - ସେ ଆମକୁ ପ୍ରଦାନ କରିଥିବା ପ୍ରତ୍ୟେକ ଅସ୍ତ୍ର ବ୍ୟବହାର କରନ୍ତୁ - ଆମ କର୍ତ୍ତୃତ୍ୱାଧୀନରେ ଥିବା ପ୍ରତ୍ୟେକ ଦାନକୁ ବ୍ୟବହାର କରନ୍ତୁ ଓ ଆନନ୍ଦ ସହକାରେ ଆଗକୁ ଅନାଇ ରହନ୍ତୁ, କାରଣ ଆମେ ତାହାଙ୍କର ଦ୍ୱାରା ମୁକୁଟଭୂଷିତ ହେବାକୁ ଯାଉଅଛୁ, ଯେକି ରାଜାମାନଙ୍କ ରାଜା ଏବଂ ପ୍ରଭୁମାନଙ୍କ ପ୍ରଭୁ ଅଟନ୍ତି ।

ତେବେ, ସେ କେବଳ ମୁକୁଟଗୁଡ଼ିକ ହିଁ ଦାନ କରୁନାହାନ୍ତି, ମାତ୍ର ସେ କହନ୍ତି ଯେ, କନ୍ୟା ମଧ୍ୟରେ ଥିବା ଏହି ଲୋକମାନେ ପରମେଶ୍ୱରଙ୍କର ମନ୍ଦିରରେ ସ୍ତମ୍ଭସ୍ୱରୂପ କରାଯିବେ । ତେବେ, ପରମେଶ୍ୱରଙ୍କର ମନ୍ଦିର କଅଣ ଅଟେ ? ଯୀଶୁ ଆପଣାର ଶରୀରକୁ ହିଁ ମନ୍ଦିର ବୋଲି କହିଲେ । ତାହା ମନ୍ଦିର ଥିଲା । ତାହା ପରମେଶ୍ୱରଙ୍କର ମନ୍ଦିର ଥିଲା । ତେବେ, ବର୍ତ୍ତମାନ ଆମେ ଯେ ତାହାଙ୍କର ଶରୀର ଅଟୁ,ଏଣୁ ସେହି ପ୍ରକୃତ ମଣ୍ଡଳୀଟି ଆମ ଭିତରେ ଥିବା ପବିତ୍ର ଆତ୍ମାଙ୍କ ଦ୍ୱାରା ପରମେଶ୍ୱରଙ୍କର ମନ୍ଦିର ଅଟେ । ତେବେ, ସେ ଜୟଲାଭ କରିଥିବା ବ୍ୟକ୍ତିଙ୍କୁ ସେହି ମନ୍ଦିରରେ ଏକ ସ୍ତମ୍ଭସ୍ୱରୂପ କରିବାକୁ ଯାଉଅଛନ୍ତି । ତେବେ, ସ୍ତମ୍ଭଟି କ'ଣ ଅଟେ ? ଏକ ସ୍ତମ୍ଭ ପ୍ରକୃତରେ ଭିତ୍ତିମୂଳର ଏକ ଅଂଶ ଅଟେ, କାରଣ ଏହା ଭିତ୍ତିମୂଳ ଉପରେ ନିର୍ମିତ ହୋଇଥିବା ବୃହତନିର୍ମାଣକୁ ଧରିରଖିଥାଏ । ପରମେଶ୍ୱରଙ୍କର ପ୍ରଶଂସା ହେଉ ଯେ, ତାହା ଜଣେ ବିଜୟୀ ବ୍ୟକ୍ତିଙ୍କୁ ଠିକ୍ ପ୍ରେରିତ ଓ ଭାବବାଦୀମାନଙ୍କ ସହିତ ସ୍ଥାପନ କରିଥାଏ, କାରଣ

ଏଫିସୀୟ 2: 19-22 ରେ ଏହା ଏପରି ଉଲ୍ଲେଖ କରେ,

"ଅତଏବ, ତୁମ୍ଭେମାନେ ଆଉ ବିଦେଶୀ ବା ପ୍ରବାସୀ ନୁହଁ, କିନ୍ତୁ ସାଧୁମାନଙ୍କ ସହିତ ସହନାଗରିକ ଓ ପରମେଶ୍ୱରଙ୍କ ପରିବାରଭୁକ୍ତ ଅଟ;

ତୁମ୍ଭେମାନେ ପ୍ରେରିତ ଓ ଭାବବାଦୀମାନଙ୍କର ଭିତ୍ତିମୂଳ ଉପରେ ନିର୍ମିତ ହୋଇଅଛ, ଖ୍ରୀଷ୍ଟ ଯୀଶୁ ସ୍ୱୟଂ ସେଥିର କୋଣର ପ୍ରଧାନ ପ୍ରସ୍ତର;

ତାହାଙ୍କଠାରେ ପ୍ରତ୍ୟେକ ଗୃହ ଏକତ୍ର ସଂଲଗ୍ନ ହୋଇ ପ୍ରଭୁଙ୍କଠାରେ ଗୋଟିଏ ପବିତ୍ର ମନ୍ଦିରରୂପେ ବୃଦ୍ଧି ପାଉଅଛି; ତାହାଙ୍କଠାରେ ତୁମ୍ଭେମାନେ ମଧ୍ୟ ପରମେଶ୍ୱରଙ୍କ ଆତ୍ମିକ ନିବାସ ନିମନ୍ତେ ଏକତ୍ର ନିର୍ମିତ ହେଉଅଛ ।"

ହଁ, ଏହି 22 ପଦଟି ପ୍ରକାଶ କରେ ଯେ, ଆମେ ସେମାନଙ୍କ ସହିତ ଏକତ୍ର ନିର୍ମିତ ହେଉଅଛୁ । ପ୍ରତ୍ୟେକ ବିଷୟ ସେହି **ଦ୍ୱାରା** (ଯୀଶୁ) ମଧ୍ୟଦେଇ ଗମନ କଲା ଏବଂ ସେହି ଶରୀର ଅବା ମନ୍ଦିରର ଏକ ଅଂଶବିଶେଷ ଅଟେ । ତେବେ, ପରମେଶ୍ୱର ଜଣେ ବ୍ୟକ୍ତିକୁ ଗୋଟିଏ ସ୍ତମ୍ଭସ୍ୱରୂପେ ମନ୍ଦିରରେ ସ୍ଥାପନ କରି ତାକୁ ସେହି ଭିତ୍ତିମୂଳ ଦଳର ଏକ ଅଂଶବିଶେଷ କରିବାବେଳେ ସେ କଅଣ କରୁଥାଆନ୍ତି ? ସେ ତାକୁ ବାକ୍ୟ ସଙ୍ଗେ ସଙ୍ଗେ ସ୍ୱୟଂ ଆପଣାର ପ୍ରକାଶନ ପ୍ରଦାନ କରୁଥାଆନ୍ତି, କାରଣ ଠିକ୍ ଏହା ହିଁ ଅଟେ ଯାହାକି ପ୍ରେରିତ ଓ ଭାବବାଦୀମାନେ ପ୍ରାପ୍ତ ହୋଇଥିଲେ । ମାଥିଉ 16: 17 । ସେଠାରେ ସେହି ବାକ୍ୟ ମଧ୍ୟରେ ସେ ହିଁ ଥା'ନ୍ତି । ସେହିଠାରେ ହିଁ ସେ ବିଦ୍ୟମାନ ଅଟନ୍ତି । ତାହାଙ୍କୁ ସେଠାରୁ କେହି ବାହାର କରିପାରିବେ ନାହିଁ ।

ସେହି "ଜୟ କରେ" ଶବ୍ଦକୁ ଆଶ୍ଚର୍ଯ୍ୟ ସହକାରେ ଧ୍ୟାନ କରନ୍ତୁ । ଯୋହନ ପ୍ରଶ୍ନ ପଚାରନ୍ତି," ଯେ ଜୟ କରେ, ସେ କିଏ ?" ଆଉ ଅବିଳମ୍ବେ ଉତ୍ତର ମିଳିଥାଏ," ଯୀଶୁ ହିଁ ଖ୍ରୀଷ୍ଟ ଅଟନ୍ତି ବୋଲି ଯେ ବିଶ୍ୱାସ କରେ, ସିଏ ।" ସେ ତ କହନ୍ତି ନାହିଁ ଯେ, ବିଜୟୀ ଜଣକ ସିଏ, ଯିଏ "ଜଣେ" ଯୀଶୁ ଏବଂ "ଜଣେ" ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ମାତ୍ର ଯୀଶୁ **ହିଁ ସେହି ଖ୍ରୀଷ୍ଟ ଅଟନ୍ତି** - ଅର୍ଥାତ୍ **ଏକ** ବ୍ୟକ୍ତି - ଦୁଇଜଣ ନୁହନ୍ତି ବୋଲି ଯିଏ ବିଶ୍ୱାସ କରେ, ସିଏ । ସେ ହିଁ ସେହି ଜଣକ, ଯିଏ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ଡୁବିତ ହୋଇଛନ୍ତି ।

ପରମେଶ୍ୱର ଏଠାରେ ସେହି କନ୍ୟା ବିଷୟରେ କହୁଅଛନ୍ତି । କ'ଣ ଆପଣ କନ୍ୟାର ଆଉ ଏକ ଚିତ୍ର ବା ଆଦର୍ଶ ଦେଖିବାକୁ ଚାହାନ୍ତି କି ?

ଏହା ପ୍ରକାଶିତ ବାକ୍ୟ 7:4-17 ରେ ଉଲ୍ଲେଖ କରାଯାଇଅଛି,

"ତତ୍ପରେ ମୁଦ୍ରାଙ୍କିତ ଲୋକମାନଙ୍କର ସଂଖ୍ୟା ମୁଁ ଶୁଣିଲି, ଇସ୍ରାଏଲ ସନ୍ତାନମାନଙ୍କ ସମସ୍ତ ବଂଶ ମଧ୍ୟରୁ ଏକ ଲକ୍ଷ ଚଉରାଳିଶ ସହସ୍ର ଲୋକ ମୁଦ୍ରାଙ୍କିତ ହେଲେ ।

ଯିହୂଦା ବଂଶରୁ ଦ୍ୱାଦଶ ସହସ୍ର, ରୂବେନ ବଂଶରୁ ଦ୍ୱାଦଶ ସହସ୍ର, ଗାଦ ବଂଶରୁ ଦ୍ୱାଦଶ ସହସ୍ର ।

ଆଶେର ବଂଶରୁ ଦ୍ୱାଦଶ ସହସ୍ର, ନଫତାଲୀ ବଂଶରୁ ଦ୍ୱାଦଶ ସହସ୍ର, ମନଃଶି ବଂଶରୁ ଦ୍ୱାଦଶ ସହସ୍ର ।

ଶିମିୟୋନ ବଂଶରୁ ଦ୍ୱାଦଶ ସହସ୍ର, ଲେବୀ ବଂଶରୁ ଦ୍ୱାଦଶ ସହସ୍ର, ଇଷାଖର ବଂଶରୁ ଦ୍ୱାଦଶ ସହସ୍ର ।

ସବୁଲୂନ ବଂଶରୁ ଦ୍ୱାଦଶ ସହସ୍ର, ଯୋଷେଫ ବଂଶରୁ ଦ୍ୱାଦଶ ସହସ୍ର, ବିନ୍ୟାମୀନ ବଂଶରୁ ଦ୍ୱାଦଶ ସହସ୍ର ।

ଏହାପରେ ମୁଁ ଦୃଷ୍ଟିପାତ କଲି, ଆଉ ଦେଖ, ସର୍ବଜାତୀୟ, ସର୍ବଗୋଷ୍ଠୀୟ, ସର୍ବବଂଶୀୟ ଓ ସର୍ବଭାଷାବାଦୀ ଅଗଣ୍ୟ ଏକ ମହା ଜନତା ଶୁକ୍ଳ ବସ୍ତ୍ର ପରିହିତ ହୋଇ ଓ ଖଜୁରିବାହୁଙ୍ଗା ହସ୍ତରେ ଧରି ସିଂହାସନ ଓ ମେଷଶାବକଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଅଛନ୍ତି,

ସେମାନେ ଉଚ୍ଚ ସ୍ୱରରେ କହୁଅଛନ୍ତି, ପରିତ୍ରାଣ ସିଂହାସନୋପବିଷ୍ଟ ଆମ୍ଭମାନଙ୍କ ପରମେଶ୍ୱରଙ୍କର ଓ ମେଷଶାବକଙ୍କର କାର୍ଯ୍ୟ ।

ପୁଣି, ସମସ୍ତ ଦୂତ ସିଂହାସନ, ପ୍ରାଚୀନବର୍ଗ ଓ ଚାରି ପ୍ରାଣୀଙ୍କ ଚତୁର୍ଦ୍ଦିଗରେ ଉଭା ହୋଇଅଛନ୍ତି, ଆଉ ସିଂହାସନ ସମ୍ମୁଖରେ ଉବୁଡ଼ ହୋଇପଡ଼ି ପରମେଶ୍ୱରଙ୍କୁ ପ୍ରମାଣ କରି କହୁଅଛନ୍ତି,

ଆମେନ୍; ପ୍ରଶଂସା, ଗୌରବ, ଜ୍ଞାନ, ଧନ୍ୟବାଦ, ସମ୍ଭ୍ରମ, ପରାକ୍ରମ ଓ ଶକ୍ତି ଯୁଗେ ଯୁଗେ ଆମ୍ଭମାନଙ୍କ ପରମେଶ୍ୱରଙ୍କର; ଆମେନ୍ ।

ପୁଣି, ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ ମୋତେ ପଚାରିଲେ, ଶୁକ୍ଳ ବସ୍ତ୍ର ପରିହିତ ଏହି ଲୋକମାନେ କିଏ ଓ ସେମାନେ କେଉଁଠାରୁ ଆସିଅଛନ୍ତି ?

ମୁଁ ତାହାଙ୍କୁ କହିଲି, ହେ, ମୋହର ପ୍ରଭୁ, ଆପଣ ହିଁ ତାହା ଜାଣନ୍ତି । ସେଥିରେ ସେ ମୋତେ କହିଲେ, ଏମାନେ ମହାକ୍ଲେଶରୁ ବାହାରି ଆସିଅଛନ୍ତି ଓ ମେଷଶାବକଙ୍କ ରକ୍ତରେ ଆପଣା ଆପଣା ବସ୍ତ୍ର ଧୋଇ ଶୁକ୍ଳବର୍ଣ୍ଣ କରିଅଛନ୍ତି ।

ସେଥିପାଇଁ ସେମାନେ ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ଥାଇ ଦିବାରାତ୍ର ତାହାଙ୍କର ମନ୍ଦିରରେ ତାହାଙ୍କର ଉପାସନା କରନ୍ତି, ପୁଣି ସିଂହାସନୋପବିଷ୍ଟ ବ୍ୟକ୍ତି ସେମାନଙ୍କର ଆଶ୍ରୟସ୍ୱରୂପ ହେବେ ।

ସେମାନଙ୍କର ଆଉ କେବେହେଁ କ୍ଷୁଧା କି ତୃଷା ହେବ ନାହିଁ ପୁଣି ସୂର୍ଯ୍ୟ କିଅବା କୌଣସି ଉତ୍ତାପ ସେମାନଙ୍କୁ ଆଘାତ କରିବ ନାହିଁ,

କାରଣ ସିଂହାସନ ମଧ୍ୟସ୍ଥିତ ମେଷଶାବକ ସେମାନଙ୍କର ପାଳକ ହେବେ ଓ ଜୀବନଦାୟକ ନିର୍ଝର ନିକଟକୁ ସେମାନଙ୍କୁ କଢ଼ାଇନେବେ, ପୁଣି ପରମେଶ୍ୱର ସେମାନଙ୍କ ଚକ୍ଷୁରୁ ସମସ୍ତ ଲୋତକ ପୋଛିଦେବେ ।"

ଯୀଶୁ ଆସିଅଛନ୍ତି । ସେ 1,44,000 ଙ୍କୁ ମୁଦ୍ରାଙ୍କିତ କରିଅଛନ୍ତି । ସେ ପ୍ରତ୍ୟେକ ବଂଶରୁ 12,000 ଙ୍କୁ ନେଇଅଛନ୍ତି । ତେବେ, ଅନ୍ୟ ଏକ ଦଳ ଅଛନ୍ତି, ଯେଉଁମାନେ ଏହି 144,000 ଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି, ଯେଉଁମାନଙ୍କ ବିଷୟରେ 9-14 (ବୋଧହୁଏ ଏହା ପ୍ରକାଶିତ 21:9-14 ପଦ ବିଷୟରେ ଉଲ୍ଲିଖିତ - ଅନୁ) ପଦରେ ଉଲ୍ଲେଖ କରାଯାଇଛି । ସେମାନେ କିଏ ଅଟନ୍ତି ? ଏମାନେ ବିଜାତିମାନଙ୍କ ମଧ୍ୟରୁ ନିଆଯାଇ କନ୍ୟା ମଧ୍ୟରେ ଅଛନ୍ତି । ସେମାନେ ଦିବାରାତ୍ର

ତାହାଙ୍କର ସିଂହାସନ ସମ୍ମୁଖରେ ଅଛନ୍ତି । ସେମାନେ ମନ୍ଦିର ମଧ୍ୟରେ ତାହାଙ୍କର ସେବା କରନ୍ତି । ସେମାନେ ପ୍ରଭୁଙ୍କର ବିଶେଷ ତତ୍ତ୍ୱାବଧାନର ପାତ୍ର ଅଟନ୍ତି । ସେମାନେ ତାହାଙ୍କର କନ୍ୟା ଅଟନ୍ତି ।

ବର ଯେଉଁଠାକୁ ଯାଆନ୍ତି, କନ୍ୟା ମଧ୍ୟ ସେଠାକୁ ଯାଇଥାନ୍ତି । କନ୍ୟା କଦାପି ବରଙ୍କ ଦ୍ୱାରା ପରିତ୍ୟକ୍ତ ହେବେ ନାହିଁ । ସେ ଆଦୌ ବରଙ୍କ ପାର୍ଶ୍ୱ ଛାଡ଼ି ଚାଲିଯିବେ ନାହିଁ । ସେ ବରଙ୍କ ସହିତ ସିଂହାସନରେ ଅଂଶୀ ହେବେ । ବରଙ୍କର ଗୌରବ ଓ ମହିମାରେ କନ୍ୟା ମଧ୍ୟ ବିଭୂଷିତା ହେବେ ।

'ଆମ୍ଭେ ଆମ୍ଭର ପରମେଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କଠାରୁ ଆଗତ . .. ଆମ୍ଭର ପରମେଶ୍ୱରଙ୍କ ସେହି ନଗରୀର ନାମ ... ତାହା ଉପରେ ଲେଖିବୁ (“And I will write upon him the Name of My God, and the name of the city of My God”) :

ଆଉ, ପରମେଶ୍ୱରଙ୍କର ନାମ କଅଣ ଅଟେ ? ତେବେ, ସେ ଆମ୍ଭମାନଙ୍କ ସହିତ ପରମେଶ୍ୱର, ଅବା ଇମ୍ମାନୁୟେଲ ଥିଲେ, ମାତ୍ର ତାହା ତାହାଙ୍କୁ ଦିଆଯାଇଥିବା ନାମ ନ ଥିଲା । “ତୁମ୍ଭେ ତାହାଙ୍କର ନାମ ଯୀଶୁ ଦେବ ।” ଯୀଶୁ କହିଲେ, “ମୁଁ ମୋହର ପିତାଙ୍କର ନାମରେ ଆସିଲି, ଆଉ ତୁମ୍ଭେମାନେ ମୋତେ ଗ୍ରହଣ କଲ ନାହିଁ ।” ସେଥିସକାଶେ ପରମେଶ୍ୱରଙ୍କର ନାମ **ଯୀଶୁ** ଅଟେ, କାରଣ ସେହି ନାମରେ ହିଁ ସେ ଆଗମନ କଲେ । ସେ **ପ୍ରଭୁ ଯୀଶୁ ଖ୍ରୀଷ୍ଟ** ଅଟନ୍ତି । ଆଉ, ଜଣେ ସ୍ତ୍ରୀ ଏକ ପୁରୁଷଙ୍କୁ ବିବାହ କରିବା ପରେ କେଉଁ ନାମ ବହନ କରନ୍ତି ? ସେ ସ୍ତ୍ରୀ ଜଣକ ସେହି ପୁରୁଷଙ୍କ ନାମ ବହନ କରନ୍ତି । ଯୀଶୁ କନ୍ୟାକୁ ଆପଣାର ନିକଟକୁ ନେବା ପରେ ଏହା ତାହାଙ୍କର ହିଁ ନାମ ହେବ ଯାହା କନ୍ୟାକୁ ପ୍ରଦତ୍ତ ହେବ ।

ପ୍ରକାଶିତ ବାକ୍ୟ 21: 1-4,

“ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ପୃଥିବୀ ଲୋପ ପାଇଥିଲା, ପୁଣି ସମୁଦ୍ର ଆଉ ନ ଥିଲା ।

ପୁଣି ମୁଁ ପବିତ୍ର ନଗରୀ, ଅର୍ଥାତ୍ ନୂତନ ଯିରୁଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ ପ୍ରସ୍ତୁତା ହୋଇ ସ୍ୱର୍ଗରୁ ପରମେଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି ।

ଆଉ, ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହା ଶବ୍ଦ ଏହା କହିବାର ଶୁଣିଲି, ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ପରମେଶ୍ୱରଙ୍କ ବାସସ୍ଥାନ ଅଛି, (ପୁଣି) ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ, ପୁଣି ପରମେଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କର ପରମେଶ୍ୱର ହେବେ ।

ପୁଣି ପରମେଶ୍ୱର ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ; ମୃତ୍ୟୁ ଆଉ ଘଟିବ ନାହିଁ, ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ, କାରଣ ପୂର୍ବ ବିଷୟସବୁ ଲୋପ ପାଇଅଛି ।“

କେଡ଼େ ଅଦ୍ଭୁତ । ପରମେଶ୍ୱରଙ୍କର ସକଳ ଆଶ୍ଚର୍ଯ୍ୟଜନକ ପ୍ରତିଜ୍ଞାସମୂହ ସଫଳ ହୋଇଅଛି । ଏହା ସବୁକିଛି ଶେଷ ହୋଇଯିବ । ପରିବର୍ତ୍ତନ ସମ୍ପୂର୍ଣ୍ଣ ହୋଇଯାଇଥିବ । ମେଷଶାବକ ଏବଂ ତାହାଙ୍କର କନ୍ୟା ପରମେଶ୍ୱରଙ୍କର ସକଳ ସିଦ୍ଧତା ମଧ୍ୟରେ ଚିରକାଳ ନିମନ୍ତେ ସ୍ଥିରୀକୃତ ହୋଇଥିବେ । ଏହାକୁ ବର୍ଣ୍ଣନା କରନ୍ତୁ ? ଏହା କରିବା ପାଇଁ କିଏ ସକ୍ଷମ ? କେହି ନୁହନ୍ତି । ଏ ସମ୍ବନ୍ଧରେ ଚିନ୍ତା କରନ୍ତୁ ? ଏ ବିଷୟରେ କଳ୍ପନା କରନ୍ତୁ ? ଏ ସମ୍ବନ୍ଧରେ ବାକ୍ୟ କଅଣ କହେ, ପାଠ କରନ୍ତୁ ? ହଁ, ଆମେ ସେସମସ୍ତ କିଛି କରିପାରିବା, ତଥାପି ପ୍ରଥମ ପୁନରୁତ୍ଥାନରେ ଏହା ବାସ୍ତବତାରେ ପରିଣତ ନ ହେବା ପର୍ଯ୍ୟନ୍ତ ଆମେ ଏହାର କେବଳ ଏକ ସୂକ୍ଷ୍ମତିସୂକ୍ଷ୍ମ ଅଂଶ ହିଁ ଜାଣିପାରିବା ।

*“ପୁଣି, ଆମ୍ଭ ନିଜର **ନୂତନ** ନାମ ତାହା ଉପରେ ଲେଖିବୁ ।” : (“And I will write my NEW Name upon him”) :*

ମୋହର ନୂତନ ନାମ । **ସମସ୍ତକିଛି** ନୂତନ ହୋଇଯିବା ପରେ, ସେ ଆପଣାର ଉପରେ ଏକ ନୂତନ ନାମ ଗ୍ରହଣ କରିବେ ଏବଂ ସେହି ନାମଟି କନ୍ୟାର ମଧ୍ୟ ନାମ ହେବ । ସେହି ନାମଟି ଯେ କ'ଣ, ତାହା ଅନୁମାନ କରିବାକୁ କେହି ସାହସ କରିବେ ନାହିଁ । ଏହାକୁ ତ ଆତ୍ମାଙ୍କର ଏପରି ଅକାଟ୍ୟରୂପେ ପ୍ରଦତ୍ତ ଏକ ପ୍ରକାଶନ ହୋଇଥିବା ଆବଶ୍ୟକ ଯେ, ତାହା ଅସ୍ୱୀକାର କରିବାକୁ କେହି ସାହସ କରିବେ ନାହିଁ । ତେବେ, ନିଃସନ୍ଦେହତଃ ସେ ସେହି ପ୍ରକାଶନକୁ ସେହି ଦିନ ଉଦ୍ଦେଶ୍ୟରେ ପ୍ରଦାନ କରିବେ, ଯେଉଁ ଦିନକି ସେ ସେହି ନାମ ପ୍ରକାଶ କରିବାକୁ ଇଚ୍ଛା କରିବେ । ତେବେ, ଏହା ଜାଣିବା ହିଁ ଯଥେଷ୍ଟ ଅଟେ ଯେ ଆମେ କଦାଚ କଳ୍ପନା କରିପାରୁଥିବାଠାରୁ ତାହା ଅଧିକ ଆଶ୍ଚର୍ଯ୍ୟଜନକ ହେବ ।

ଏହି ଯୁଗ ପ୍ରତି ଅନ୍ତିମ ଚେତାବନୀ (The Final Admonition To The Age)

ପ୍ରକାଶିତ ବାକ୍ୟ 3: 13,

“ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।”

ପ୍ରତ୍ୟେକ ଯୁଗ ଏହି ସମାନ ଚେତାବନୀ ସହକାରେ ହିଁ ସମାପ୍ତିଲାଭ କରେ । ଏହା ସେହି ନିରନ୍ତର ଅପିଲ ଅଟେ ଯେପରିକି ମଣ୍ଡଳୀଗଣ ପ୍ରଭୁଙ୍କର ରବକୁ

ହିଁ ଶ୍ରବଣ କରନ୍ତୁ । ତେବେ, ଏହି ଯୁଗରେ ଏହି ଅପିଲଟି ପୂର୍ବର ଯୁଗଗୁଡ଼ିକ ଅପେକ୍ଷା ସୁଦ୍ଧା ଅତ୍ୟନ୍ତ ଆଦେଶାତ୍ମକ ଅଟେ, କାରଣ ଏହି ଯୁଗରେ ପ୍ରଭୁଙ୍କର ଆଗମନ ବାସ୍ତବରେ ନିକଟବର୍ତ୍ତୀ ହୋଇଆସୁଅଛି । ତେବେ, ସମ୍ଭବତଃ ଏହି ପ୍ରଶ୍ନ ଉଠିବ, "ଏହି ଯୁଗ ପରେ ଯଦି ଆଉ ଏକ ଯୁଗ ଅଛି, ତାହାହେଲେ ଏତେ ଜରୁରି କାହିଁକି ?" ଉତ୍ତରଟି ଏହିଠାରେ ହିଁ ନିହିତ ଅଟେ । ଅନ୍ତିମ ଯୁଗଟି ଏକ ସଂକ୍ଷିପ୍ତ ଯୁଗ ହେବ - ପରିସମାପ୍ତିର ଏକ ଦ୍ରୁତ କାର୍ଯ୍ୟ । ଆଉ, କେବଳ ତାହା ଏତିକି ହିଁ ନୁହେଁ, ମାତ୍ର ଏହା ସଦାସର୍ବଦା ସ୍ମରଣ ରଖିବା ଆବଶ୍ୟକ ଯେ ପରମେଶ୍ୱରଙ୍କର ଦୃଷ୍ଟିରେ ସମୟ ଅତ୍ୟନ୍ତ କ୍ଷଣସ୍ଥାୟୀ ଅଟେ, ହଁ, ଏକ ସହସ୍ର ବର୍ଷ କେବଳ ଗୋଟିଏ ମାତ୍ର ଦିନ ଅଟେ । ତେବେ, ସେ ଯଦି କେତେକ ଘଣ୍ଟା ଭିତରେ ହିଁ ଆସୁଅଛନ୍ତି ଯେପରିକି ସେ ସମୟକୁ ଦୃଷ୍ଟି କରନ୍ତି, ତାହାହେଲେ ସେ ନିଶ୍ଚିତରୂପେ ସମସ୍ତ ଗୁରୁତ୍ୱ ସହକାରେ ଆମକୁ ଚେତାବନୀ ପ୍ରଦାନ କରିବା ଆବଶ୍ୟକ ଏବଂ ସେହି ଆଗମନ ନିମନ୍ତେ ଆମେ ପ୍ରସ୍ତୁତ ରହିବା ପାଇଁ ତାହାଙ୍କର ରବ ଆମ ହୃଦୟ ମଧ୍ୟରେ ନିରବଚ୍ଛିନ୍ନଭାବେ ଶବ୍ଦାୟିତ ହେବା ଆବଶ୍ୟକ ।

ଓଃ, ପୃଥିବୀରେ ଅନେକଗୁଡ଼ିଏ ସ୍ୱର ବା ରବ ରହିଛି - ଅସଂଖ୍ୟ ସମସ୍ୟା ତଥା ଆବଶ୍ୟକତାସବୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଡ଼ାକ ଛାଡୁଛନ୍ତି ; ମାତ୍ର ଆତ୍ମାଙ୍କର ରବ ସଦୃଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ମନଯୋଗୀ ଅନ୍ୟ କୌଣସି ରବ କଦାପି ହେବ ନାହିଁ । ଅତଏବ, "ମଣ୍ଡଳୀଗଣକୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।"

ଉପଦେଶ ଦାତା

ୱିଲିୟମ୍ ମାରିଅନ୍ ବ୍ରାନହାମ୍

"... ତାଙ୍କର ରବ ଦେବା ଦିନରେ ..." ପ୍ରକା.୧୦: ୭

www.messagehub.info